

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୦ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 20 MARCH 2024
Vol.No. 35 ■ No.79 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଏନ୍‌ଡିଏରେ ଫାଟ: ମୋଦିଙ୍କ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଲେ ପଶୁପତି ପାରସ



ନୂଆଦିଲ୍ଲୀ, ୧୯/୩ : ବିହାର ରାଜନୀତିରେ ବଡ଼ ହଲଚଲ, କେନ୍ଦ୍ର ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଲେ ପଶୁପତି ପାରସ । ଲୋକସଭା ଆସନ ଭାଗବଂଟାକୁ ନେଇ ଅସନ୍ତୁଷ୍ଟ ଥିବା ବେଳେ ସୋମବାର ଏନଡିଏ ଛାଡିବା ସହିତ କେନ୍ଦ୍ରମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ପଶୁପତି । ଏନେଇ ନିଜର ଅସନ୍ତୋଷ ଜାହିର କରିବା ସହିତ ପଶୁପତି କହିଛନ୍ତି ଯେ ଏଲଜେପି ସହ ଅନ୍ୟାୟ ହୋଇଛି । ବିହାର ରାଜନୀତିରେ ବଡ଼ ହଲଚଲ, କେନ୍ଦ୍ର ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଲେ ପଶୁପତି ପାରସ । ଲୋକସଭା ଆସନ ଭାଗବଂଟାକୁ ନେଇ ଅସନ୍ତୁଷ୍ଟ ଥିବା ବେଳେ ଆଜି ଏନଡିଏ ଛାଡିବା ସହିତ କେନ୍ଦ୍ରମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ପଶୁପତି । ଏନେଇ ନିଜର ଅସନ୍ତୋଷ ଜାହିର କରିବା ସହିତ ପଶୁପତି କହିଛନ୍ତି ଯେ ଏନଡିଏ ଏଲଜେପି ସହ ଅନ୍ୟାୟ କରିଥିବା ବେଳେ ଗୋଟିଏ ବି ଆସନ ଦେଲାନାହିଁ । ବାଧ ହୋଇ ଆମେ ଶେଷରେ ଏନଡିଏ ଛାଡୁଛୁ । ଏନଡିଏର ହାତ ଛାଡିବା ପରେ ଖୁବଶୀଘ୍ର ପଶୁପତି ପାରସ ବିରୋଧୀ ଇଣ୍ଡିଆ ମେଂଟରେ ସାମିଲ ହୋଇପାରନ୍ତି । ଗତନିର୍ବାଚନ ତୁଳନାରେ ଏଥରକ କିନ୍ତୁ ବଦଳିଛି ଚିତ୍ର । ଏଲଜେପିକୁ ଭାଗ କରି ନିଜ ପଟକୁ ଅଧିକ ବିଧାୟକଙ୍କୁ ଆଣି ବିଜେପିର ସହଯୋଗୀ ହୋଇଥିଲେ ପାରସ । କିନ୍ତୁ ବିହାରରେ ନଜ ଦବଦବା ଜାହିର ବାଜି ମାରିଥିଲେ ଚିରାଗ ପାଶୱାନ । ତେଣୁ ନିର୍ବାଚନୀ ଫାଇଦା ପାଇଁ ବିଜେପି ଏଣିକି କାକାଙ୍କୁ ପଛରେ ରଖି ପୁତୁରାଙ୍କୁ ପ୍ରାଧାନ୍ୟ ଦେଇଛି । ସୋମବାର ବିଜେପି ନେତୃତ୍ୱାଧୀନ ଏନଡିଏ ବିହାରରେ ଆସନ ଭାଗବଂଟା ଘୋଷଣା କରିଥିବା ବେଳେ ବିଜେପିକୁ ୧୭, ଜେଡିୟୁକୁ ୧୬, ଚିରାଗ ପାଶୱାନଙ୍କ ଏଲଜେପିକୁ ୫ଟି ଆସନ ମିଳିଥିବା ବେଳେ ଅନ୍ୟତମ ସହଯୋଗୀ ହମ୍ ଓ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚାକୁ ୧ଟି ଲେଖାଏଁ ସିଟ୍ ମିଳିଥିଲା । ଏହି ଆସନ ଭାଗବଂଟାରେ ପଶୁପତି ପାରସଙ୍କ ଦଳକୁ ମିଳିନଥିଲା ଗୋଟିଏ ବି ଆସନ । ଯେଉଁଥିରେ ଅସନ୍ତୋଷ ପ୍ରକାଶ କରି ଏନଡିଏର ହାତ ଛାଡ଼ିଛନ୍ତି ପାରସ ।

## ସିଏଏ ଉପରେ ସ୍ଥଗିତାଦେଶ ଜାରି କଲେନି: କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମ କୋର୍ଟ




ନୂଆଦିଲ୍ଲୀ, ୧୯/୩ : ନାଗରିକତା ସଂଶୋଧନ ଆଇନ ବା ସିଏଏ କାର୍ଯ୍ୟକାରିତା ଉପରେ ଲାଗିବନି ରୋକ୍। ଆଜି ସର୍ବୋଚ୍ଚ ଅଦାଲତ ଶୁଣାଣି କରି ସିଏଏ ସ୍ଥଗିତ ରଖିବାକୁ ହୋଇଥିବା ଆବେଦନକୁ ଖାରଜ କରି ଦେଇଛନ୍ତି। ତଥାପି, ସୁପ୍ରିମକୋର୍ଟ ଏନେଇ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ୨୩୭ଟି ଆବେଦନ ଉପରେ ଜବାବ ଦେବାକୁ କୋର୍ଟ ସରକାରଙ୍କୁ ତିନି ସପ୍ତାହ ସମୟ ଦେଇଛନ୍ତି। ଚଳିତ ବର୍ଷ ମାର୍ଚ୍ଚ ୧୧ରେ କେନ୍ଦ୍ର ସରକାର ସିଏଏ ଲାଗୁ କରାଯିବା ନେଇ ଘୋଷଣା କରିଥିଲେ। ଏହି ଆଇନ ଅନୁସାରେ, ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରେ ଧାର୍ମିକ ନିର୍ଯାତନାର ଶିକାର ହୋଇ ଭାରତରେ ଶରଣାର୍ଥୀ ଜୀବନ କାଟୁଥିବା ବ୍ୟକ୍ତିଙ୍କୁ ଭାରତର ନାଗରିକତା ମିଳିବ। ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଭାରତରେ ଥିବା ମୁସଲିମଙ୍କୁ ଛାଡ଼ି ଅନ୍ୟ ଦେଶର ନାଗରିକଙ୍କୁ ସରକାର ନାଗରିକତା ପ୍ରଦାନ କରିବେ। ସେହିପରି ଗତବର୍ଷ ଭାରତରେ ରହୁଥିବା ଶରଣାର୍ଥୀ ଓ ଗତ ୧୪ ବର୍ଷ ମଧରେ ୫ ବର୍ଷ ଭାରତରେ ଜୀବନ କାଟିଥିବା ଲୋକଙ୍କୁ ମଧ ନାଗରିକତା ଦିଆଯିବ। ଏଥିରେ ଆସାମ, ମେଘାଳୟ, ମିଜୋରାମ ଓ ତ୍ରିପୁରାର ଆଦିବାସୀ ଅଞ୍ଚଳକୁ ବାଦ ଦିଆଯାଇଛି। ଆଇନରେ ନିର୍ଦ୍ଦିଷ୍ଟ କିଛି ଧର୍ମ ଏବଂ ସମ୍ପ୍ରଦାୟର ବ୍ୟକ୍ତିବିଶେଷଙ୍କୁ ▶▶ପୃଷ୍ଠା ୭

## ପିଇଓଙ୍କଠାରୁ ୪.୬୪ ଲକ୍ଷ ଟଙ୍କା ଲୁଟ୍



ବଲାଙ୍ଗୀର, ୧୯/୩ (ନି.ପ୍ର): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି-ବଙ୍ଗୋମୁଣ୍ଡା ୪୨ ନମ୍ବର ରାଜ୍ୟ ରାଜପଥର ଦନ୍ଦରା ନିକଟରେ ବଙ୍ଗୋମୁଣ୍ଡା ପଞ୍ଚାୟତର ପିଇଓ ସତ୍ୟ କୁମାର ଘିଭେଲାଙ୍କଠାରୁ ୪ ଲକ୍ଷ ୬୪ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ପିଇଓ ସତ୍ୟ କୁମାର ଘିଭେଲା ଓ ତାଙ୍କର ଜଣେ ସହଯୋଗୀ ଆଜି ବଙ୍ଗୋମୁଣ୍ଡା ସ୍ଥିତ ଏସ୍‌ବିଆଇକୁ ଯାଇଥିଲେ। ସେଠାରୁ ସତ୍ୟ କୁମାର ଘିଭେଲା ୪ ଲକ୍ଷ ୬୪ ଟଙ୍କା ଉଠାଇଥିଲେ। ଆସନ୍ତାକାଲି ଭତ୍ତା ଦେବାକୁ ସେ ଏହି ଟଙ୍କା ଉଠାଇଥିଲେ। ଟଙ୍କା ଉଠାଇବା ପରେ ସେ ବାଇକ୍ ଯୋଗେ କଣ୍ଟାବାଞ୍ଜି ସ୍ଥିତ ନିଜ ଘରକୁ ଯାଉଥିଲେ। ପିଇଓ ସତ୍ୟ କୁମାର ଘିଭେଲା ଓ ତାଙ୍କର ସହଯୋଗୀ ବାଇକରେ କଣ୍ଟାବାଞ୍ଜି ଅଭିମୁଖେ ଯାଉଥିବା ବେଳେ ▶▶ପୃଷ୍ଠା ୭

## ଝୁଲନ୍ତା ଅବସ୍ଥାରେ ଯୁବତୀଙ୍କ ମୃତଦେହ ଉଦ୍ଧାର

ଯାଜପୁର, ୧୯/୩ (ନି.ପ୍ର): ଭଡ଼ା ଘରୁ ଝୁଲନ୍ତା ଅବସ୍ଥାରେ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି। ଯାଜପୁର ଜିଲ୍ଲାରୁ ଆସିଛି ଏପରି ଅଭିଯୋଗ। ପୁଲିସ୍ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି। ନୂଆପଡା ଗାଁର ବାସୁଦେବ ସାହୁଙ୍କ ଝିଅ ପ୍ରିୟଙ୍କା ସାହୁ ଯାଜପୁର ରୋଡ୍‌ରେ ଥିବା ଏକ ହୋଟେଲରେ କାମ କରନ୍ତି। ଅନ୍ୟ ମହିଳାଙ୍କ ସହ ସେ ପାଣିକୋଇଲି ଥାନା ସନ୍ତରା ଗାଁରେ ଏକ ଭଡ଼ା ଘରେ ରହୁଥିଲେ। ଆଜି ସକାଳେ ସମସ୍ତେ କାମ କରିବା ପାଇଁ ହୋଟେଲ୍‌କୁ ଯାଇଥିଲେ। ହେଲେ ପ୍ରିୟଙ୍କା ଯାଇନଥିଲେ। ଭଡ଼ା ଘରେ ଏକାକୀ ରହିଥିଲେ। ଅପରାହ୍ନରେ ସାଥୀ ମହିଳାମାନେ ହୋଟେଲ୍‌ରୁ ଭଡ଼ା ଘରକୁ ଫେରିଥିଲେ। ▶▶ପୃଷ୍ଠା ୭

## ବ୍ଲାକରୋଜ ଜାହାଜ ବୁଡ଼ି ମାମଲା: ସତ୍ୟପାଠ ଦାଖଲ କଲା ସିବିଆଇ



ଭୁବନେଶ୍ୱର, ୧୯/୩ (ନି.ପ୍ର): ବ୍ଲାକରୋଜ ଜାହାଜ ବୁଡ଼ି ଘଟଣାର ସିବିଆଇ ତଦନ୍ତ ଦାବି ସଂପର୍କିତ ମାମଲାରେ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛି ସିବିଆଇ । ଏହି ମାମଲାର ତଦନ୍ତ ଅନୁମତି ପାଇଁ ରାଜ୍ୟ ସରକାରଙ୍କୁ ଦୁଇ ଥର ଅନୁରୋଧ କରାଯାଇଥିବା ସତ୍ତ୍ୱେ ରାଜ୍ୟ ସରକାର ଅନୁମତି ଦେଇ ନ ଥିବା ସିବିଆଇ ନିଜ ସତ୍ୟପାଠରେ ଦର୍ଶାଇଛି। ଦୁଇ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ୨୦୦୯ ସେପ୍ଟେମ୍ବର ୯ ତାରିଖରେ ପାରାଦୀପ ସମୁଦ୍ର ଉପକୂଳରୁ ୫ କିଲୋମିଟର ଦୂରରେ ଭାରସାମ୍ୟ ହରାଇ ବୁଡ଼ିଯାଇଥିଲା ଜାହାଜ ବ୍ଲାକରୋଜ। ଏହି ଜାହାଜରେ ଥିଲା ୨୩,୫୦୦ ମେଟ୍ରିକ ଟନ୍ ଲୁହାପଥର। ଏଥିରେ ଜାହାଜର ଜଣେ ଯନ୍ତ୍ରୀଙ୍କ ମୃତ୍ୟୁ ମଧ ହୋଇଥିଲା। ଦୀର୍ଘ ଦିନ ଧରି ଜାହାଜଟି ସମୁଦ୍ରରେ ପଡ଼ି ରହିବାରୁ ସମୁଦ୍ରରେ ତେଲ ଭାସିଥିଲା। ହେଲେ ଏହି ଜାହାଜକୁ କୂଳକୁ ଆଣିବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନଥିଲା। ଏବେ ଜାହାଜଟି ପାଣିରେ ସମ୍ପୂର୍ଣ୍ଣ ବୁଡ଼ିଯାଇଛି। ସିବିଆଇ ପକ୍ଷରୁ ହାଇକୋର୍ଟରେ ଦାଖଲ ହୋଇଥିବା ସତ୍ୟପାଠରେ କୁହାଯାଇଛି, ବ୍ଲାକରୋଜ ସୋମାଲିଆର ଜାହାଜ ହୋଇଯାଇଥିବା ବେଳେ ଭାରତୀୟ ସମୁଦ୍ର ସୀମାରେ ବୁଡ଼ି ଯାଇଥିଲା। ତେଣୁ ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ଦୃଷ୍ଟିରେ ରଖି ଉକ୍ତ ଜାହାଜ ସମ୍ପର୍କରେ ବିସ୍ତୃତ ତଥ୍ୟ ସଂଗ୍ରହ କରିବାକୁ ୨୦୧୮ ମସିହାରେ ଏହି ଘଟଣାର ସିବିଆଇ ତଦନ୍ତ କରିବାକୁ ନିଷ୍ପତ୍ତି ନେଇଥିଲା ଜାହାଜ ମନ୍ତ୍ରାଳୟ । ଏନେଇ ପାରାଦୀପ ପୋର୍ଟ ଟ୍ରଷ୍ଟ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ଏହାପରେ ୨୦୧୯ ମସିହା ନଭେମ୍ବରରେ ସିବିଆଇ ପକ୍ଷରୁ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇ ଥିଲା। କିଛି ମାସ ପରେ ପୁନର୍ବାର ଏକ ଚିଠି ଦିଆଯାଇଥିଲା। ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ କୌଣସି ଅନୁମତି ଦିଆଯାଇ ନ ଥିଲା। ଅନ୍ୟ ଦେଶର ଜାହାଜ ଓଡ଼ିଶା ସୀମା ସମୁଦ୍ରରେ ବୁଡ଼ି ଯାଇଥିବା ବେଳେ ତା’ ସମ୍ପର୍କରେ ଅଧିକ ଖୋଳତାଡ଼ ▶▶ପୃଷ୍ଠା ୭

## ପୋଲ ତଳକୁ ଖସିଲା ବାଇକ୍: ୨ ମୃତ

ଗଜପତି, ୧୯/୩ (ନି.ପ୍ର): ପୋଲ ତଳକୁ ବାଇକ୍ ଖସି ପଡ଼ିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ଗଜପତି ଜିଲ୍ଲା ଆର. ଉଦୟଗିରିର ଡୁମ୍ବା ପାର୍କ ନିକଟରେ ଘଟିଛି ଏହି ଦୁର୍ଘଟଣା। ମୃତକ ଦ୍ୱୟ ହେଉଛନ୍ତି ଛେଳିଗଡ଼ ଗାଁର ମଣ୍ଟୁ ପାଲ୍ ଓ ଟୁକୁନା ସିଂ। ମଣ୍ଟୁ ଓ ଟୁକୁନା ଆଜି ବାଇକ୍ ଯୋଗେ ଛେଳିଗଡ଼ରୁ ଆର.ଉଦୟଗିରି ଅଭିମୁଖେ ଯାଉଥିଲେ। ଡୁମ୍ବା ପାର୍କ ନିକଟରେ ବୁଲାଣି ରାସ୍ତାରେ ବାଇକ୍ ?ଟି ଭାରସାମ୍ୟ ହରାଇ ଏକ ପୋଲରେ ପିଟି ହୋଇ ପ୍ରାୟ ୧୫ ଫୁଟ ତଳକୁ ଖସି ପଡ଼ିଥିଲା। ମଣ୍ଟୁ ପାଲ ଓ ଟୁକୁନା ସିଂଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚନ୍ଦ୍ରଗିରି ଡାକ୍ତରଖାନାକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

## କଳା ପଲସରରେ ଆସି ମହିଳାଙ୍କଠାରୁ ଝାମ୍ପି ନେଲେ ଏକ ଲକ୍ଷ ଟଙ୍କା




ବାଲେଶ୍ୱର, ୧୯/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ବଡ଼ବଜାର-ଅଗ୍ରୱାଲା ରାସ୍ତାର ଚନ୍ଦନା ପାଖରେ ଥିବା ପାର୍ବତୀ ଇଟାଭାଟି ନିକଟରୁ ଆଜି ଜଣେ ମହିଳାଙ୍କଠାରୁ ୧ ଲକ୍ଷ ୫ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । ଲୁଟ୍‌ର ଶିକାର ହୋଇଥିବା ମହିଳାଙ୍କ ନାଁ ମଞ୍ଜୁଲତା ପାଳ। ତାଙ୍କ ଘର ଜଳେଶ୍ୱର ବ୍ଲକ୍ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତର ପ୍ରହରାଜପୁର ଗାଁରେ। ଆଜି ଦିନ ପ୍ରାୟ ୧୧ଟା ବେଳେ ସେ ତାଙ୍କ ପଡ଼ୋଶୀ ବିଜୟ ମହାନ୍ତିଙ୍କ ସହିତ ଜଳେଶ୍ୱର ସ୍ଥିତ ଷ୍ଟେଟ ବ୍ୟାଙ୍କ ଶାଖାକୁ ଆସିଥିଲେ। କୌଣସି କାର୍ଯ୍ୟ ପାଇଁ ସେ ବ୍ୟାଙ୍କରୁ ୧ ଲକ୍ଷ ୫ ହଜାର ଟଙ୍କା ଉଠାଇ ଥିଲେ। ଦିନ ପ୍ରାୟ ସାଢ଼େ ୧୨ଟା ବେଳେ ସେ ଗାଁ ଅଭିମୁଖେ ଫେରୁଥିବା ବେଳେ ଜଳେଶ୍ୱର ବଡ଼ବଜାର-ଅଗ୍ରୱାଲା ରାସ୍ତାର ▶▶ପୃଷ୍ଠା ୭

## ଜେଏମଏମ ଛାଡି ସଙ୍ଗେ ସଙ୍ଗେ ବିଜେପିରେ ସାମିଲ ହେଲେ ସୀତା ସୋରେନ୍




ଝାଡଖଣ୍ଡ, ୧୯/୩ : ବିଜେପିରେ ସାମିଲ ହେଲେ ଜେଏମ୍‌ଏମ୍ (ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା)ର ପ୍ରମୁଖ ଶିବୁ ସୋରେନ୍‌ଙ୍କ ବଡ ବୋହୂ ସୀତା ସୋରେନ୍। କିଛି ସମୟ ପୂର୍ବେ ସେ ଜେଏମ୍‌ଏମ୍‌ର ପଦ ଓ ପ୍ରାଥମିକତା ସଦସ୍ୟରୁ ଇସ୍ତଫା ଦେଇଥିବା ନେଇ ଘୋଷଣା କରିଥିଲେ। ଏହାର ତୁରନ୍ତ ପରେ ସେ ବିଜେପିରେ ସାମିଲ ହୋଇଛନ୍ତି। ଝାଡଖଣ୍ଡ ବିଜେପିର ପ୍ରଦେଶ ପ୍ରଭାରୀ ତଥା ରାଜ୍ୟସଭା ସାଂସଦ ଲକ୍ଷ୍ମୀକାନ୍ତ ବାଜପେୟୀ ଓ ରାଷ୍ଟ୍ରୀୟ ମହାସଚିବ ବିନୋଦ ତାବଡେଙ୍କ ଉପସ୍ଥିତିରେ ▶▶ପୃଷ୍ଠା ୭

## ଯୋଗଗୁରୁ ବାବା ରାମଦେବଙ୍କୁ ‘ସୁପ୍ରିମ’ ଛାଟ: କୋର୍ଟ ଅବମାନନା ନୋଟିସ୍ ଜାରି



ନୂଆଦିଲ୍ଲୀ, ୧୯/୩ : ସୁପ୍ରିମକୋର୍ଟରୁ ଯୋଗଗୁରୁ ବାବା ରାମଦେବଙ୍କୁ ଆସିଲା ଡାକରା। କେବଳ ସେ ନୁହନ୍ତି ପତଞ୍ଜଳିର ମ୍ୟାନେଜିଂ ଡାଇରେକ୍ଟର ଆଚାର୍ଯ୍ୟ ବାଳକୃଷ୍ଣଙ୍କୁ ମଧ ସୁପ୍ରିମକୋର୍ଟ ନୋଟିସ ପଠାଇଛନ୍ତି। ଉଭୟଙ୍କ ବିରୋଧରେ ଅବମାନନା ନୋଟିସ ଜାରି କରାଯାଇଛି। ଏଥିସହ ଦୁଇ ସପ୍ତାହ ପରେ କୋର୍ଟରେ ହାଜର ହେବାକୁ ଉଭୟ ବାବା ରାମଦେବ ଓ ବାଳକୃଷ୍ଣଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପତଞ୍ଜଳି ଆୟୁର୍ବେଦର ବିଭ୍ରାନ୍ତିକର ବିଜ୍ଞାପନ ସମ୍ପର୍କରେ କୋର୍ଟ ▶▶ପୃଷ୍ଠା ୭

## ପିଏମ୍‌କେକୁ ୧୦ଟି ଆସନ ଦେଲା ବିଜେପି



ନୂଆଦିଲ୍ଲୀ, ୧୯/୩ : ୨୦୨୪ ଲୋକସଭା ନିର୍ବାଚନ ପାଇଁ ତାମିଲନାଡୁରେ ପିଏମ୍‌କେ ସହିତ ମେଣ୍ଟ କରିଛି ବିଜେପି। ଆଜି ଏହା ଚୂଡ଼ାନ୍ତ ହୋଇଛି। ମେଣ୍ଟ ସର୍ତ୍ତ ଅନୁସାରେ ପିଏମ୍‌କେକୁ ୧୦ଟି ଲୋକସଭା ଆସନ ଦେଇଛି ବିଜେପି। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏରେ ସାମିଲ ହୋଇ ଲୋକସଭା ନିର୍ବାଚନ ଲଢ଼ିବା ପାଇଁ ପିଏମ୍‌କେ ଇଚ୍ଛା ଜାହିର କରିବାର ଦିନକ ପରେ ଆସିଛି ଏହି ଖବର। ପିଏମ୍‌କେ ଅଧକ୍ଷ ଅଂବୁମଣି ରାମଦୋସ କହିଛନ୍ତି, ଦେଶର ଭଲ ପାଇଁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଶାସନ ଯେପରି ଜାରି ରହିବ, ସେଥିପାଇଁ ଆମେ ଏନ୍‌ଡିଏରେ ମିଶିଛୁ। ଏହା ଦ୍ୱାରା ରାଜ୍ୟରେ ପରିବର୍ତ୍ତନ ଆସିବ ବୋଲି ଆମର ବିଶ୍ୱାସ ରହିଛି। ଆମ ମେଣ୍ଟ କେବଳ ତାମିଲନାଡୁ ନୁହେଁ, ସାରା ଭାରତରେ ବଡ଼ ବିଜୟ ହାସଲ କରିବ। ପିଏମ୍‌କେର ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ତାମିଲନାଡୁ ବିଜେପି ମୁଖ୍ୟ କେ ଅନ୍ନାମଲାଇ। ସେ କହିଛନ୍ତି ଯେ ଏନ୍‌ଡିଏ ଏଥର ଲୋକସଭା ନିର୍ବାଚନରେ ବଡ଼ ବିଜୟ ହାସଲ କରିବ। ଏନ୍‌ଡିଏର ୪୦୦ରୁ ଅଧିକ ନେତା ଲୋକସଭାକୁ ନିର୍ବାଚିତ ହେବେ। ଏହା ପରେ ୨୦୨୬ରେ ରାଜ୍ୟ ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ହେବ।

## ମେଂଟ ଚର୍ଚ୍ଚାକୁ ନୂଆମୋଡ଼ ଦେଲେ ପାଣ୍ଡିଆନ: ବୃହତ୍ତର ଉଦ୍ଦେଶ୍ୟ ପାଇଁ ଏକାଠି ହେବାକୁ ଚାହାଁନ୍ତି ଦୁଇ ନେତା



ଭୁବନେଶ୍ୱର, ୧୯/୩ (ନି.ପ୍ର): ନିର୍ବାଚନୀ ବିଗୁଲ ବାଜିବା ପରେ ବି ରାଜ୍ୟରେ ବିଜେଡି-ବିଜେପି ସମ୍ଭାବ୍ୟ ମେଂଟକୁ ନେଇ ଜାରି ରହିଥିବା ଚର୍ଚ୍ଚାକୁ ଆଜି ନୂଆମୋଡ଼ ଦେଇଛନ୍ତି ବିଜେଡି ନେତା ଭିକେ ପାଣ୍ଡିଆନ। ଦେଶର ଦୁଇ ମହାନ ନେତା ବୃହତ୍ତର ଉଦ୍ଦେଶ୍ୟ ପାଇଁ ଏକାଠି ହେବାକୁ ଚାହାଁନ୍ତି । ଯାହାକି ରାଜନୀତିରୁ ଊର୍ଦ୍ଧ୍ୱରେ ଓ ଏହା ହିଁ ରାଷ୍ଟ୍ରନୀତି । ନିର୍ବାଚନୀ ଗଣିତ ପାଇଁ ବିଜେଡି କିମ୍ବା ବିଜେପି ଉଭୟଙ୍କୁ ମେଂଟର ଆବଶ୍ୟକତା ନାହିଁ ବୋଲି ପାଣ୍ଡିଆନ କହିଛନ୍ତି । ଏହାସହିତ ସମ୍ଭାବ୍ୟ ମେଂଟ ଚର୍ଚ୍ଚାରେ ସାମାନ୍ୟ ସ୍ୱଷ୍ଟତା ମଧ ସେ ଆଣିଛନ୍ତି। ଆଜି ନୂଆଦିଲ୍ଲୀରେ ଏକ ଜାତୀୟ ଟିଭି ଚ୍ୟାନେଲ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜେଡିର ଦ୍ୱିତୀୟ କ୍ଷମତାଶାଳୀ ନେତା ଭିକେ ପାଣ୍ଡିଆନ ମେଂଟକୁ ନେଇ ସିଧାସଳଖ କିଛି ପ୍ରତିକ୍ରିୟା ରଖିନାହାନ୍ତି। ମାତ୍ର ମେଂଟକୁ ନେଇ ଏକପ୍ରକାର ସ୍ପଷ୍ଟ ଚିତ୍ର ଦେଇଛନ୍ତି । ମେଂଟକୁ ନେଇ ଯାହା କିଛି ହେବ ତାହା ସମସ୍ତେ ଜାଣିବା ବୋଲି କହିଛନ୍ତି । ରାଜ୍ୟରେ ବିଜେପି ଓ ବିଜେଡି ମଧରେ ନିର୍ବାଚନୀ ମେଂଟକୁ ନେଇ ଚାଲିଥିବା ଚର୍ଚ୍ଚା ସମ୍ପର୍କିତ ପ୍ରଶ୍ନର ଉତ୍ତର ରଖି ପାଣ୍ଡିଆନ କହିଛନ୍ତି ଯେ, ରାଜ୍ୟରେ ବିଜେଡିକୁ ନିର୍ବାଚନୀ ଗଣିତ ପାଇଁ ବିଜେପିର ଆବଶ୍ୟକତା ନାହିଁ । ସେହିପରି କେନ୍ଦ୍ରରେ ମଧ ସରକାର ଗଢ଼ିବା ପାଇଁ ବିଜେପିକୁ ବିଜେଡିର ସହଯୋଗ ଦରକାର ବୋଲି ସେ ଭାବୁନାହାନ୍ତି। ନବୀନ ପଟ୍ଟନାୟକଙ୍କୁ ପୁଣିଥରେ କ୍ଷମତାକୁ ଫେରିବା ଓ ଲୋକଙ୍କ ସେବା କରିବା ପାଇଁ ମେଂଟର ଆବଶ୍ୟକତା ନାହିଁ। ବିଜେଡି କ୍ରମାଗତ ଭାବେ ରାଜ୍ୟରେ ତିନିଚତୁର୍ଥାଂଶ ଆସନ ଜିତିବାରେ ସକ୍ଷମ ହେଉଛି । ଗତ ପଂଚାୟତ ନିର୍ବାଚନରେ ୯୦ ପ୍ରତିଶତ ଆସନ ବିଜେଡିକୁ ମିଳିଥିଲା। ବିଜେପିକୁ ମାତ୍ର ୫ ପ୍ରତିଶତ ମିଳିଥିଲା । ନବୀନ ପଟ୍ଟନାୟକ ସର୍ବାଧିକ ଲୋକପ୍ରିୟ ନେତା ।

▶▶ପୃଷ୍ଠା ୭

# ଟ୍ରକ ମାଲିକ ସଙ୍ଘର କେନ୍ଦୁଝର ଜିଲ୍ଲା ବନ୍ଦ ଡାକରା ସଂପୂର୍ଣ୍ଣ ସଫଳ

କେନ୍ଦୁଝର , ୧୯/୩ (ନି.ପ୍ର): କେନ୍ଦୁଝର ଜିଲ୍ଲା ଶୁଆକାଟୀସ୍ଥିତ ଓଏମସି ଗନ୍ଧମାର୍ଦ୍ଦନ ଖଣି ଠାରୁ ଗୁହାଳଡିହି ସାଇଡିଂ ପର୍ଯ୍ୟନ୍ତ ରେଳ ଲାଇନ ପ୍ରକଳ୍ପକୁ ବିରୋଧ କରି କେନ୍ଦୁଝର ଜିଲ୍ଲା ଟ୍ରକ ମାଲିକ ସଙ୍ଘ ପକ୍ଷରୁ ଦିଆଯାଇଥିବା ୨୪ ଘଣ୍ଟିଆ ବନ୍ଦ ଡାକରା ସଫଳ ହୋଇଛି । ସୋମବାର ଦିନ ବନ୍ଦ ପାଇଁ ଏହି ଡକରା ଦିଆଯାଇଥିଲା । ଫଳରେ ଜିଲ୍ଲାର ପ୍ରାୟ ସମସ୍ତ ଅଂଚଳରେ ଏହି ବନ୍ଦ ପାଳନ ହୋଇଥିବା ବେଳେ ସହରର ବ୍ୟାଙ୍କ , ଦୋକାନ ବଜାର , ପରିବା ବଜାର , ପୋଟ୍ରୋଲ ପମ୍ପ , ପରୀକ୍ଷା ନଥିବା ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ , ଆଦି ବନ୍ଦ ଥିବା ଦେଖିବାକୁ ମିଳିଥିଲା । ଘରୋଇ ବସ ସଙ୍ଘ ଠାରୁ ଆରମ୍ଭ କରି ଏକାଧିକ ସଂଗଠନ ଏହି ବନ୍ଦକୁ ସମର୍ଥନ କରିଛନ୍ତି । ବସ ଚଳାଚଳ ବନ୍ଦ ରହିଛି । ଜିଲ୍ଲା ଦୌରା ଜଜ ଙ୍କ କୋର୍ଟ ସମ୍ମୁଖରେ ଟ୍ରକ ମାଲିକମାନେ ପିକେଟିଂ କରୁଥିବା ବେଳେ ମାନ୍ୟବର ଜଜ୍ ମାନେ ସେଠାରେ ପହଂଚିଥିଲେ । କିନ୍ତୁ ଟ୍ରକ ମାଲିକମାନେ ମାନ୍ୟବର ଜଜ ମାନଙ୍କୁ ହାତଯୋଡି ଦିନକ ପାଇଁ କୋର୍ଟକୁ ନ ଯିବାକୁ କରିଥିବା ଅନୁରୋଧକୁ ରକ୍ଷାକରି ସେମାନେ ଫେରିଯାଇଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ଟ୍ରକ ମାଲିକଙ୍କ କହିବା କଥା ହେଲା ଯେ ଟ୍ରକ ବ୍ୟବସାୟ ହୋଉଛି ଜିଲ୍ଲାର ଭାତହାଣ୍ଡି । ଏହି ବ୍ୟବସାୟ ସହ ପ୍ରତ୍ୟକ୍ଷ ଓ ପରୋକ୍ଷରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ସଂପୃକ୍ତ ରହିଛନ୍ତି । ଅନେକ ଶିକ୍ଷିତ ବେକାର କରି ପେଟ ପୋଷିବା ତଥା ପରିବାରର ଭରଣପୋଷଣ ପାଇଁ ଲୋନ ଓ ଧାର କରଜ କରି ଟ୍ରକ ବ୍ୟବସାୟ କରୁଛନ୍ତି । ଯଦି ଶୁଆକାଟୀ - ଗୁହାଳଡିହି ରେଳ ପ୍ରକଳ୍ପ ଯୋଗୁଁ ଟ୍ରେନ ରେ ଖଣିଜ ପରିବହନ ହେଲେସେମାନଙ୍କର ଭାତହାଣ୍ଡି ଭୁଷୁଡିପଡିବ ବୋଲି ସେମାନେ କହିଛନ୍ତି । ସେଥିପାଇଁ ସେମାନେ ଏହି ରେଳ ପ୍ରକଳ୍ପକୁ ବନ୍ଦ କରିବାକୁ ଅନୁରୋଧ କରଛନ୍ତି । ଅନ୍ୟ ପକ୍ଷରେ ସେହି ଅର୍ଥରେ ସେଠାରେ ଏକ ରାଜପଥ ନିର୍ମାଣ କରାଯିବା ସପକ୍ଷରେ ସେମାନେ ମତ ବ୍ୟକ୍ତ କରିଛନ୍ତି । ସକାଳୁ ସକାଳୁ ଶହ ଶହ ଟ୍ରକ ମାଲିକ କେନ୍ଦୁଝର କେନ୍ଦୁଝର ରେଳ ଷ୍ଟେସନ ଠାରେ କେନ୍ଦୁଝର – ଖୋର୍ଦ୍ଧା ରୋଡ ପାସେଜଂର ଟ୍ରେନ ସହ ମାଲବାହି ଟ୍ରେନ କୁ ଅଟକାଇଥିଲେ । ପରେ ପାସେଜଂର ମାନଙ୍କ ହିତ ଦୃଷ୍ଟିରୁ କେନ୍ଦୁଝର- ଖୋର୍ଦ୍ଧ ରୋଡ ଟ୍ରେନକୁ ଛାଡି ଦେଇଥିଲେ ମଧ୍ୟ ମାଲବାହୀ ସମସ୍ତ ଟ୍ରେନକୁ ଅଟାଇକାଇ ରଖିଥିଲେ । ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଓ ୨୦ ନମ୍ବର ଜାତୀୟ ରାଜପଥ ବିଭିନ୍ନ ସ୍ଥାନରେ ଶହ ଶହ ଟ୍ରକ ଅଟକି ରହିଥିଲା । ଜିଲ୍ଲାର ଆନନ୍ଦପୁର , ଘଟଗାଂ , ତୁରୁମୁଙ୍ଗା , ତେଲକୋଇ , ଶୁଆକାଟୀ , ଝୁମ୍ପୁରା ଆଦି ଅଂଚଳରେ ଦୋକାନ ବଜାର ମଧ୍ୟ ବନ୍ଦ ରହିଥିଲା । ଏହି ବନ୍ଦକୁ ଅନେକ ଦଳୀୟ ନେତୃବୃନ୍ଦ ଓ ଜନସାଧାରଣ ସ୍ୱତପ୍ରବୃତ ସମର୍ଥ ଦେଇଥିଲେ । ରେଳ ପ୍ରକଳ୍ପକୁ ବିରୋଧ କରି ଟ୍ରକ ମାଲିକମାନେ ଏହି ବନ୍ଦ ପାଳନ କରିଥିବା ବେଳେ , ମୋଟ ଉପରେ ଜିଲ୍ଲାରେ ଏହି ବନ୍ଦ ସଂପୂର୍ଣ୍ଣ ସଫଳ ହୋଇଛି ।

# ଖାଇଗଲାଣି ନଦୀବନ୍ଧ: ଖସିଲା ଶହେ ଫୁଟର ଅତଡ଼ା

ଚାନ୍ଦବାଲି , ୧୯/୩ (ନି.ପ୍ର): ଧସିଲା ନଦୀବନ୍ଧ। ଆତଙ୍କିତ ଅବସ୍ଥାରେ ଗ୍ରାମବାସୀ। ଭଦ୍ରକ ଜିଲ୍ଲା ଚାନ୍ଦବାଲି ଧାମରା ମନ୍ଦିର ନିକଟରେ ୧୦୦ ଫୁଟର ଅତଡ଼ା ଖସିଛି। ନଦୀବନ୍ଧ ସମ୍ପୂର୍ଣ ଖାଇଯିବା ଫଳରେ ଆତଙ୍କିତ ଅବସ୍ଥାରେ ଅଛନ୍ତି ନଦୀକୂଳିଆ ବାସିନ୍ଦା। ଏହି ନଦୀବନ୍ଧ ଦେଇ ଯାତାୟାତ କରିବା ନିମନ୍ତେ ୪ ୱାର୍ଡବାସୀ ନିର୍ଭର କରିଥାନ୍ତି। ତେଣୁ ନଦୀ ବନ୍ଧ ଧସିଗଲେ ଶତାଧିକ ଲୋକଙ୍କ ଯାତାୟତ ବାଧାପ୍ରାପ୍ତ ହେବ । ନଦୀବନ୍ଧ ଧସି ଯାଇଥିଲେ ମଧ ଜଳସମ୍ପଦ ବିଭାଗର କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନାହାନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଧାମରା ମନ୍ଦିର ନିକଟବର୍ତ୍ତୀ ଅଞ୍ଚଳ ବଙ୍ଗୋପସାଗର ମୁହାଣରେ ଅବସ୍ଥିତ। ତେଣୁ ଯେକୌଣସି ମୁହୂର୍ତ୍ତରେ ଏହି ନଦୀବନ୍ଧ ସମ୍ପୂର୍ଣ ଧସିଯିବା ଆଶଙ୍କାରେ ଦିନ କାଟୁଛନ୍ତି ପରିବାର। ନଦୀବନ୍ଧ ସମ୍ପୂର୍ଣ ଧସିଗଲେ ହଜାର ହଜାର ଏକର ଜମିରେ ଲୁଣା ପାଣି ମାଡିଯିବା ସହ କେତେ ଲୋକ ନିଜର ବାସସ୍ଥାନ ହରାଇବେ ତାହା ଆକଳନ କରିବା କଷ୍ଟ ହୋଇପଡିଛି। ତୁରନ୍ତ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇ ଏହି ନଦୀବନ୍ଧକୁ ସୁଦୃଢ଼ୀକରଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସରକାର ନଦୀବନ୍ଧ ଯୋଜନା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସେ ସବୁ ଅର୍ଥ କେବଳ ପାଣିରେ ପଡୁଛି, ଯାହା ଫଳରେ ସବୁ ସମୟରେ ଅଞ୍ଚଳବାସୀ ଦିନ କାଟୁଛନ୍ତି।

# ଅଙ୍ଗନୱାଡ଼ି କେନ୍ଦ୍ର ପ୍ରତିଷ୍ଠା ପାଇଁ ଦାବି

କେନ୍ଦ୍ରାପଡ଼ା, ୧୯/୩ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୁତରଙ୍ଗ ରାଜସ୍ୱ ଗ୍ରାମର ଗ୍ରାମବାସୀମାନେ ଜଣାଇଛନ୍ତି ଯେ, ତାଙ୍କ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ନଥିବାରୁ ସେଠାରୁ ୩ କି.ମି ଦୂର ଅନ୍ୟ ଏକ ରାଜସ୍ୱ ଗ୍ରାମ ବିଷ୍ଣୁଦାସପୁର ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ଶିଶୁମାନେ ଯିବାଆସିବା ଅତି କଷ୍ଟକର ହେଉଛି। ଏବଂ ଦୃତଗାମୀ ଗାଡି ଯିବା ଆସିବା କରିବା ସହିତ ବାଟରେ ବଜାର ଓ ବହୁ ଗଡିଆ ପୋଖରୀ ଥିବାରୁ ଶିଶୁ ମାନଙ୍କର ଯିବା ଆସିବା ବିପଦ ଜନକ ହୋଇଛି । ତେଣୁ କୁତରଙ୍ଗ ରାଜସ୍ୱ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରିବାକୁ ଦିପ୍ତିମୟୀ ସ୍ୱାଇଁ, ସବିତା ସ୍ୱାଇଁ, ପ୍ରଫୁଲ୍ଲ ସ୍ୱାଇଁ, ବିଜୟ କୁମାର ସ୍ୱାଇଁ, ନୀଳମଣି ଜେନା, ତୃପ୍ତିମୟୀ ଲେଙ୍କା, ଲକ୍ଷ୍ମୀପ୍ରଭା ଜେନା, ପ୍ରମିଳା ସ୍ୱାଇଁ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

# ତ୍ରିଦିବସୀୟ ପତଞ୍ଜଳି ଯୋଗ ଓ ଧ୍ୟାନ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର, ୧୯/୩ (ନି.ପ୍ର): ରାଧାକୃଷ୍ଣ ଯୋଗଶାଳା ଓ ଲିଙ୍ଗରାଜ ବିହାର ୱେଲଫେୟାର ଆସୋସିଏସନ୍ ସହଯୋଗରେ ଭୁବନେଶ୍ୱର ଲିଙ୍ଗରାଜ ବିହାର ଦୁର୍ଗା ମଣ୍ଡପ ପଡ଼ିଆରେ ଏକ ତ୍ରିଦିବସୀୟ ପତଞ୍ଜଳି ଯୋଗ ଓ ଧ୍ୟାନ ଶିବିର ଆୟୋଜିତ ହୋଇ ଯାଇଛି । ଆଜି ଶିବିରର ଉଦଯାପନୀ ଦିବସରେ ଏଗାର କୁଣ୍ଡୀୟ ପ୍ରାତଃ ଯଜ୍ଞ ଓ ମଙ୍ଗଳାଚରଣ ରାଷ୍ଟ୍ର ବନ୍ଦନା ଗାନ ସହ ଯୋଗ ସାଧନା ଆରମ୍ଭ ହୋଇଥିଲା । ଏକ ଭବ୍ୟ ଓ ଦିବ୍ୟ ବାତାବରଣ ମଧ୍ୟରେ ଯୋଗ ବିଶାରଦ ତଥା ପତଞ୍ଜଳି ଯୋଗପୀଠ ଓଡ଼ିଶା ରାଜ୍ୟ ପ୍ରଭାରୀ ଶ୍ରୀଯୁକ୍ତ ସୁଧାଂଶୁ ଅଧିକାରୀଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଯୋଗ ଓ ଧ୍ୟାନ ଶିବିରର ଅନ୍ତିମ ଦିନର ସାଧନା ସମାପନ ହୋଇଥିଲା । ଏହି ଅବସରରେ ସେ ଆମ ସମସ୍ତଙ୍କର ଦୈନନ୍ଦିନ ଜୀବନରେ ଯୋଗ, ଯଜ୍ଞ ଓ ଧ୍ୟାନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ଏକ ସଙ୍ଗୀତମୟ ବାତାବରଣ ମଧ୍ୟରେ ଉପସ୍ଥିତ ଯୋଗାଭ୍ୟାସୀ ମାନେ ଏହି ଶିବିରକୁ ଖୁବ୍ ଉପଭୋଗ କରିଥିଲେ । ମାମି ମମତା ମହାନ୍ତି, ମଧୁସ୍ମିତା ସେଠୀ ଓ ନମିତା ମିଶ୍ର ମଂଚ ଉପରେ ଗୀତା ପାଠ କରିଥିଲେ । ପତଞ୍ଜଳି ଯୋଗପୀଠ ହରିଦ୍ୱାର ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଏହି ତ୍ରିଦିବସୀୟ ଯୋଗ ଶିବିରରେ ପାଂଚ ଶହରୁ ଉର୍ଦ୍ଧ୍ୱ ଯୋଗାଭ୍ୟାସୀ ଯୋଗ ଦେଇଥିଲେ । ରାଧାକୃଷ୍ଣ ଯୋଗ କେନ୍ଦ୍ର ପରିଚାଳିକା ଶ୍ରୀମତୀ ମାମି ମମତା ମହାନ୍ତି, ସୁଜାତା ରାଓ, ବିଜୟଲକ୍ଷ୍ମୀ ବେହେରା ଓ ଅନ୍ୟ ସହଯୋଗୀ ଭଉଣୀମାନେ ଶିବିରର ସମସ୍ତ ଆୟୋଜନରେ ସହଭାଗୀ ହୋଇଥିଲେ । ଶିବିରାର୍ଥୀଙ୍କ ପାଇଁ ନିଃଶୁଳ୍କ ବୈଦ୍ୟ ପରାମର୍ଶ ସହ ଆକ୍ୟୁପ୍ରେସର୍ ବ୍ୟବସ୍ଥା କରାଯାଇଥିଲା। ଏହି ତ୍ରିଦିବସୀୟ ଯୋଗ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ଚୌଧୁରୀ, ଶିଖା ନାୟକ, ଏନ୍ କେ ମିଶ୍ର , ଏନ୍ କେ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ । ଆଗାମୀ ଯୋଗ ଶିବିର ମାର୍ଚ୍ଚ ୨୯ ରୁ ଆରମ୍ଭ ହୋଇ ୩୧ ପର୍ଯ୍ୟନ୍ତ ବିଜେବି ନଗର ସ୍ଥିତ ବକ୍ସି ଜଗବନ୍ଧୁ ଯୋଗ କେନ୍ଦ୍ର ବିଡିଏ ପାର୍କରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି ।

# ରାଜନୈତିକ ଦଳର ଫୋକସ୍‌ରେ ସୁରତ: ଆସିଲା ଭୋଟ୍, ମନେପଡ଼ିଲେ ପ୍ରବାସୀ

ବ୍ରହ୍ମପୁର, ୧୯/୩ (ନି.ପ୍ର): ନିର୍ବାଚନ କମିସନ୍‌ଙ୍କ ଦ୍ୱାରା ଭୋଟ୍‌ଗ୍ରହଣ ତାରିଖ ଘୋଷଣା ପରେ ୨୦୨୪ ପାଇଁ ନିର୍ବାଚନ ବିଗୁଲ ବାଜି ସାରିଛି। ବିଜେଡି-ବିଜେପି ମଧ୍ୟରେ ମେଣ୍ଟ ଅଙ୍କ ଛିଣ୍ଡୁ ନଥିଲେ ମଧ ବିଭିନ୍ନ ରାଜନୈତିକ ଦଳ ଶେଷ ପର୍ଯ୍ୟାୟ ନିର୍ବାଚନ ପ୍ରସ୍ତୁତି ଆରମ୍ଭ କଲେଣି। ପ୍ରତ୍ୟେକ ଦଳ ନିଜ ନିଜର ସୁରକ୍ଷିତ ଭୋଟ୍ ବ୍ୟାଙ୍କ ଉପରେ ଏବେ ନଜର ପକାଇଛନ୍ତି। ଗଞ୍ଜାମ ଜିଲ୍ଲାରେ ନେତାଙ୍କ ସବୁଠାରୁ ଭରସାଯୋଗ୍ୟ ଭୋଟ୍ ବ୍ୟାଙ୍କ ହେଉଛନ୍ତି ପ୍ରବାସୀ ଓଡ଼ିଆ। ଏବେ ଭୋଟ୍ ସମୟ ଆସି ଯାଇଥିବାରୁ ପ୍ରବାସୀଙ୍କ କଥା ମନେପଡ଼ିଛି। ଗଞ୍ଜାମ ଜିଲ୍ଲାର ପ୍ରାୟ ୭ଲକ୍ଷ ଲୋକ ବିଭିନ୍ନ ରାଜ୍ୟରେ ଦାଦନ ଖଟୁଛନ୍ତି। ଯେଉଁମାନେ କି ପ୍ରତ୍ୟେକ ନିର୍ବାଚନ ସମୟରେ ନେତାଙ୍କ ଭାଗ୍ୟ ନିର୍ଦ୍ଧାରଣରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାନ୍ତି। ଗଞ୍ଜାମ ଜିଲ୍ଲାରେ କୃଷି ବ୍ୟତୀତ ସେଭଳି ଅନ୍ୟ କିଛି ବ୍ୟବସ୍ଥିତ ରୋଜଗାର ପନ୍ଥା ନାହିଁ। ହାତ ଗଣତି ଶିଳ୍ପ ସଂସ୍ଥାରେ ନିଯୁକ୍ତି ସୁଯୋଗ ନଥିବାରୁ ଜିଲ୍ଲାର ଲକ୍ଷାଧିକ ଲୋକ ବାହାର ରାଜ୍ୟରେ ଦାଦନ ଶ୍ରମିକ ଭାବେ କାମ କରି ପରିବାରର ଭରଣପୋଷଣ କରିଥାନ୍ତି। ଜିଲ୍ଲାର ପ୍ରାୟ ୭ଲକ୍ଷ ଲୋକ ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କେରଳ, ପଞ୍ଜାବ ପ୍ରଭୃତି ରାଜ୍ୟରେ କାମ କରୁଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୭୦ ଭାଗ ଲୋକ ଗୁଜରାଟର ସୁରତରେ ଥିବା ସୁତାକଳରେ କାମ କରନ୍ତି। କେବଳ ଗଞ୍ଜାମ ଜିଲ୍ଲା ନୁହେଁ, ଓଡ଼ିଶାର ବିଭିନ୍ନ ଜିଲ୍ଲାର ଲୋକମାନେ ସେଠାରେ କାମ ମଧ କରୁଛନ୍ତି। ଏଣୁ ସୁରତକୁ ମିନି ଓଡ଼ିଶା ମଧ କୁହାଯାଏ। ପ୍ରତିବର୍ଷ ଭୋଟ୍ ସମୟରେ ପ୍ରତ୍ୟେକ ରାଜନୈତିକ ଦଳର ନେତା ସୁରତରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ଭୋଟ୍ ଟାଣିବା ପାଇଁ ଉଦ୍ୟମ କରିଥାନ୍ତି। ଏଥର ରାଜନୈତିକ ଦଳଗୁଡ଼ିକ ସୁରତ ଉପରେ ସ୍ୱତନ୍ତ୍ର ଫୋକସ୍ କରିଛନ୍ତି। କାରଣ ସୁରତରେ ରହୁଥିବା ପ୍ରବାସୀ ଭୋଟ୍ ପ୍ରତ୍ୟେକ ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏପରିକି ଗତ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁରତରେ ଅୟୋଜିତ ଓଡ଼ିଶା ମହୋତ୍ସବ ଉଦ୍‌ଘାଟନ କରି ପରୋକ୍ଷରେ ପ୍ରବାସୀଙ୍କୁ ଭୋଟ୍ ଭିକ୍ଷା କରିଥିଲେ। ଗତ ୨୦୨୨ ପଞ୍ଚାୟତ ନିର୍ବାଚନରେ ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସର ନେତାମାନେ ସୁରତ ଯାଇ ପ୍ରବାସୀ ଓଡ଼ିଶାଙ୍କୁ ନିଜ ଆଡ଼କୁ ଆକର୍ଷିତ କରିଥିଲେ। ଟ୍ରେନ୍ ଟିକଟ ଠାରୁ ଆରମ୍ଭ କରି ବସ୍ ଭଡ଼ା କରି ପ୍ରବାସୀଙ୍କୁ ଗଞ୍ଜାମ ଜିଲ୍ଲାକୁ ଅଣାଯାଇଥିଲା। ଏବେ ସାଧାରଣ ନିର୍ବାଚନ ତାରିଖ ଘୋଷଣା ହେବା ପରେ ପୁଣିଥରେ ନେତାଏ ପ୍ରବାସୀଙ୍କୁ ଡାକ ପକାଇବେ। ଏଥିପାଇଁ ବିଜେଡି, ବିଜେପି ଓ କଂଗ୍ରେସ ତରଫରୁ ଦଳର କିଛି ନେତାଙ୍କୁ ଏ ନେଇ ସ୍ୱତନ୍ତ୍ର ଦାୟିତ୍ୱ ପ୍ରଦାନ କରାଯାଇଛି।

# ସଡ଼କ ଦୁର୍ଘଟଣା ଜଣେ ମୃତ ଜଣେ ଗୁରୁତର

ମାଲକାନଗିରି, ୧୯/୩ (ନି.ପ୍ର): ମାଲକାନଗିରି ଜିଲ୍ଲା ଏମଭି ୨୩ ଗ୍ରାମ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ମିଳିଥିବା ସୂଚନା ମୁତାବକ ବିଶାଖାପାଟଣା ଯାଉଥିବା ବସ ଓ ଲୁହା ବୋଝେଇ ପିକଅପ ଭ୍ୟାନ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଘଟଣାସ୍ଥଳରେ ବିଶାଖାପାଟଣା ବସ ଡ୍ରାଇଭରଙ୍କର ମୃତ୍ୟୁ ହୋଇଥିବାବେଳେ ପିକଅପ ଡ୍ରାଇଭର ଗୁରୁତର ହୋଇ କାଲିମେଳା ମେଡିକାଲରେ ଭର୍ତ୍ତି ହୋଇଛନ୍ତି ।

ସୂଚନା ଅନୁସାରେ ଆଜି ସନ୍ଧ୍ୟା ସମୟରେ ଏମଭି ୭୯ରୁ ଯାତ୍ରୀ ନେଇ ଓଡିଶା ରାଜ୍ୟ ପରିବହନ ନିଗମ ର ବସ ବିଶାଖାପାଟଣା ଯାଉଥିବା ବେଳେ ମାଲକାନଗିରିରୁ ଏକ ପିକଅପ ଭ୍ୟାନ ଲୁହା ପାଇପ ବୋଝେଇ କରି କାଲିମେଳା ଆସୁଥିବାବେଳେ ମାଲକାନଗିରି ମୋଟୁ ଜାତୀୟ ରାଜପଥର ଏମଭି ୨୩ ପେଟ୍ରୋଲ ପମ୍ପ ନିକଟରେ ବସ ଏକ ଗାଡିକୁ ଓଭରଟେକ କରିବାକୁ ଯାଇ ପିକଅପ ଭ୍ୟାନ ସହ ଧକ୍କା ହୋଇଥିଲା । ପିକଅପ ଭ୍ୟାନରେ ଲୋଡ଼ ହୋଇଥିବା ଲୁହା ପାଇପ ବସ ଡ୍ରାଇଭରର ବେକ ରେ ପଶି ଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିବାର ଜଣାପଡିଛି । ସେହିପରି ପିକଅପ ଭ୍ୟାନ ଡ୍ରାଇଭର ଅବସ୍ଥା ଗୁରୁତର ଥିବାରୁ କାଲିମେଳା ମେଡିକାଲରେ ଭର୍ତ୍ତି କରାଯାଇଥିବାର ଜଣା ପଡିଛି । ପୁଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରୁଥିବାର ସୂଚନା ମିଳିଛି ।

# ଏକ୍ସନ ମୋଡ଼ରେ ତୁରେକେଲା ପୋଲିସ ବିପୁଳ ମାତ୍ରାରେ କଫସିରପ ଓ ନିଶା ଟାବଲେଟ ଜବତ

ବଲାଙ୍ଗୀର, ୧୯/୩ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ତୁରେକେଲା ଥାନା ଅଂଚଳରେ ଦିନକୁ ଦିନ ବେଆଇନ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ବହୁତ ସହଜରେ ନିଶା ସାମଗ୍ରୀ ମିଳୁଥିବାରୁ ଲୋକେ ଅନାୟାସରେ ଏହାକୁ ବ୍ୟବହାର କରୁଛନ୍ତି। କିଛି ବର୍ଷ ତଳେ ତୁରେକେଲା ଥାନା ଅନ୍ତର୍ଗତ କନ୍ଦାଗାଡ ଜଙ୍ଗଲ ଭିତରେ କଫ ସିରଫ ଭର୍ତିଥିବା ଗୋଟିଏ ଟ୍ରକ ଧରାପଡ଼ିଥିଲା। ଟ୍ରକ ଭିତରେ ୯୦ ପେଟି କଫ ସିରଫ ଭର୍ତି ହୋଇଥିଲା । ଯାହାର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କା ବୋଲି ଜଣାପଡିଥିଲା। ସେହିପରି ପୂର୍ବତନ ଖପ୍ରାଖୋଲ ଥାନାଧିକାରୀ ରମାକାନ୍ତ ସାହୁ ଖପ୍ରାଖୋଲ ଥାନାରେ ଥିବା ସମୟରେ କଫ ସିରଫ ମାଫିଆମାନଙ୍କୁ ଗିରଫ କରି ଅଂଚଳରୁ କାଫି ମାତ୍ରାରେ ବେଆଇନ କଫ ସିରଫ ଚୋରା ଚାଲାଣ ବନ୍ଦ କରିଦେଇଥିଲେ। ବର୍ତମାନ ସେ ତୁରେକେଲା ଥାନାରେ ଥାନାଧିକାରୀ ଭାବେ ଯୋଗଦେଲା ପରେ ତୁରେକେଲା ଥାନା ଅଂଚଳର କଫ ସିରଫ ମାଫିଆମାନେ ତ୍ରାହି ତ୍ରାହି ଡାକୁଥିବା ଜଣାପଡିଛି। ଆସନ୍ତା ମାସରେ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ତୁରେକେଲା ପୋଲିସ ଅଂଚଳରେ ଜୋରଦାର ପେଟ୍ରୋଲିଙ୍ଗ କରୁଥିବା ସମୟରେ ତୁରେକେଲା ଥାନା ଗଏନ୍ଦିମାଲ ଗ୍ରାମ ନିକଟସ୍ଥ ଲାଂଥବୁଡା ନଦୀ ବ୍ରିଜ ଉପରେ ଦୁଇ ଜଣ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ଭାରିମାତ୍ରାରେ ନିଶା ବଟିକା ଏବଂ କଫ ସିରଫ ଜବତ ହୋଇଥିବା ପୋଲିସ ସୂଚନା ଦେଇଛି। ଅଭିଯୁକ୍ତ ଦୁଇଜଣ ହେଲେ ତୁରକେଲା ଥାନା ମଲିକଦରହୋ ଗ୍ରାମର ବନମାଳୀ ଖର୍ସେଲ ଏବଂ ପାଟଣାଗଡ଼ ଥାନା ମାଘମରା ଗ୍ରାମର କ୍ଷମାନିଧି ମେହେର ଏମାନଙ୍କ ନିକଟରୁ ୬୬୦୦ଟି ନିଶା ବଟିକା ଏବଂ ୫୫ଟି ଏସକଫ କଫ ସିରଫ ଜବତ ହୋଇଥିବା ବେଳେ ଗୋଟିଏ କାର, ଗୋଟିଏ ବାଇକ, ତିନୋଟି ମୋବାଇଲ ଏବଂ ନଗଦ ୨୬୦୦ ଟଙ୍କା ଜବତ କରିଛି ପୋଲିସ। ଏନେଇ ତୁରେକେଲା ଥାନା କେସ ନଂ ୬୨/୨୦୨୪ ରେ ୨୭୪/ ୨୭୫/୨୭୬ ଓ ୧୨୦ବି ଅଧିନିୟମ ଅନୁଯାୟୀ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇ ଥିବା ତଦନ୍ତକାରୀ ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି। ଏନେଇ ତୁରେକେଲା ଥାନାଧିକାରୀ ଶ୍ରୀ ସାହୁଙ୍କୁ ପଚାରିବାରୁ ତୁରେକେଲା ଥାନା ଅଂଚଳରେ ବେଆଇନ କଫ ସିରଫ କାରବାର ରୋକିବା ଏବଂ ଅଂଚଳକୁ ଅପରାଧ ମୁକ୍ତ କରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି ବୋଲି ପ୍ରକାଶ କରିଥିବା ବେଳେ ଅନ୍ୟପଟେ ଏହି କଫ ସିରଫକୁ ସେବନ କରି ଯୁବପୀଢ଼ି ବିପଥଗାମୀ ହେବା ସଙ୍ଗେସଙ୍ଗେ ନିଜର ହିତାହିତ ଜ୍ଞାନ ଭୁଲି ଯାଉଛନ୍ତି ସେଥିପାଇଁ ଶ୍ରୀ ସାହୁ ଭଳି ଥାନାଧିକାରୀ ତୁରେକେଲା ଅଂଚଳରୁ ଅପରାଧ ମୁକ୍ତ ସହ କଫ ସିରଫ ମାଫିଆଙ୍କ ଆତଙ୍କରାଜ ଉପରେ ନିୟନ୍ତ୍ରଣ କରିବେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେବା ସହ ଥାନାଧିକାରୀଙ୍କ ଏହି ସଫଳତାକୁ ଭୁରି ଭୁରି ପ୍ରଶଂସା କରୁଛନ୍ତି।

# ଘରୋଇ ସ୍କୁଲରେ ନାମ ଲେଖାକୁ ନେଇ ଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ

ଧର୍ମଶାଳା, ୧୯/୩ (ନି.ପ୍ର): ଚଳିତ ବର୍ଷ ୨୦୨୩-୨୪ ଶିକ୍ଷା ନିମନ୍ତେ ବାର୍ଷିକ ପରୀକ୍ଷା ସରି ଯାଇଛି । ୨୦୨୪-୨୫ବର୍ଷ ପାଇଁ ନାମ ଲେଖା ଆରମ୍ଭ ହେଲାଣି । ତେବେ ନାମ ଲେଖା ଓ ପୁନଃ ନାମ ଲେଖାକୁ ନେଇ ଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁରସ୍ଥିତ ଏକ ଘରୋଇ ପବ୍ଲିକ୍ ସ୍କୁଲରେ । ଚଳିତ ବର୍ଷ ନାମ ଲେଖା ଓ ପୁନଃ ନାମ ଲେଖାର ପୂର୍ବ ବର୍ଷ ତୁଳନାରେ ୪୦ ପ୍ରତିଶତ ଅଧିକ ଅର୍ଥ ଆଦାୟ କରାଯାଉଛି । ଯାହାକୁ ନେଇ ଅବିଭାବକମହଲରେ ଅସନ୍ତୋଷ ବୃଦ୍ଧି ପାଇବା ସହିତ ଆଜି ବର୍ଦ୍ଧିତ ନାମ ଲେଖା ଅର୍ଥକୁ ଘୋର ବିରୋଧ କରି ସ୍କୁଲର ଫାଟକ ଆଗରେ ପ୍ରତିବାଦ କରିଥିଲେ । ଖବର ପାଇ ସ୍କୁଲ କର୍ତୃପକ୍ଷ ସେମାନଙ୍କ ନିକଟରେ ପଂହଚି ଏହି ଘଟଣା ଉପରେ ପୁନଃ ବିଚାର କରାଯିବାର ପ୍ରତିଶୃତି ଦେବା ପରେ ଅଭିଭାବକ ମାନେ ଧାରଣାରୁ ଉଠିଥିଲେ । ତେବେ ଘରୋଇ ସ୍କୁଲର ଏଭଳି ଅର୍ଥ ଆଦାୟକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି ।

# ରାଇକିଆରେ କ୍ୟାରିୟର କାଉନସେଲିଂ ଉପରେ ଆଲୋଚନା ଚକ୍ର

କନ୍ଧମାଳ, ୧୯/୩ (ନି.ପ୍ର): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକର ସୁଧାକିରଣ ମହାବିଦ୍ୟାଳୟ ପରିସରରେ କ୍ୟାରିୟର କାଉନସେଲିଂ ଉପରେ ଆଧାରିତ ଏକ ବୈଠକ ଶ୍ୟାମ ସୁନ୍ଦର ଡାଙ୍ଗୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ବକ୍ତା ଭାବେ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶଙ୍କରାଖୋଲ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡଃ ସନ୍ତୋଷ କୁମାର ପ୍ରଧାନ ଓ ଅନୁଷ୍ଠାନର ପ୍ରତିଷ୍ଠାତା ଡଃ ସନ୍ତୋଷ କୁମାର ନାୟକ ଯୋଗ ଦେଇଥିଲେ । ମଞ୍ଚାସୀନ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ମୁଖ୍ୟ ବକ୍ତା ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା ।

# ବାଇକ୍‌ରୁ ପଡି ମହିଳା ମୃତ

ଚମ୍ପୁଆ, ୧୯/୩ (ନି.ପ୍ର): ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟ ସମ୍ମୁଖରେ ବାଇକରୁ ପଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣା ପଡିଛି। ଖବର ଅନୁସାରେ, ବାରିଆ ଥାନା ଅନ୍ତର୍ଗତ ବାରହାପଶି ଗ୍ରାମର ଲକ୍ଷ୍ମୀକାନ୍ତ ମହାନ୍ତ ଓ ତାଙ୍କ ସ୍ତ୍ରୀ ଚାଇନା ମହାନ୍ତ ଆଜି ସକାଳ ସମୟରେ ଏକ ବାଇକ ଯୋଗେ ପରିବା ବିକ୍ରି କରିବା ପାଇଁ ଚମ୍ପୁଆ ଡେଲି ମାର୍କେଟକୁ ଆସୁଥିବା ସମୟରେ ଚମ୍ପୁଆ ଚନ୍ଦ୍ରଶେଖର କଲେଜ ସମ୍ମୁଖରେ ଥିବା ହମ୍ପସରେ ଭାରସାମ୍ୟ ହରାଇବାରୁ ପଛରେ ବସିଥିବା ଚାଇନା ମହାନ୍ତ ବାଇକରୁ ପଡି ଯାଇଥିଲେ।

# ସମସ୍ତ ସରକାରୀ କାର୍ଯ୍ୟାଳୟରେ ନିର୍ବାଚନ ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ଅନୁପାଳନକୁ ନିଶ୍ଚିତ କରିବାକୁ ଜିଲ୍ଲାପାଳଙ୍କ ଗୁରୁତ୍ୱ

କେନ୍ଦୁଝର, ୧୯/୩ (ନି.ପ୍ର): କେନ୍ଦୁଝର ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ନିର୍ବାଚନ ନିୟମ କଡାକଡି ଭାବେ ଲାଗୁ କରିବା ପାଇଁ ଜିଲ୍ଲାପାଳ ବିଶାଳ ସିଂହ ଆଭାସୀ ମାଧମରେ ଏକ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି । ଗଣତାନ୍ତ୍ରିକ ନୀତିକୁ ଅକ୍ଷୁର୍ଣ୍ଣ ରଖିବା ଏ ବଂ ସ୍ୱଛ ଓ ନିରପେକ୍ଷ ନିର୍ବାଚନକୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାର ପ୍ରତିବଦ୍ଧତା ଏକ ଅଂଶବିଶେଷ ଭାବରେ ଜିଲ୍ଲାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଭାରତ ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶାବଳୀକୁ କଡାକଡି ପାଳନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ନିର୍ବାଚନ ସମୟରେ କର୍ତବ୍ୟ ସଂପାଦନରେ ସରକାରୀ ଅଧିକାରୀମାନେ ନିରପେକ୍ଷତା ଅବଲମ୍ବନ ଉପରେ ଜିଲ୍ଲାପାଳ ଗୁରୁତ୍ୱ ଆରୋପ କରିବା ସହ ନିର୍ବାଚନ ନିୟମର ଉଲଘଂନକୁ ବରଦାସ୍ତ କରାଯିବ ନାହିଁ ଏବଂ ଏହାର ତ୍ୱରିତ ଓ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଜିଲିଲପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟକାରୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଡିପୁଟି କଲେକ୍ଟର, ନିର୍ବାଚନ ବିକାଶ ଚନ୍ଦ୍ର ସାହୁଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ପଦାଧିକାରୀ, ସମସ୍ତ ବ୍ଲକ, ତହସିଲ, ସମ୍ବନ୍ଧିୟ ବିଭାଗୀ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ ।

# ବଲାଙ୍ଗିରରେ ସାଧାରଣ ନିର୍ବାଚନ- ୨୦୨୪ ଉତ୍ତମ ପରିଚାଳନା ପାଇଁ ସାମ୍ବାଦିକ ସମ୍ମିଳନୀ

ବଲାଙ୍ଗିର, ୧୯/୩ (ନି.ପ୍ର): ଗଣତନ୍ତ୍ରର ମହାପର୍ବ ଏକକାଳୀନ ସାଧାରଣ ନିର୍ବାଚନ ୨୦୨୪ କୁ ସୂଚାରୁ ରୂପେ ଆୟୋଜନ କରି ଏହାର ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ବଲାଙ୍ଗିର ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାରେ ନିର୍ବାଚନୀ ପରିଚାଳନା ଓ ଆଦର୍ଶ ଆଚରଣ ବିଧିର ଅନୁପାଳନ ସଂକ୍ରାନ୍ତରେ ବଲାଙ୍ଗିର ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହି ସମ୍ମିଳନୀରେ ଜିଲ୍ଲାପାଳ ଇସଲଓ୍ୱାର ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇ ଜିଲ୍ଲାରେ ହେବାକୁ ଥିବା ସାଧାରଣ ନିର୍ବାଚନ ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ଭାରତୀୟ ନିର୍ବାଚନ କମିଶନଙ୍କ ଘୋଷଣା ଅନୁଯାୟୀ, ବଲାଙ୍ଗିରରେ ବିଧାନସଭା ପାଇଁ ପଂଚମ ପର୍ଯ୍ୟାୟରେ ନିର୍ବାଚନ ଆୟୋଜନ କରାଯିବ । ପଞ୍ଚମ ପର୍ଯ୍ୟାୟ ପାଇଁ ଗେଜେଟ୍ ବିଜ୍ଞପ୍ତି ୨୬ ଏପ୍ରିଲ ୨୦୨୪ ରେ ପ୍ରକାଶ ପାଇବାକୁ ଥିବା ବେଳେ, ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ୦୩ ମଇ ରଖାଯାଇଛି। ୬ ମଇ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ହେବାକୁ ସ୍ଥିର ହୋଇଥିବା ବେଳେ ୨୦ ମଇ ଦିନ ମତଦାନ ଏବଂ ୪ ଜୁନ ଦିନ ଭୋଟ ଗଣତି ହେବ ବୋଲି ଜିଲ୍ଲାପାଳ କହିଥିଲେ। ଏହି ସନ୍ଦର୍ଭରେ ଜିଲ୍ଲାପାଳ ଜିଲ୍ଲା ସ୍ତରରେ ଖର୍ଚ୍ଚ ମନିଟରିଂ ପାଇଁ ବ୍ୟବସ୍ଥା, ଜିଲ୍ଲା ସ୍ତରୀୟ ମିଡିଆ ସାର୍ଟିଫିକେଟ୍ ଏବଂ ମନିଟରିଂ କମିଟି, ନିର୍ବାଚନ ପରିଚାଳନାରେ ବ୍ୟବହୃତ ନାଗରିକ / ପ୍ରାର୍ଥୀ କେନ୍ଦ୍ରିକ ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ପ୍ରୟୋଗଗୁଡ଼ିକ ଯଥା ସି-ଭିଜିଲ ଆପ, ସୁବିଧା ପୋର୍ଟାଲ, ପ୍ରାର୍ଥୀ ଆଫିଡେଭିଟ୍ ପୋର୍ଟାଲ୍, ଭୋଟର ସେବା ପୋର୍ଟାଲ, ଭୋଟର ହେଲ୍ପଲାଇନ ଏବଂ ସକ୍ଷମ ଆପ ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ । ଜିଲ୍ଲା ନିର୍ବାଚନ ପରିପ୍ରେକ୍ଷୀରେ ଅଧିକ ସୂଚନା ଦେବାକୁ ଯାଇ ଶ୍ରୀ ଇସଲଓ୍ୱାର କହିଥିଲେ, ଯେ ଜିଲ୍ଲାରେ ମତଦାତା ସଂଖ୍ୟା ୧୩,୨୩,୧୬୨ ଥିବା ବେଳେ ପୁରୁଷ- ୬,୭୦,୪୦୬ , ମହିଳା-୬,୫୨,୪୬୬ ଜଣ । ସମୁଦାୟ ଭୋଟର ମାନଙ୍କ ମଧ୍ୟରୁ ୧୮,୩୧୫ ଜଣ ଶାରୀରିକ ଅକ୍ଷମ ବ୍ୟକ୍ତି ଥିବା ବେଳେ ନୂତନ ଭୋଟର ସଂଖ୍ୟା ୩୨,୧୩୧ ଜଣ ଏହି ସାଧାରଣ ନିର୍ବାଚନରେ ଭାଗ ନେବାକୁ ଯାଉଛନ୍ତି । ସେହିପରି ଭାବରେ ଜିଲ୍ଲାରେ ୫ ଗୋଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୫ ଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀ ରିଟର୍ଣ୍ଣିଙ୍ଗ ଅଫିସର ଭାବେ ନିୟୋଜିତ ହୋଇଛନ୍ତି। ଏହା ପରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଖିଲାରୀ ରିଷିକେଶ ଦ୍ୟାନଦେଓ ଗଣମାଧ୍ୟମକୁ ବାର୍ତା ଦେଇ କହିଥିଲେ ଯେ, ଏହି ସାଧାରଣ ନିର୍ବାଚନ କୁ ଦୃଷ୍ଟିରେ ରଖି ସମସ୍ତ ସୁରକ୍ଷା ବ୍ୟବସ୍ଥା କଡାକଡି କରା ଯାଇଛି। କୌଣସି ପ୍ରକାର ଦ୍ୱନ୍ଦ୍ୱ, ହିଂସା ଏବଂ ଅପ୍ରତିକର କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବାପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ତତ୍ସହିତ ଠିକ ସମୟରେ ଏବଂ ସଠିକ ଉପାୟରେ ନିର୍ବାଚନ ପରିଚାଳନା କରିହେବ ସେଥି ପ୍ରତି ପୋଲିସ ପ୍ରଶାସନ ସର୍ବଦା ଜାଗ୍ରତ ରହିବ। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ. ବିଜୟାନନ୍ଦ ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ପ୍ରଭାତ କୁମାର ମହାପାତ୍ର, ଟିଟିଲାଗଡ ଉପଜିଲ୍ଲାପାଳ ଶ୍ରୀ ରେହାନ ଖେତ୍ରୀ ଡେପୁଟି କଲେକ୍ଟର ଇଲେକ୍ସନ ଶ୍ରୀ ରାଜେନ୍ଦ୍ର କୁମାର ନାୟକ, ନିର୍ବାଚନ କାର୍ଯ୍ୟାଳୟର ସମସ୍ତ କର୍ମକର୍ତା ଙ୍କ ସମେତ ଜିଲ୍ଲା ସଦର ମହକୁମାର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ଜଙ୍ଗଲରେ ବିରଳ ଦୃଶ୍ୟ: ଦୁଇ ପ୍ରଜାତିର କଲରାପତରିଆ ଏକାଠି

ଭୁବନେଶ୍ୱର, ୧୯/୩ (ନି.ପ୍ର): ଏକାଠି ଜଙ୍ଗଲରେ ବୁଲୁଛନ୍ତି ଦୁଇ ପ୍ରଜାତିର କଲରାପତରିଆ। ଗୋଟିଏ ସାଧାରଣ ବର୍ଗର ହୋଇଥିବା ବେଳେ ଅନ୍ୟଟି କଳା । କେନ୍ଦ୍ରୀୟ ଓଡ଼ିଶାର କୌଣସି ଏକ ଜଙ୍ଗଲରୁ ଏଭଳି ଦୃଶ୍ୟ ସାମ୍ନାକୁ ଆସିଛି। ବନ ବିଭାଗ ପକ୍ଷରୁ ଜଙ୍ଗଲରେ ଲଗାଯାଇଥିବା କ୍ୟାମେରାରେ ଏଭଳି ଦୃଶ୍ୟ କଏଦ ହୋଇଛି। କଳା କଲରାପତରିଆଟି ଛୋଟ ଛୁଆ ବୋଲି ପିସିସିଏଫ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ସୋସିଆଲ ମିଡିଆ 'ଏକ୍ସ' ମାଧ୍ୟମରେ ସୂଚନା ଦେଇଛନ୍ତି। ଏଭଳି ଦୁଇଟି କଲରାପତରିଆ ଚଳପ୍ରଚଳ କରିବା ଦୃଶ୍ୟକୁ ଶ୍ରୀ ନନ୍ଦ ଚମତ୍କାର ବୋଲି ବର୍ଣ୍ଣନା କରିଛନ୍ତି। ପୂର୍ବରୁ ମଧ କେନ୍ଦ୍ରୀୟ ଓଡ଼ିଶାର କୌଣସି ଏକ ଜଙ୍ଗଲରେ କଳା କଲରାପତରିଆ ଚିହ୍ନଟ ହୋଇଥିବା ପିସିସିଏଫ ସୂଚନା ଦେଇଥିଲେ। ଯେଉଁଥିରୁ ଜଣାପଡୁଛି ଯେ କେନ୍ଦ୍ରୀୟ ଓଡ଼ିଶାରେ କଳା କଲରାପତରିଆ ଆଧିପତ୍ୟ ବିସ୍ତାର କରୁଛନ୍ତି।

# ରାସ୍ତାରେ ଗାଡ଼ିରୁ ତେଲ ସରିଗଲେ ଏହି ଦେଶରେ ଦିଆଯାଏ ଦଣ୍ଡ



ରାସ୍ତାରେ ଦ୍ରୁତ ଗତିରେ ଗାଡି ଚଳାଇବା ଏବଂ କାରକୁ ଅଟକାଇ ଭିଡିଓ ତିଆରି କରିବା ପାଇଁ ଲୋକଙ୍କୁ ଦଣ୍ଡ ଦିଆଯିବା ବିଷୟରେ ଆପଣ ନିଶ୍ଚୟ ଶୁଣିଥିବେ, କିନ୍ତୁ ଆପଣ କେବେ ଶୁଣିଛନ୍ତି କି ରାସ୍ତା ମଝିରେ ଯଦି ଇନ୍ଧନ ସରିଯାଏ ତେବେ ବି ଦଣ୍ଡ ମିଳିବ ହଁ, ଦୁନିଆରେ ଏପରି ଏକ ଦେଶ ଅଛି ଯେଉଁଠାରେ ଆପଣ ଯେତେ ଦ୍ରୁତ ଗତିରେ ଗାଡି ଚଲାନ୍ତୁ ପଛେ ଏଥିରେ କୌଣସି ପ୍ରତିବନ୍ଧକ ନାହିଁ, କିନ୍ତୁ ଯଦି ଆପଣଙ୍କର କାରର ରାସ୍ତା ମଝିରେ ତେଲ ସରିଯାଏ, ତେବେ ଆପଣଙ୍କୁ ଏଥିପାଇଁ ଦଣ୍ଡିତ କରାଯିବ ।

କେବଳ ଏତିକି ନୁହେଁ, ଏହି ଦେଶରେ ଆହୁରି ଅନେକ ନିୟମ ଅଛି, ଯାହାକୁ ଶୁଣିଲେ ଆପଣ ଅଜବ ବୋଲି କହିବେ।

ଏହି ଦେଶର ନାମ ହେଉଛି ଜର୍ମାନୀ । ଏହା ହେଉଛି ସେହି ଜର୍ମାନୀ, ଯେଉଁଠାରେ ହିଟଲର ଏକଛତ୍ରବାଦୀ ଶାସନ କରୁଥିଲେ, ଯେଉଁଥିପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧ ହୋଇଥିଲା । ଯଦିଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀ ଦେଶ ସମ୍ପୂର୍ଣ୍ଣ ଗରିବ ହୋଇଯାଇଥିଲା, କିନ୍ତୁ ଆଜି ଏହା ଦୁନିଆର ସବୁଠାରୁ ଶକ୍ତିଶାଳୀ ଦେଶ ମଧ୍ୟରେ ଗଣାଯାଇଛି। ଆଜି ଇଞ୍ଜିନିୟରିଂ କ୍ଷେତ୍ରରେ ଜର୍ମାନୀର ନାମ ପ୍ରଥମେ ଆସୁଛି । ଜର୍ମାନୀରେ, ଆପଣ ରାସ୍ତାରେ ଯେତେ ଜୋରରେ ଗାଡିଚାଳନା କରିପାରିବେ, ଏଥିପାଇଁ କୌଣସି ପ୍ରକାରର ଦଣ୍ଡର ବ୍ୟବସ୍ଥା ନାହିଁ । କିନ୍ତୁ ଯଦି ଆପଣଙ୍କ ଗାଡିର ଇନ୍ଧନ ରାସ୍ତା ମଝିରେ ସରିଯିବ, ତେବେ ଏଠାରେ ଏହାକୁ ଅପରାଧ ଭାବରେ ବିବେଚନା କରାଯିବ ଏବଂ ଏଥିପାଇଁ ଆପଣଙ୍କୁ ଦଣ୍ଡ ଦିଆଯାଇପାରେ କିମ୍ବା ଆପଣ ଜରିମାନା ମଧ୍ୟ ଦେଇପାରନ୍ତି ।

# ଋତୁସ୍ରାବ କଷ୍ଟକୁ ଅଣଦେଖା କରନ୍ତୁନି: ହୋଇପାରେ ବଡ ସମସ୍ୟା

ଋତୁସ୍ରାବ ସମୟରେ ମହିଳାମାନେ ପ୍ରାୟତଃ ପେଟରେ ଯନ୍ତ୍ରଣା ଅନୁଭବ କରନ୍ତି । ଅନେକ ମହିଳାଙ୍କର ପେଟ, ଅଣ୍ଟା, ତଳି ପେଟ ଏବଂ ଗୋଡରେ ଯନ୍ତ୍ରଣା ଅନୁଭବ ହୋଇଥାଏ । ଏହାକୁ ପିରିୟଡ୍ କ୍ରାମ୍ପସ୍ ମଧ୍ୟ କୁହାଯାଏ । ଏହି ଯନ୍ତ୍ରଣା ସାଧାରଣତଃ ଦୁଇରୁ ତିନି ଦିନ ପର୍ଯ୍ୟନ୍ତ ରହିପାରେ । ଏହା ଏକ ସାଧାରଣ ସମସ୍ୟା, କିନ୍ତୁ ଅନେକଙ୍କ ପାଇଁ ଏହି ଯନ୍ତ୍ରଣା ଅସହ୍ୟ ହୋଇଯାଏ । ଯେଉଁଥିପାଇଁ ସେମାନଙ୍କୁ ଔଷଧ ଖାଇବାକୁ ପଡେ । ଯାହା ପରବର୍ତ୍ତୀ ସମୟରେ ଅନେକ ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ଥାଏ । ଋତୁସ୍ରାବ ସମୟରେ ଅସହ୍ୟ ଯନ୍ତ୍ରଣା ପଛରେ ଅନେକ ଗଭୀର କାରଣ ଥାଇପାରେ । ଏପରି ପରିସ୍ଥିତିରେ ଯଦି ଆପଣଙ୍କୁ ବହୁତ ଯନ୍ତ୍ରଣା ହେଉଛି ତେବେ ଏହାକୁ ଅଣଦେଖା କରନ୍ତୁ ନାହିଁ ଏବଂ ଔଷଧ ଖାଇବା ପରିବର୍ତ୍ତେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରନ୍ତୁ । ଋତୁସ୍ରାବ ସମୟରେ ଅଧିକ ଯନ୍ତ୍ରଣା ପ୍ରକୃତରେ ପ୍ରୋଷ୍ଟାଗ୍ଲାଣ୍ଡିନ୍ସ ନାମକ ଏକ ରାସାୟନିକ କାରଣରୁ ହୋଇଥାଏ କିମ୍ବା ଏହାକୁ ଆମେ ହରମୋନ୍ ମଧ୍ୟ କହିପାରିବା । ଋତୁସ୍ରାବ ସମୟରେ ଗର୍ଭାଶୟରେ ପ୍ରୋଷ୍ଟାଗ୍ଲାଣ୍ଡିନ ସୃଷ୍ଟି ହୁଏ , ଯାହା ମାଂସପେଶୀର ସଂକୋଚନ କରେ । ଏହା ପେଟ ଏବଂ ପିଠିରେ ଯନ୍ତ୍ରଣା କରାଏ । ଏହି ହରମୋନ୍ ଅଣ୍ଡାଦାନ, ଋତୁସ୍ରାବ ପ୍ରକ୍ରିୟା ଏବଂ ମହିଳାମାନଙ୍କ ପ୍ରଜନନ ପ୍ରଣାଳୀକୁ ସକ୍ରିୟ କରାଇଥାଏ । ଋତୁସ୍ରାବ ସମୟରେ ଯନ୍ତ୍ରଣା ସ୍ୱାଭାବିକ ବୋଲି ଡାକ୍ତରମାନେ କହିଛନ୍ତି। ବାସ୍ତବରେ, ଅଧିକାଂଶ ମହିଳା ଋତୁସ୍ରାବ ସମୟରେ ଯନ୍ତ୍ରଣା ଏବଂ ଅସନ୍ତୋଷ ଅନୁଭବ କରନ୍ତି । କିନ୍ତୁ ଅତ୍ୟଧିକ ଯନ୍ତ୍ରଣା ଯାହା ଆପଣଙ୍କ ମନ ଏବଂ ଶରୀରକୁ ଅଧିକ ପ୍ରଭାବିତ କରେ ତାହା ସ୍ୱାଭାବିକ ନୁହେଁ । ଏହା ଆପଣଙ୍କ ପ୍ରଜନନ କ୍ଷମତାରେ କିଛି ଅସୁବିଧା କରିପାରେ । ଯଦି ଆପଣ ଏଭଳି ଯନ୍ତ୍ରଣା ଭୋଗୁଛନ୍ତି ଏବଂ ଗର୍ଭଧାରଣ ପାଇଁ ଯୋଜନା କରୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

ଯଦି ପିରିୟଡ୍ ସମୟରେ କଷ୍ଟ ଅସହ୍ୟ ଏବଂ ଭୟଙ୍କର ହେଉଛି, ତେବେ ତୁରନ୍ତ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଉଚିତ୍।

ଅଧିକରୁ ଅଧିକ ଯନ୍ତ୍ରଣା ଦେଉଥିବା ପିରିୟଡ୍ କ୍ରାମ୍ପସ ପଛରେ କୌଣସି ପୁରୁଣା ରୋଗର କାରଣ ମଧ୍ୟ ରହିଥାଏ । ଯାହା ପ୍ରଜନନ କ୍ଷମତାକୁ ପ୍ରଭାବିତ କରେ ।

ଫାଇବ୍ରଏଡର ବିକାଶିତ ହେବାର ଅନ୍ୟତମ କାରଣ, ଏହା ହେଉଛି ଏକ ପ୍ରକାର ଟ୍ୟୁମର୍ ଯାହା ଗର୍ଭାଶୟ ଭିତରେ ବିକଶିତ ହୁଏ । ଏହି କାରଣରୁ ବହୁତ ଯନ୍ତ୍ରଣା ହୋଇଥାଏ । ଏହା ଗର୍ଭପାତର ଆଶଙ୍କାକୁ ବଢାଇଥାଏ ।

*ଏଣ୍ଡୋମେଟ୍ରିଓସିସ୍ ରୋଗ*

ଏହି ରୋଗ ହେବା ଦ୍ୱାରା ଗର୍ଭାଶୟର ଟିସୁ ଗର୍ଭାଶୟ ବାହାରେ ବ୍ୟାପିବା ଆରମ୍ଭ କରିଥାଏ । ଏହା ଦ୍ୱାରା ଆଖପାଖ ଟିସୁକୁ ମଧ୍ୟ ପ୍ରଭାବିତ କରେ । ଏହି ରୋଗ ପ୍ରଜନନ କ୍ଷମତାକୁ ପ୍ରଭାବିତ କରେ । ଏହି ରୋଗ ପ୍ରବଳ ଯନ୍ତ୍ରଣାଦାୟକ ହୋଇଥାଏ । ଅନେକ ମହିଳା ଏହି କାରଣରୁ ସନ୍ତାନ ପ୍ରସବ କରିବାରେ ଅସମର୍ଥ ହୋଇଥାନ୍ତି।

# ଗରମାଗରମ ରୁଟି ସହ ନିଅନ୍ତୁ ଚଟପଟା ଅଣ୍ଡା ମସଲାର ମଜା



ଆବଶ୍ୟକ ସାମଗ୍ରୀ: ଅଣ୍ଡା,କଟା ପିଆଜ, ଜିରା, ଅଦାରସୁଣ ପେଷ୍ଟ, ହଳଦୀ ଗୁଣ୍ଡ, ଟମାଟୋ, ଲଙ୍କା ଗୁଣ୍ଡ, ଗୋଲମରିଚ ଗୁଣ୍ଡ, ଲୁଣ, ତେଲ, ଧନିଆ ପତ୍ର ଓ ଗରମ ମସଲା

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଯିବା ସେଥିରେ ଗୋଟା ଜିରା ପକାନ୍ତୁ। ଜିରା ଟିକେ ଭାଜି ହୋଇଯିବା ପରେ ସେଥିରେ କଟା ପିଆଜ ପକାଇ ଭାଜନ୍ତୁ। ଏହା ଭାଜି ହୋଇଯିବା ପରେ ଅଦାରସୁଣ ପେଷ୍ଟ ପକାଇ କିଛି ସମୟ କଷନ୍ତୁ। ଏହା କଷି ହେବା ପରେ ସେଥିରେ କଟା ଟମାଟୋ, ଆବଶ୍ୟକ ଅନୁସାରେ ହଳଦୀ ଗୁଣ୍ଡ, ଲଙ୍କା ପାଉଡର ଓ ଲୁଣ ପକାଇ କିଛି ସମୟ ପାଇଁ କଷନ୍ତୁ। ମସଲା କଷି ହେବା ପରେ ସେଥିରେ ଅଳ୍ପ ପାଣି ଦେଇ ଢାଙ୍କି ଦିଅନ୍ତୁ। ପରେ ସେଥିରେ କଟା ଅଣ୍ଡାକୁ ଭାଙ୍ଗି ପକାଇ ଦିଅନ୍ତୁ। ପରେ ତା’ ଉପରେ ଗୋଲମରିଚ ପାଉଡର ଓ ଧନିଆ ପତ୍ର ପକାଇ ଢାଙ୍କି ଦିଅନ୍ତୁ। କିଛି ସମୟ ପରେ ଅଣ୍ଡା ମସଲାକୁ ଓଲଟାଇ ଦିଅନ୍ତୁ। ପରେ ତା’ ଉପରେ ଗରମ ମସଲା ପକାଇ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଚଟପଟା ଅଣ୍ଡା ମସଲା। ଏହାକୁ ଆପଣ ଭାତ ରୁଟି ସହ ଖାଇପାରିବେ।

# ତ୍ୱଚାକୁ ସୁନ୍ଦର ରଖିବାକୁ ହେଲେ କରନ୍ତୁ ଏହି ଘରୋଇ ହର୍ବାଲ ଉପଚାର



ତ୍ୱଚାରେ ଚମକ ଆଣିବା ତଥା ତ୍ୱଚା ସମ୍ପର୍କୀୟ ସମସ୍ୟା ଦୂରେଇ ଦେବା ନିମନ୍ତେ ସବୁଠୁ ସୁରକ୍ଷିତ ତଥା ବିଶ୍ୱସନୀୟ ଉପଚାର ହେଲା ହର୍ବାଲ୍ ଉପଚାର। ହର୍ବାଲ୍ ଜିନିଷଗୁଡ଼ିକ ମୁଖ୍ୟତଃ ସହଜରେ ଘରେ ହାତ ପାହାନ୍ତାରେ ମିଳିଯାଇଥାଏ । ଏହାକୁ ବ୍ୟବହାର କରିବା ମଧ୍ୟ ସହଜ । ଏହା ବ୍ୟତୀତ କୌଣସି ପାର୍ଶ୍ୱ ପ୍ରତିକ୍ରିୟାର ମଧ୍ୟ ଭୟ ନଥାଏ । କିପରି ବ୍ୟବହାର କରିବେ ଜାଣନ୍ତୁ ।

ଗୋଟିଏ ବଡ଼ ଟମାଟକୁ ଛୋଟ ଛୋଟ ଖଣ୍ଡ କରି କାଟି ଏହାକୁ ପେଷ୍ଟ କରି ଦିଅନ୍ତୁ । ଟମାଟ ପେଷ୍ଟରେ ମହୁ ମିଶାଇ ମୁହଁରେ ଲଗାନ୍ତୁ । ଏହା ତ୍ୱଚାରେ ଚମକ ଆଣିଥାଏ । ବିଟକୁ ଛୋଟ ଛୋଟ ଖଣ୍ଡ କରି କାଟି ଏହାକୁ ଭଲଭାବେ ପେଷ୍ଟ କରି ଦିଅନ୍ତୁ । ପାଞ୍ଚ ମିନିଟ ପର୍ଯ୍ୟନ୍ତ ବିଟ୍ ପେଷ୍ଟକୁ ମୁହଁରେ ମସାଜ୍ କରନ୍ତୁ । ପେଷ୍ଟ ଶୁଖିଯିବାର ୧୦ ମିନିଟ୍ ପରେ ମୁହଁକୁ ସାବୁନରେ ଧୋଇ ଦିଅନ୍ତୁ।

ସେହିପରି ଚନ୍ଦନ ପାଉଡର, ଗୋଲାପ ଜଳ ଓ କ୍ଷୀରରେ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁ ଓ ବେକରେ ଲଗାଇ ୧୫ ମିନିଟ୍ ଶୁଖିବାକୁ ଛାଡ଼ି ଦିଅନ୍ତୁ । ପେଷ୍ଟ ଶୁଖିଯିବା ପରେ ନଖ ଉଷୁମ ପାଣିରେ ମୁହଁ ଭଲଭାବେ ଧୋଇ ନିଅନ୍ତୁ।

ମହୁ ଓ ଲେମ୍ବୁରସକୁ ମିଶାଇ ମୁହଁରେ ଲଗାଇ ଦିଅନ୍ତୁ । ଶୁଖିଗଲା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ଏହା ମୁହଁରେ ଚମକ ଆଣେ ଓ କଳାଦାଗରୁ ମୁକ୍ତି ଦିଏ ।

ହଳଦୀ, ଚନ୍ଦନଗୁଣ୍ଡ ଓ ଅଲିଭ୍ ଅଏଲକୁ ମିଶାଇ ଦେହରେ ଲଗାନ୍ତୁ । ଏହା ଶୁଖିଯିବାର ୧୦ ମିନିଟ୍ ପରେ ଧୋଇ ଦିଅନ୍ତୁ ।

ନିୟମିତ ଶରୀରକୁ କ୍ଷୀରରେ ମସାଜ୍ କରନ୍ତୁ। କ୍ଷୀର ମଏଶ୍ଚରାଇଜର୍ ଭଳି କାମ କରିଥାଏ । ଖାସ କରି ଶୀତ ଦିନରେ ରୁଖ ତ୍ୱଚାରୁ ମୁକ୍ତି ପାଇବା ପାଇଁ କରନ୍ତୁ ।

ଗାଜରକୁ କୋରି ଏହାର ପେଷ୍ଟ କରି ତ୍ୱଚାରେ ମସାଜ୍ କରନ୍ତୁ । ତ୍ୱଚାର ରଙ୍ଗ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରିଥାଏ ।

# ପରିସ୍ରାର ରଙ୍ଗ ବଦଳିବା ହୋଇପାରେ HIVର ଲକ୍ଷଣ : ପୁରୁଷମାନେ କରନ୍ତୁ ନାହିଁ ଅଣଦେଖା

ଏଚ୍.ଆଇ.ଭି ଅର୍ଥାତ୍ ହ୍ୟୁମାନ୍ ଇମ୍ୟୁନୋଡେଫିସିଏନ୍ସି ଭାଇରସ୍ ଚିକିତ୍ସା କରାନଗଲେ ଏହା ଶରୀରରେ ସଂକ୍ରମଣ ବଢ଼ାଇ ଏଡସକୁ ଜନ୍ମ ଦେଇଥାଏ। ବର୍ତ୍ତମାନ ଏଡସର ଚିକିତ୍ସା ସମ୍ଭବ ନୁହେଁ, କିନ୍ତୁ ଏଚ୍.ଆଇ.ଭି ଚିହ୍ନଟ ହେବା ମାତ୍ରେ ମେଡିସିନ୍ ଏବଂ ସୁସ୍ଥ ଜୀବନଶୈଳୀ ଗ୍ରହଣ କରି ଏଡସ୍ ଷ୍ଟେଜ୍ ପର୍ଯ୍ୟନ୍ତ ପହଞ୍ଚିବାରୁ ଆପଣ ରକ୍ଷାପାଇପାରିବେ । ଏଡସକୁ ଏଡାଇବା ପାଇଁ ଏଚଆଇଭିର ଲକ୍ଷଣ ବୁଝିବା ଅତ୍ୟନ୍ତ ଜରୁରୀ । କିନ୍ତୁ କିଛି ଲକ୍ଷଣ ଅଛି ଯାହା କେବଳ ପୁରୁଷମାନଙ୍କଠାରେ ଏଚଆଇଭି ହେଲେ ଦେଖାଦେଇଥାଏ, ଯାହାକୁ ଭୁଲରେ ବି ଅଣଦେଖା କରିବା ଉଚିତ୍ ନୁହେଁ । ଏପରି ପରିସ୍ଥିତିରେ ଆସନ୍ତୁ ଜାଣିବା ପୁରୁଷମାନଙ୍କୁ କେଉଁ ଲକ୍ଷଣ ଅଣଦେଖା କରିବା ଉଚିତ୍ ନୁହେଁ...

*ପରିସ୍ରା ରଙ୍ଗରେ ପରିବର୍ତ୍ତନ :-*

ଯଦି କୌଣସି ପୁରୁଷଙ୍କୁ ଏଚ୍.ଆଇ.ଭି ହୁଏ, ତେବେ ପରିସ୍ରା ଯିବା ସମୟରେ ଯନ୍ତ୍ରଣା ହୋଇପାରେ । ଏହା ବ୍ୟତୀତ ଆପଣଙ୍କୁ ବାରମ୍ବାର ଶୌଚାଳୟ ବ୍ୟବହାର କରିବାକୁ ପଡିପାରେ । ଏହି ସମୟରେ ପରିସ୍ରା ସହିତ ରକ୍ତ ବାହାରିପାରେ । ବ୍ଲେଡର କିମ୍ବା ରେକ୍ଟମ୍ ଅଞ୍ଚଳରେ ଯନ୍ତ୍ରଣା ହୋଇପାରେ । ସେହି ସମୟରେ ତଳ ପେଟରେ ଯନ୍ତ୍ରଣା ଅନୁଭବ ହୋଇଥାଏ ।

*ପୁରୁଷମାନଙ୍କଠାରେ ଏଚ୍.ଆଇ.ଭି. ର ପ୍ରାରମ୍ଭିକ ଲକ୍ଷଣ:-*

ଟେଷ୍ଟିକଲ୍ସରେ ଯନ୍ତ୍ରଣା ଅନୁଭବ କରିବା, ରକ୍ଟମ୍ ଏବଂ ଅଣ୍ଡାକୋଷରେ ଯନ୍ତ୍ରଣା, ପ୍ରୋଷ୍ଟେଟ୍ ଗ୍ରନ୍ଥି ଫୁଲିବା, ପୁରୁଷମାନଙ୍କ ମଧ୍ୟରେ ଇନଫର୍ଟିଲିଟିର ସମସ୍ୟା, ହାଇପୋଗୋନାଡିଜିମର ଲକ୍ଷଣ, ଇରେକ୍ଟାଇଲ୍ ଡିସଫଙ୍କସନ ।

*ଜ୍ୱର ମଧ୍ୟ ଏଚ୍.ଆଇ.ଭି. ର ଲକ୍ଷଣ ହୋଇପାରେ :-*

ଆପଣଙ୍କୁ ଜ୍ୱରକୁ ଏଚ୍.ଆଇ.ଭି.ର ପ୍ରଥମ ଲକ୍ଷଣ ଭାବରେ ବିବେଚନା କରାଯାଇପାରେ । କାରଣ ଏଚ.ଆଇ.ଭି ଭାଇରସ୍ ଆପଣଙ୍କ ଶରୀରରେ ପ୍ରବେଶ କରିବା ମାତ୍ରେ ଏହା ରକ୍ତ ମାଧ୍ୟମରେ ବଢ଼ିବାକୁ ଲାଗେ, ଯେଉଁ କାରଣରୁ ଇମ୍ୟୁନିଟି ପ୍ରଭାବିତ ହେବା ସହ ଜ୍ୱର ଆସେ । ଏହା ସହ ଜ୍ୱର ହେବା ମାତ୍ରେ ଝାଳ ବୋହିବା, ଥଣ୍ଡା ଅନୁଭବ ହେବା, ଥକା ଲାଗିବା ଓ ଗଳାରେ ଯନ୍ତ୍ରଣା ହେବା ଆଦି ଲକ୍ଷଣ ନଜର ଆସିପାରେ । ଏହା ଛଡ଼ା ବାରମ୍ବାର ପିଲାମାନଙ୍କ ଉପରେ ଶାରୀରିକ ଅତ୍ୟାଚାର ଦ୍ୱାରା ସେମାନେ ଏହା ବିରୋଧରେ କଥା କହିବାକୁ ଲାଗିଥାନ୍ତି । ଆର୍ଥାତ୍ ସେମାନେ ନିଜର ପିତାମାତାଙ୍କ କଥାକୁ ମଧ୍ୟ ଶୁଣି ନଥାନ୍ତି । ଅଭିଭାବକଙ୍କ ପ୍ରତ୍ୟେକ କଥାରେ ସିଏ ରାଗ ଜରଜର ହୋଇଥାନ୍ତି ।



## ଆମ ହିନ୍ଦୁ ଧର୍ମରେ ପୂଜାର ଅନେକ ମହତ୍ତ୍ୱ ରହିଛି । କିନ୍ତୁ ବାସ୍ତୁଶାସ୍ତ୍ର ଅନୁଯାୟୀ, ପୂଜା ସାମଗ୍ରୀକୁ ଯଦି ଠିକ୍ ? ସ୍ଥାନରେ ନ ରଖାଯାଏ; ତାହାର ନକାରାତ୍ମକ ପ୍ରଭାବ ପରିବାର ଉପରେ ପଡିଥାଏ। ତେବେ ଆସନ୍ତୁ ଜାଣିବା କେଉଁଠି ପୂଜା ସାମଗ୍ରୀ ରଖିବା ଉଚିତ ...



# ପୂଜା ସାମଗ୍ରୀକୁ ଠିକ୍ ସ୍ଥାନରେ ନରଖିଲେ ପଡିଥାଏ ନକାରାତ୍ମକ ପ୍ରଭାବ : ଜାଣନ୍ତୁ କ’ଣ କହୁଛି ବାସ୍ତୁଶାସ୍ତ୍ର ?

ପୂଜା ଘରେ କୌଣସି ମଣି କିମ୍ବା ରତ୍ନ ପଥରକୁ ରଖିବାକୁ ଚାହୁଁଥିଲେ, ତାହାକୁ ମଧ୍ୟ ସଫା କପଡ଼ା ଉପରେ ରଖିବା ଆବଶ୍ୟକ।

ଜଳନ୍ତା ଦୀପକୁ କେବେବି ଖାଲିରେ ତଳେ ଥୋଇବା ଠିକ୍ ? ନୁହେଁ। ଅଳ୍ପ କିଛି ଅରୁଆ ଚାଉଳ ରଖି ତା’ଉପରେ ଦୀପ ଥୋଇପାରିବେ କିମ୍ବା ଦୀପଷ୍ଟାଣ୍ଡ ଉପରେ ରଖି ଦୀପକୁ ଜଳାଇପାରିବେ।

ଶାଳଗ୍ରାମଙ୍କୁ ମଧ୍ୟ ଖାଲିରେ ତଳେ ନ ରଖି ସର୍ବଦା ସଫା ରେଶମୀ କପଡ଼ା ଉପରେ ରଖିବା ଦରକାର।

ଦେବୀଦେବଙ୍କ ମୂର୍ତ୍ତିକୁ ସର୍ବଦା କାଠ କିମ୍ବା ପିତଳର ଖଟୁଲି ହେଉ କିମ୍ବା କୌଣସି ଆସ୍ଥାନ ଉପରେ ନାଲି ରଙ୍ଗର ସଫା କପଡ଼ା ପକାଇ ତା’ଉପରେ ରଖିବା ଉତ୍ତମ ହୋଇଥାଏ।

କେବଳ ମୂର୍ତ୍ତି ନୁହେଁ, ଦେବୀଦେବଙ୍କର ବସ୍ତ୍ର ଓ ଆଭୂଷଣକୁ ମଧ୍ୟ ଚଟାଣ ଉପରେ ସେମିତି ଥୋଇବା ଠିକ୍? ନୁହେଁ। ଏହାକୁ ପରିଷ୍କାର ସ୍ଥାନରେ ପଲିଥିନ୍ ହେଉ ଅବା କାଗଜରେ ଭଲ ଭାବେ ଗୁଡ଼ାଇକି ରଖିବା ଦରକାର।

ପ୍ରଭୁଙ୍କୁ ଅର୍ପଣ କରାଯାଉଥିବା ଫୁଲକୁ ବି ତଳେ ନ ରଖି କୌଣସି ପବିତ୍ର ଧାତୁ କିମ୍ବା ସ୍ୱଚ୍ଛ ପାତ୍ରରେ ରଖିବା ଦରକାର।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନିର୍ବାଚନର ବିହଙ୍ଗାବଲୋକନ...

ପରଦା ସରକାରୀ ଭାବରେ ଉଠି ସାରିଛି ଏଇ ଗ୍ରହର ସର୍ବବୃହତ୍ ଗଣତନ୍ତ୍ରର ଏକ ୪୪- ଦିନିଆ ଉତ୍ସବ ଉପରୁ ଯାହା ସମଗ୍ର ଭାରତକୁ ପା–ଞ୍ଚ ବର୍ଷରେ ଥରେ ଭ୍ରମଣ କରିଥାଏ । ଏଇ ଉତ୍ସବରେ ବିଶ୍ୱର ଦେଶର ହାରାହାରି ୯୭ କୋଟି ଅଧିବାସୀ ସଂସଦର ନିମ୍ନ ସଦନକୁ ୫୪୩ ଜଣ ସଦସ୍ୟଙ୍କୁ ନିର୍ବାଚିତ କରିବେ, ଯେଉଁମାନେ ଦେଶକୁ ପରବର୍ତୀ ପାଞ୍ଚ ବର୍ଷ ଶାସନ କରିବାକୁ ଜନାଦେଶ ପାଇବେ। ସାଧାରଣ ନିର୍ବାଚନ ହେଉଛି ଭାରତ ନାମରେ କଥିତ ଏକ ଅବଧାରଣାର ପ୍ରତିଫଳନ। ସମୁଦ୍ର ପତନର ନିମ୍ନରେ ଅବସ୍ଥିତ କେରଳର କୁଟ୍ଟନାଡ ନିର୍ବାଚନ ମଣ୍ଡଳୀର ମତଦାନ କେନ୍ଦ୍ରଠାରୁ ବିଶ୍ୱର ସର୍ବୋଚ୍ଚ ସ୍ଥାନରେ ଅବସ୍ଥିତ ହିମାଚଳ ପ୍ରଦେଶର ତାଶିଗାଙ୍ଗ ମତଦାନ କେନ୍ଦ୍ର ପର୍ଯ୍ୟନ୍ତ; ଲଦାଖର ଶୂନ୍ୟ ଡିଗ୍ରୀରୁ ମଧ୍ୟ କମ୍ ତାପମାତ୍ରା ବିଶିଷ୍ଟ ଅଞ୍ଚଳଠାରୁ ଯୋଧପୁରର ଶରୀର ପୋଡ଼ିଯିବା ଭଳି ଲାଗୁଥିବା ତାପମାତ୍ରା ପର୍ଯ୍ୟନ୍ତ; ଗହଳି ଚହଳିପୂର୍ଣ୍ଣ ମେଟ୍ରୋଠାରୁ ଦେଶର ଆଭ୍ୟନ୍ତରୀଣ ଭାଗର ଦୁର୍ଗମ ଜଙ୍ଗଲ ମଧ୍ୟରେ ଅବସ୍ଥିତ ଆଦିବାସୀ ଗାଁ ପର୍ଯ୍ୟନ୍ତ; ନୂଆ ନୂଆ ଯୌବନରେ ପାଦ ଥାପିଥିବା ଯୁବ ପିଢ଼ିଙ୍କଠାରୁ ଶତାୟୁଙ୍କ ପର୍ଯ୍ୟନ୍ତ; ଉତ୍ସାହୀ ଗଣତନ୍ତ୍ରବାଦୀଙ୍କଠାରୁ ହିଂସ୍ର ନାସ୍ତିକଙ୍କ ପର୍ଯ୍ୟନ୍ତ ଏହି ଉତ୍ସବ ଭାରତର ୩୬୦ ଡିଗ୍ରୀ ଦୃଷ୍ଟିକୋଣକୁ ଉନ୍ମୋଚିତ କରିଥାଏ, ଯେଉଁଥିପାଇଁ ଏହାକୁ କୁହାଯାଏ ବିଶ୍ୱର ସର୍ବାଧିକ ବିବିଧତାଭରା ଦେଶର ଏକ ମହାପର୍ବ। ବିଗତ କିଛି ଦଶନ୍ଧି ଭିତରେ ଭାରତରେ ନିର୍ବାଚନଗୁଡ଼ିକର ରୂପରେଖରେ ବିପୁଳ ପରିବର୍ତ୍ତନ ଘଟି ସାରିଛି । ଭୋଟର ପରିଚୟ ପତ୍ରର ପ୍ରଚଳନ ସହିତ ନିର୍ବାଚନ ସମୟରେ ପର୍ଯ୍ୟାପ୍ତ ସଂଖ୍ୟକ ସୁରକ୍ଷା ବଳଙ୍କ ମୁତୟନ ଏହି କାର୍ଯ୍ୟକୁ ପୂର୍ବାପେକ୍ଷା ଅଧିକ ସ୍ୱଚ୍ଛ କରିଛି । ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ ପ୍ରଚଳନ ଯୋଗୁଁ ଭୋଟ୍ ଗଣନା ବେଶ୍ ସହଜ ଓ ଦ୍ରୁତ ଗତିରେ ସମ୍ପନ୍ନ ହୋଇ ପାରୁଛି, ଯଦିଓ ସେମାନଙ୍କ ପସନ୍ଦର ପ୍ରାର୍ଥୀମାନଙ୍କ ବିଷୟରେ ବାସ୍ତବରେ ଚିନ୍ତା ପ୍ରକଟ କରୁଥିବା ଲୋକମାନଙ୍କ ଦ୍ୱାରା ଏ ବାବଦରେ ସନ୍ଦେହ ପ୍ରକଟ କରାଯାଉଛି । କ୍ରମାଗତ ଭାବରେ ମତଦାନ ମେସିନ୍‌ଗୁଡ଼ିକ ସଂଖ୍ୟାରେ ବୃଦ୍ଧି ସହିତ ବର୍ତ୍ତମାନ ପ୍ରାୟ ସବୁ ମେସିନ୍‌କୁ ଭୋଟର-ଭେରିଫାଏଡ୍ ପେପର ଅଡିଟ୍ ଟ୍ରେଲ୍ (ଭିଭିପାଟ୍) ବ୍ୟବସ୍ଥାର ପରିସରଭୁକ୍ତ କରାଯିବା ଏହିସବୁ ଆଶଙ୍କାକୁ କେତେକାଂଶରେ ଦୂର କରିବାରେ ସକ୍ଷମ ହୋଇ ପାରିଛି । ବର୍ତ୍ତମାନ ଏକ ଲୋକସଭା ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ବିଧାନସଭା ଅଂଶରେ ଯେ କୌଣସି ପାଞ୍ଚଗୋଟି ମେସିନ୍‌ରୁ ଭିଭିପାଟ୍ କାଉଣ୍ଟର ଫଏଲ୍‌ଗୁଡ଼ିକୁ ଚୟନ କରାଯାଉଛି ଏବଂ ସେହିସବୁ ଇଭିଏମ୍ ଯେତେ ସଂଖ୍ୟକ ମତ ପ୍ରଦାନ କରିଥିଲା, ତା' ସହିତ ମେଳ କରାଯାଇ ଯାଞ୍ଚ କରାଯାଉଛି । ଏହି ଅଂଶକୁ ବଢ଼ାଇବା ନିମନ୍ତେ ଯେଉଁ ଲୋକପ୍ରିୟ ଦାବି ହେଉଛି, ତାହା ନିର୍ବାଚନ ଆୟୋଗ ବିଚାର କରିବା ଉଚିତ। ଏହା ହୁଏତ ଫଳ ପ୍ରକାଶକୁ ସାମାନ୍ୟ ବିଳମ୍ବ କରାଇ ପାରେ, କିନ୍ତୁ ସମ୍ପୃକ୍ତ ପକ୍ଷମାନଙ୍କ ହିତ ଦୃଷ୍ଟିରୁ ଏହି ନିରପେକ୍ଷ କାର୍ଯ୍ୟ ପ୍ରତୀକ୍ଷାଯୋଗ୍ୟ ହେବ। ବିରୋଧୀ ଦଳମାନଙ୍କ ପ୍ରତି କଠୋରତା ଅବଲମ୍ବନ କରୁଥିବା ଏବଂ ଶାସକ ଦଳ ପ୍ରତି କୋହଳ ମନୋଭାବ ପୋଷଣ କରୁଥିବାର ଯେଉଁ ଅଭିଯୋଗ ବେଶ୍ କିଛି ବର୍ଷ ଧରି ହୋଇ ଆସୁଛି, ତାକୁ ନିଜ ମନରେ ରଖି ଯେତେଦୂର ସମ୍ଭବ ନିରପେକ୍ଷତା ଅବଲମ୍ବନ କରିବାକୁ ଇସି ଆଗେଇ ଆସିବା ଉଚିତ। ଦେଶର ସର୍ବବୃହତ୍ ଲୋକସଭା ନିର୍ବାଚନ ସମ୍ପୂର୍ଣ୍ଣ ନିରପେକ୍ଷତାର ସହିତ ହେବା ଯେଉଁଭଳି ଅତ୍ୟାବଶ୍ୟକ, ସେହିଭଳି ଏଥିପାଇଁ ଦୀର୍ଘ ଦିନର ସମୟ ଅତିବାହିତ କରାଯିବାକୁ ଭାରତ କଦାଚିତ୍ ସ୍ୱଚ୍ଛନ୍ଦରେ ଗ୍ରହଣ କରି ପାରିବ । ସବୁ ନିର୍ବାଚନ ମଣ୍ଡଳୀରେ ପର୍ଯ୍ୟାପ୍ତ ସଂଖ୍ୟାରେ କେନ୍ଦ୍ରୀୟ ପାରାମିଲିଟାରୀ ବାହିନୀଙ୍କୁ ମୁତୟନକୁ ସୁନିଶ୍ଚିତ କରିବା ନିମନ୍ତେ ଇସି ସାତଗୋଟି ପର୍ଯ୍ୟାୟରେ ନିର୍ବାଚନ କରାଯିବା ଆବଶ୍ୟକ ବୋଲି ବିବେଚନା କରୁଛନ୍ତି । କିନ୍ତୁ ସମୟ ଉପଗତ ହୋଇଛି, ଯେତିକି ସଂଖ୍ୟକ ସୁରକ୍ଷା କର୍ମୀ ଲପଲବ୍ଧ ହେଉଛନ୍ତି, ସେମାନଙ୍କର ମୁତୟନ କରାଯିବା କ୍ଷେତ୍ରରେ ଉନ୍ନତି ଅଣାଯିବା ବିଷୟକୁ ଇସି ବିଚାରକୁ ନେବା ଉଚିତ, ଯଦ୍ୱାରା ନିର୍ବାଚନର ପର୍ଯ୍ୟାୟ କ୍ଷେତ୍ରରେ ହ୍ରାସ କରାଯାଇ ପାରିବ। ଜାମ୍ମୁ ଏବଂ କାଶ୍ମୀରରେ ଲୋକସଭା ନିର୍ବାଚନ ସହିତ ବିଧାନସଭା ନିର୍ବାଚନ କରା ନଯିବାକୁ ଇସି ନିଷ୍ପତ୍ତି ନେବା ଦୁର୍ଭାଗ୍ୟଜନକ, କାରଣ ଏହା ସମ୍ପୃକ୍ତ କେନ୍ଦ୍ରଶାସିତ ଅଞ୍ଚଳର ଅଧିବାସୀମାନଙ୍କୁ ସେମାନଙ୍କର ଲୋକପ୍ରିୟ ସରକାରଙ୍କ ଶାସନରୁ ବଞ୍ଚିତ କରୁଛି । 'ଏକ ଦେଶ, ଏକ ନିର୍ବାଚନ' ସପକ୍ଷରେ କହୁଥିବା ଏକ କେନ୍ଦ୍ର ସରକାର ଏକ କେନ୍ଦ୍ରଶାସିତ ଅଞ୍ଚଳରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ କରାଇବା ନିମନ୍ତେ, ଯେଉଁଠି ଅବଶ୍ୟ ଅତ୍ୟଧିକ ମାତ୍ରାରେ ସୁରକ୍ଷା ଏକ ବଡ଼ ପ୍ରସଙ୍ଗ, ସେଠାରେ ଅତିରିକ୍ତ ସୁରକ୍ଷା ବଳଙ୍କୁ ମୁତୟନ କରିବାକୁ ନିଜର ଅକ୍ଷମତାକୁ ଦର୍ଶାଇବା କ୍ୱଚିତ୍ ସମର୍ଥନୀୟ। ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଜନ୍ ଏଫ୍ କେନେଡି ଏକଦା ଯାହା କହିଥିଲେ, ତାକୁ ଯଦି ସରଳ ଭାବରେ କୁହାଯାଏ, ତା'ହେଲେ ତାହା ଏହିପରି ହେବ ଯେ- ଯେତେବେଳେ ଜାମ୍ମୁ-କାଶ୍ମୀରର ଜଣେ ନାଗରିକଙ୍କର ଅଧିକାରକୁ କ୍ଷୁଣ୍ଣ କରାଯାଏ, ସେତେବେଳେ ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ଅଧିକାର ବିପଦଗ୍ରସ୍ତ ହୋଇଥାଏ। କହିବା ବାହୁଲ୍ୟ, ପ୍ରତିଟି ଭାରତୀୟଙ୍କର ସେମାନଙ୍କ ସରକାରଙ୍କୁ ନିର୍ବାଚିତ କରିବାର ଅଧିକାରକୁ ସମ୍ମାନ ପ୍ରଦର୍ଶନ କରା ଯାଉଥିବାକୁ ସୁନିଶ୍ଚିତ କରାଇବା ହେଉଛି ନିର୍ବାଚନ ଆୟୋଗଙ୍କ ଦାୟିତ୍ୱ ।

# ସହରରେ ମିଳିବ ଗ୍ରାମ୍ୟ ସଂସ୍କୃତିର ମହକ



### ବିପିନ ବିହାରୀ ରାଉତ



ସମୟ ବଦଳିବା ସହିତ ଲୋକଙ୍କ ଚାଲିଚଳନ ଜୀବନଶୈଳୀ, ଖାଦ୍ୟପେୟ ରୁଚିରେ ଅନେକ ପରିବର୍ତ୍ତନ ଘଟିଛି। ଏ ସବୁ ସତ୍ତ୍ୱେ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ପଖାଳର ଆଦୃତି କମିନାହିଁ। ଆଜି ମଧ୍ୟ ଗାଁ ଠାରୁ ଆରମ୍ଭ କରି ସହରର ଲୋକମାନେ ପଖାଳର ମହତ୍ତ୍ୱକୁ ଭୁଲିଯାଇନାହାନ୍ତି। ପୂର୍ବରୁ କେବଳ ଚାଷୀ ଘରର ପ୍ରମୁଖ ଖାଦ୍ୟ ଥିଲା ପଖାଳ। ଗାଁ ଗହଳିର ନିତିଦିନିଆ ଖାଦ୍ୟ ଏହି ପଖାଳ କିନ୍ତୁ ଏବେ ସହରରେ ପ୍ରବେଶ କରିଛି। ସବୁଦିନ ନହେଲେ ମଧ୍ୟ ସମୟ ସମୟରେ ପରିବାର ସଦସ୍ୟଙ୍କ ଗହଣରେ ପଖାଳ ଖାଇବାର ମଜା ଟିକେ ନିଆରା। ବିଶେଷକରି ଖରାଦିନ ଆସିଲେ, ପଖାଳ ଖାଇବାକୁ ଅଧିକ ଲୋକ ଭଲ ପାଇଥାନ୍ତି। ସହରର ଚାକଚକ୍ୟ ମାଧୁର୍ଯ୍ୟ ଭରା ପରିବେଶରେ ମଧ୍ୟ ପଖାଳର ଏବେବି ଚାହିଦା ରହିଛି। ଯଦିଓ ପଖାଳରେ କୌଣସି ପରିବର୍ତ୍ତନ ହୋଇନାହିଁ କିନ୍ତୁ ପଖାଳ ଖାଇବାର ପରିବେଶ ଏବଂ ଶୈଳୀରେ ବହୁ ପରିବର୍ତ୍ତନ ଘଟିଛି। ଗତ କିଛି ବର୍ଷ ହେଲା ସହରରେ ପଖାଳକୁ ନେଇ ଏକ ଭିନ୍ନ ପରମ୍ପରା ସୃଷ୍ଟି ହୋଇଛି। ପଖାଳର ମହତ୍ତ୍ୱକୁ ବଜାୟ ରଖିବାକୁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ ସାର୍ବଜନନୀ ପଖାଳ ଦିବସ ଭାବେ ପାଳନ କରାଯାଉଛି। ତେବେ ଏହାକୁ ନେଇ ନିୟମିତ ପଖାଳ ଖାଉଥିବା ଗାଁର ଲୋକଟିଏ ଯେତିକି ଖୁସି ନଥାନ୍ତି ତାଠାରୁ ଦ୍ୱିଗୁଣ ଉତ୍କଣ୍ଠା ଦେଖାଯାଇଛି ସହରବାସୀଙ୍କ ମଧ୍ୟରେ।

ଗାଁଠୁ ସହର ପର୍ଯ୍ୟନ୍ତ ପ୍ରତି ଘରେ ପଖାଳ ପ୍ରତି ଲୋକଙ୍କର ଆକର୍ଷଣ ରହିଛି। ଗାଁ ପରିବେଶରେ ଲୋକଙ୍କୁ ଜୀବନଶୈଳୀରେ ପଖାଳ ଯେ କେବଳ ଏକ ନିତିଦିନିଆ ପାକ ପଦ୍ଧତି ତାହା ନୁହେଁ ବରଂ ଏହା ପ୍ରତି ପରିବାରକୁ ଯୌଥ ସୂତ୍ରରେ ମଧ୍ୟ ବାନ୍ଧି ରଖିବାରେ ଏକ ମାଧ୍ୟମ। କଂସାଏ ପଖାଳ ଓ ମୁନ୍ଦାଏ ତୋରାଣି ଦିନସାରାର ଖୋରାକ ଯୋଗାଇଥାଏ। ସେଇ ପଖାଳ ଖାଇ ଚାଷୀଟିଏ ଆତ୍ମସନ୍ତୋଷ ପାଇଥାଏ। ଆଜି ପଖାଳ ଦିବସ ଅବସରରେ ସହରବାସୀ ସେକାଳ ପଖାଳକୁ ଝୁରୁଛନ୍ତି। ଯେଉଁଥିପାଇଁ ପଖାଳ ପ୍ରସ୍ତୁତ ହୋଇଥିବା ବିଭିନ୍ନ ହୋଟେଲମାନଙ୍କରେ ପୂର୍ବରୁ ପ୍ରସ୍ତୁତ ଆରମ୍ଭ ହୋଇଛି। ଏହି ଦିବସ କେବଳ ଓଡ଼ିଶାରେ ନୁହେଁ ବରଂ ଓଡ଼ିଶା ବାହାରେ ମଧ୍ୟ ପାଳନ କରାଯାଉଛି। ପଖାଳ ଦିବସ ପାଇଁ ସହରର ବିଭିନ୍ନ ଛୋଟବଡ଼ ହୋଟେଲରେ ସ୍ୱତନ୍ତ୍ର ପ୍ରସ୍ତୁତି ହୋଇଛି। ସହରର ପ୍ରତି ହୋଟେଲରେ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଛି। ଏହାସହ ଗ୍ରାମୀଣ ପରିବେଶ ସୃଷ୍ଟି ପାଇଁ ମଧ୍ୟ ସ୍ୱତନ୍ତ୍ର କଟେଜ୍ ନିର୍ମାଣ କରାଯାଇଛି, ଯେଉଁଠି ବସି ସହରବାସୀ କିଛି ସମୟ ପାଇଁ ଗାଁ ପରିବେଶକୁ ଅନୁଭବ କରିପାରିବେ। ଛୋଟ ହୋଟେଲଠୁ ଆରମ୍ଭ କରି ଷ୍ଟାର ହୋଟେଲ ପର୍ଯ୍ୟନ୍ତ ସବୁଠି ପ୍ରସ୍ତୁତି ହୋଇଛି ବିଭିନ୍ନ ଧରଣର ପଖାଳ ମେନୁ। ସାଧା ପଖାଳ, ଛୁଙ୍କ ପଖାଳ, ଦହି ପଖାଳ, ଖଟା ପଖାଳ, ସଜ ପଖାଳ, ପରିବା ପଖାଳ, ପରି ଅନେକ ପ୍ରକାର ମେନୁ ଉପଲବ୍ଧ ହୋଇଛି। ଏନେଇ ବିଭିନ୍ନ ଦରଦାମ୍ ମଧ୍ୟ ଧାର୍ଯ୍ୟ କରାଯାଇଛି। ମଧ୍ୟମ ଧରଣର ହୋଟେଲଗୁଡ଼ିକରେ ୩୦ଟଙ୍କାରୁ ଆରମ୍ଭ କରି ୯୦ ଟଙ୍କା ପର୍ଯ୍ୟନ୍ତ ପଖାଳ ଡିସ୍‌ର ମୂଲ୍ୟ ରହିଥିବା ବେଳେ ଷ୍ଟାର ହୋଟେଲଗୁଡ଼ିକରେ ଏହାର ମୂଲ୍ୟ ୪୦୦ରୁ ୬୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ପ୍ରତିବର୍ଷ ଗ୍ରାହକଙ୍କୁ ଆକୃଷ୍ଟ କଲା ଭଳି ସ୍ୱତନ୍ତ୍ର ବ୍ୟବସ୍ଥାମାନ କରାଯାଉଛି। ଏହାସହ ପଖାଳ ଦିବସ ପାଇଁ କେତେକ ସ୍ଥାନରେ ସ୍ୱତନ୍ତ୍ର ରିହାତି ରହିଛି। ସାଧା ପଖାଳରେ ବଡ଼ିଚୁରା, ଭଜା, ଚିପ୍ସ, ସାଲାଡ଼, ଆଳୁଭର୍ତ୍ତା, କଖାରୁ ଫୁଲ, ପୋଟଳ ଭଜା ଆଦି ରହିଥିବାବେଳେ ଦହି ପଖାଳରେ ସମାନ ପ୍ରକାର ବ୍ୟଞ୍ଜନ ରହିଥିବା ଏକାମ୍ରହାଟରେ ଥିବା ଏକ ହୋଟେଲର ମାଲିକ କୁହନ୍ତି। ଏଥର ପଖାଳ ଦିବସ ମଙ୍ଗଳବାର ହୋଇଥିବାରୁ ଆମିଷକୁ ଅଧିକ ଗୁରୁତ୍ୱ ଦିଆଯାଇଛି ଏବଂ ବିଭିନ୍ନ ଶାଗ ଆଇଟମରେ ଚୁନା ମାଛ, ବିଭିନ୍ନ ପ୍ରକାର ଭଜା ମାଛ, ମାଂସ କଷା, ଚିଙ୍ଗୁଡି ଭଜା, ମଟନ କଷା ଆଦି ରହିଛି। ସ୍କୁଲ କଲେଜ ପିଲାଙ୍କ ଠାରୁ ସମସ୍ତ ବର୍ଗର ଲୋକମାନେ ଏହି ଦିବସର ମଜା ନେଇଥାନ୍ତି ବୋଲି ହୋଟେଲ ମାଲିକ ପ୍ରକାଶ କରିଛନ୍ତି। ଦୈନନ୍ଦିନ ଜୀବନରେ ପଖାଳର ସ୍ଥାନ ସ୍ୱତନ୍ତ୍ର। ବିଶେଷକରି ଖରାଦିନେ ଓଡ଼ିଆଙ୍କ ଘରେ ଘରେ ପଖାଳର ଆଦୃତି ଦେଖିବାକୁ ମିଳିଥାଏ। କେବଳ ଗରିବ ଲୋକ ନୁହଁନ୍ତି ଧନୀ ଲୋକଙ୍କ ଘରେ ମଧ୍ୟ ଆବହମାନ ସମୟରୁ ପଖାଳର ଆଦରକୁ ନେଇ ଅନେକ ଲୋକକଥା ମଧ୍ୟ ରହିଛି। କଥାରେ ଅଛି ଜଣଙ୍କ ଘରେ ପଖାଳ ଥିଲେ ଆଉ ବାରିରେ ଶାଗ ମନ୍ଦାଏ ଥିଲେ ତାହାଘରେ ଆଉ ଅଭାବ ଶବ୍ଦ ନଥାଏ। ବାସ୍ତବିକ ଏହା ଅତ୍ୟନ୍ତ ସତ କଥା। କେହି କେହି ପରିହାସରେ ପଖାଳଖିଆ ଓଡ଼ିଆ ମଧ୍ୟ କୁହନ୍ତି ଏହାର ଅନ୍ତର୍ନିହିତ ତାତ୍ପର୍ଯ୍ୟ ମଧ୍ୟ ଅଛି ତାହା ହେଉଛି ପଖାଳ ଶରୀରକୁ ଯେଉଁ ପୋଷକତତ୍ତ୍ୱ ଦେଇଥାଏ ତାହା ଅନ୍ୟ ଖାଦ୍ୟରେ ନଥାଏ। କେହି କେହି କୁହନ୍ତି ବାଶୀ ପଖାଳ ଯଦିଓ ଶରୀରକୁ ନିଦ୍ରା ଆଡ଼କୁ ନେଇଯାଏ କିନ୍ତୁ ପଖାଳ ହେଉଛି ସନ୍ତୁଷ୍ଟିର ଲକ୍ଷଣ ଅର୍ଥାତ୍ ସର୍ବନିମ୍ନ ଆବଶ୍ୟକକୁ ନେଇ ଏକ ଜାତି ମୁଣ୍ଡଟେକି ଚାଲିପାରେ ଆଉ ଜୀବନରେ ଭଗବାନଙ୍କ ପ୍ରଦତ୍ତ ସର୍ବନିମ୍ନ ଆବଶ୍ୟକତାକୁ ନେଇ ଜଣେ ଖୁସି ମଧ୍ୟ ହୋଇ ତା'ଜୀବନ ଅତିବାହିତ କରିଥାଏ। ଓଡ଼ିଶାର ଅନେକ ଲବ୍ଧପ୍ରତିଷ୍ଠିତ ଏବଂ ବିତ୍ତଶାଳୀ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନଙ୍କ ଜୀବନ କାହାଣୀରେ ପଖାଳ ବିଷୟରେ ଉଲ୍ଲେଖ ରହିଛି। ପଖାଳକୁ ଭଲ ପାଉଥିବା ଜାତି ହେଉଛି ଏହି ବୀର ଓଡ଼ିଆ ଜାତି। ପଖାଳର ଆଉ ଏକ ସ୍ୱତନ୍ତ୍ର ସ୍ୱାଦ ଅନୁଭୂତ ହୁଏ ବସନ୍ତ ଋତୁର ଆଦ୍ୟ ପ୍ରବେଶ ସମୟରେ। ବାଡ଼ି ହେଉ ବା ତୋଟା ଆମ୍ବ ବକୁଳର ଲସିକୁ ପଖାଳରେ ପକାଇ ସେହି କଞ୍ଚାଆମ୍ବର ଚଟଣି ଓ ଅନ୍ୟାନ୍ୟ ବ୍ୟଞ୍ଜନ ସହ ପଖାଳର ସ୍ୱାଦ ସମସ୍ତଙ୍କ ପାଇଁ ସ୍ୱତନ୍ତ୍ର ଓ ନିଆରା। ଆଜିକାଲି ବଡ଼ ବଡ଼ ହୋଟେଲରେ ଧନୀବିତ୍ତଶାଳୀ ଲୋକମାନେ କଂସାରେ ବିଭିନ୍ନ ବ୍ୟଞ୍ଜନ ସହ ପଖାଳକୁ ଆଦରି ଏହାକୁ ଖାଦ୍ୟରେ ଗୁରୁତ୍ୱ ଦେଉଛନ୍ତି। ପଖାଳ ଶରୀରତତ୍ତ୍ୱ ପାଇଁ ଅତ୍ୟନ୍ତ ଆବଶ୍ୟକୀୟ। ଶରୀରକୁ ଶୁଷ୍କତାରୁ ଆରୋଗ୍ୟ ଲାଭ କରି ଜଣଙ୍କ ପେଟକୁ ଥଣ୍ଡା ରଖିବାରେ ପଖାଳର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଜି ବିଶ୍ୱ ପଖାଳ ଦିବସ ଅବସରରେ ଏପରି ଏକ ଗାଁ ସଂସ୍କୃତିର ପରମ୍ପରାର ଖାଦ୍ୟକୁ ସମସ୍ତେ ମନେପକାଇ ଏହାକୁ ଆଦରିବା ପାଇଁ ନିଜ ନିଜ ଭିତରେ ଭଲ ପାଇବାକୁ ବଢ଼ାଇଲେ ପଖାଳର ମହକ ଅନେକ ବଢ଼ିପାରିବ।

+ଶ୍ରୀବିହାର କଲୋନୀ, କଟକ
ମୋ: ୯୪୩୭୬୬୬୪୫୩

# କିଙ୍ଗ କୋହଲିଙ୍କୁ ଭାରତ ରତ୍ନ କେବେ ?



### କାଳି ଦାସ

ଭାରତ ହେଲା ୧୪୦ କୋଟି ଲୋକଙ୍କର ଦେଶ। ଖେଳର ଦୁନିଆରେ ଆଜି ମଧ୍ୟ ପଛରେ। ଅଲମ୍ପିକରେ ବ୍ରୋଞ୍ଜ ମେଡେଲ ମିଳିଗଲେ ବି ଆମେ ଖୁସି ହେଇଯାଉ। ଆମର ଜାତୀୟ ଖେଳ ହକି, ହକି ଠାରୁ ଆମେ ଅନେକ ଆଶା ରଖିଥାଉ କିନ୍ତୁ ଆଶା ଆଶାରେ ହିଁ ରହିଯାଏ। କ୍ରିକେଟ ଖେଳରେ ହିଁ ଭାରତ ତାର ନା ରଖିପାରିଛି।୧୯୮୩ ରେ ଭାରତ ପ୍ରଥମ ଥର ପାଇଁ କ୍ରିକେଟ ବିଶ୍ୱ କପ ପାଇଥିଲା।

କପିଳ ଦେବଙ୍କ କ୍ୟାପଟେନସିପ ରେ ଭାରତ ପ୍ରଥମଥର ପାଇଁ ବିଶ୍ୱ କପ ଜିତିଥିଲା। ତା ପରଠାରୁ ଭାରତ ଆଉ ପଛକୁ ଚାହିଁନାହିଁ।ଗୋଟିଏ ପରେ ଗୋଟିଏ ଶ୍ରେଷ୍ଠ କ୍ରିକେଟର ଏହି ମାଟିରେ ଜନ୍ମ ନେଇ ଭାରତର ନା କୁ ସ୍ୱର୍ଣ୍ଣ ଅକ୍ଷରରେ କ୍ରିକେଟର ଇତିହାସରେ ଲେଖି ଚାଲିଛନ୍ତି। ସଚିନ ତେନ୍ଦୁଲକରଙ୍କୁ କ୍ରିକେଟ ଜଗତରେ ଗଡ ଅଫ କ୍ରିକେଟ ଉପାଧି ଦିଆଯାଇଛି। ସଚିନ ତେନ୍ଦୁଲକର କ୍ରିକେଟ ଖେଳ ରୁ ବିଦାୟ ନେବା ପରେ ଏକ ନୂଆ ପ୍ରତିଭା ଆମ ଆଖି ଆଗକୁ ଆସିଛି, ସିଏ ହେଲେ ବିରାଟ କୋହୋଲି।

ବିରାଟ କୋହୋଲିଙ୍କ ଜନ୍ମ ୫ ନଭେମ୍ବର ୧୯୮୮ ଭାରତର ରାଜଧାନୀ ଦିଲ୍ଲୀ ସହରରେ ହୋଇଥିଲା ବିରାଟ କୋହୋଲି ଭାରତର ଜାତୀୟ ଟିମର ପୂର୍ବତନ ଅଧିନାୟକ ଥିଲେ। ବିରାଟ କୋହୋଲି ଡାହାଣ ହାତ ଖେଳାଳି ବା ରାଇଟ ହେଣ୍ଡ ବ୍ୟାଟସମେନ ଏବଂ ରୋୟାଲ ଚ୍ୟାଲେଞ୍ଜର୍ଷ ଟିମର କ୍ୟାପଟେନ। ବିରାଟ କୋହୋଲି ଟେଷ୍ଟ ମ୍ୟାଚ କ୍ରିକେଟ ଖେଳରେ ୨୯ଟି ଶତକ, ଓ୍ୱାନଡେ ଇଣ୍ଟରନ୍ୟାସନାଲ ଖେଳ ରେ ୫୦ଟି ଶତକ, ଟି୨୦ରେ କେବଳ ଏକ ମାତ୍ର ଶତକ ଏବଂ ଆଇପିଏଲ ରେ ସାତଟି ଶତକ ମାରିଛନ୍ତି। ଆଇପିଏଲ ଖେଳ ରେ ସବୁଠୁ ଅଧିକ ଶତକ ମାରିବାର ରେକଡ ବିରାଟ କୋହୋଲିଙ୍କ ଅଛି। ବିରାଟ କୋହୋଲିଙ୍କୁ ବିଶ୍ୱ କ୍ରିକେଟ ଇତିହାସ ରେ ଜଣେ ଉତ୍ତମ ଖେଳାଳି ବୋଲି ମାନ୍ୟତା ମିଳିଛି। ବିରାଟ କୋହୋଲି ଅଗଷ୍ଟ ୨୦୦୮ରେ ଶ୍ରୀଲଙ୍କା ବିରୋଧରେ ଡେବ୍ୟୁ କରିଥିଲେ। ବିରାଟଙ୍କ ଅଣ୍ଡର ୧୯ କ୍ରିକେଟ ବିଶ୍ୱ କପରେ ଉତ୍ତମ ଖେଳ ଖେଳିବା ଯୋଗୁ ତାଙ୍କୁ ଭାରତର ଜାତୀୟ ଟିମରେ ସ୍ଥାନ ମିଳିଥିଲା। ବିରାଟ ତାଙ୍କର ପ୍ରଥମ ଡ଼େବ୍ୟୁ ଓ୍ୱାନଡେ ଇଣ୍ଟେନ୍ୟାସନାଲ ଖେଳରେ ତାଙ୍କର ପ୍ରଥମ ଶତକ ମାରିଥିଲେ। ବିରାଟ କୋହଲି ଶ୍ରୀଲଙ୍କା ବିରୋଧରେ ୧୦୭ ରନ କରିଥିଲେ। ବିରାଟ କୋହଲି ୨୦୨୩ ବିଶ୍ୱ କପ କ୍ରିକେଟ ଖେଳରେ ତିନୋଟି ଅର୍ଦ୍ଧ ଶତକ ଏବଂ ତିନୋଟି ଶତକ ମଧ୍ୟ ମାରିଛନ୍ତି। ୨୦୨୩ ବିଶ୍ୱ କପ କ୍ରିକେଟରେ ବିରାଟ କୋହୋଲି ଭାରତର ଲିଜେଣ୍ଟ ବ୍ୟାଟସମେନ, ଗଡ ଅଫ କ୍ରିକେଟ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇ ଓ୍ୱାନଡ଼େ ଇଣ୍ଟରନ୍ୟାସନାଲ ଖେଳରେ ପଚାଶ ତମ ଶତକ ହାସିଲ କରିଥିଲେ। ବର୍ତ୍ତମାନ ଓ୍ୱାନଡ଼େ ଇଣ୍ଟରନ୍ୟାସନାଲ କ୍ରିକେଟ ଖେଳରେ ବିରାଟ କୋହୋଲିଙ୍କ ପାଖରେ ସବୁଠୁ ଅଧିକ ଶତକ ମାରିବାର ରେକଡ ଅଛି। ୨୦୨୩ ବିଶ୍ୱ କପ କ୍ରିକେଟ ଖେଳରେ ବିରାଟ କୋହଲି ସବୁଠୁ ଅଧିକ ରନ କରିଥିଲେ। ବିରାଟ କୋହୋଲି ୨୦୨୩ ବିଶ୍ୱ କପ ଖେଳରେ ୭୬୫ ରନ କରିଥିଲେ। ବିରାଟ କୋହୋଲିଙ୍କୁ ଆଇସିସି ପ୍ଲେୟାର ଅଫ ଦି ସିରିଜ ଘୋଷଣା କରାଯାଇଛି। ବିରାଟ କୋହୋଲି ବିଶ୍ୱ ରେ ସମସ୍ତ କ୍ରିକେଟ ଖେଳୁଥିବା ଖେଳାଳିଙ୍କୁ ପଛରେ ପକାଇ ନିଜ ସ୍ଥାନକୁ ଶିର୍ଷକୁ ଆଣି ପାରିଛନ୍ତି। ବିରାଟ କୋହୋଲିଙ୍କ ଉତ୍ତମ ଖେଳର ପ୍ରଦର୍ଶନ ଯୋଗୁ ଭାରତ ଅନେକ ଥର କ୍ରିକେଟ ମ୍ୟାଚ ଓ ସିରିଜ ମଧ୍ୟ ଜିତିଛି। ୨୦୨୩ ଭାରତ ଏବଂପାକିସ୍ଥାନ ଭିତରେଟି ୨୦ ବିଶ୍ୱ କପ କ୍ରିକେଟ ମ୍ୟାଚରେ ଭାରତର ସ୍ଥିତି ବହୁତ ଖରାପ ଥିଲା ବେଳେ ବିରାଟ କୋହୋଲି ଏବଂ ହାର୍ଦିକ ପାଣ୍ଡିଆଙ୍କ ୧୨୦ ରନର ଭାଗୀଦାରୀ କରି ଭାରତୀୟ ଟିମ ପାଇଁ ଐତିହାସିକ ବିଜୟ ଆଣିଥିଲେ। ସେହି ଖେଳ ରେ ବିରାଟ କୋହୋଲି ଏବଂ ହାର୍ଦିକ ପାଣ୍ଡିଆ ଉଭୟେ ନିଜ ନିଜର ଅର୍ଦ୍ଧଶତକ ମାରିଥିଲେ। ଭାରତ କ୍ରିକେଟ ଟିମର ପ୍ରଥମ ଚାରି ୱିକେଟ ମାତ୍ର ୩୦ ରନ ଭିତରେ ପତନ ହୋଇଥିଲା, ସମସ୍ତ ଭାରତୀୟ କ୍ରିକେଟ ପ୍ରେମୀଙ୍କ ମନରେ ଉଦାସ ଭରିଦେଇ ଥିଲା। କିନ୍ତୁ ବିରାଟ ବୋଧ ହୁଏ ପଣ କରିଥିଲେ କି ସିଏ ନିଜ ୱିକେଟ ପକେଇବାକୁ ଦେବେ ନାହିଁ ଏବଂ ଭାରତକୁ ପାକିସ୍ଥାନ ବିପକ୍ଷ ମ୍ୟାଚରେ ବିଜୟର ଶ୍ରୀ ଦେବେ। ବିରାଟ କୋହୋଲି ଯାହା ଚାହୁଁ ଥିଲେ ସେହା ହିଁ ହେଲା। ବିରାଟ କୋହୋଲିଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଯୋଗୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇ ଥିଲା। ବର୍ତ୍ତମାନ କଥା ଉଠିଛି ଭାରତ ସରକାରଙ୍କ ତରଫରୁ ଭାରତୀୟ ଖେଳାଳିଙ୍କୁ ଏତେ ଅଣଦେଖା କାହିଁକି କରାଯାଉଛି। ଭାରତ ସରକାର ଏବଂ ଭାରତ ଜନତା କେବେ ବୁଝିବେ ଯେ ଭାରତୀୟ ଖେଳାଳିଙ୍କ ମନବଳ ବଢାଇବା ପାଇଁ ଭାରତୀୟ ଖେଳାଳି ମାନଙ୍କୁ ଭାରତ ରତ୍ନ ମିଳିବା କଥା।ଯଦି ତାଙ୍କୁ ଭାରତ ରତ୍ନ ମିଳିବ ତାହେଲେ ଖେଳାଳି ମାନଙ୍କ ମନବଳ ବଢ଼ିବ। ଆମ ଦେଶର ରାଜନେତା ମାନଙ୍କୁ ଭାରତ ରତ୍ନ ରେ ସମ୍ମାନିତ କରାଯାଉଛି କିନ୍ତୁ ବିଦେଶ ମାଟିରେ ତିରଙ୍ଗା ଓ ଭାରତ ପାଇଁ ଗୌରବ ଆଣୁଥିବା ଖେଳାଳି ମାନେ ଭାରତ ରତ୍ନ ସମ୍ମାନରୁ ବଞ୍ଚିତ ରହୁଛନ୍ତି। ବର୍ତ୍ତମାନ ସୁଦ୍ଧାକେବଳ ସଚିନ ତେନ୍ଦୁଲକରଙ୍କୁ ଏହି ସମ୍ମାନ ମିଳିଛି। ଆଗକୁ ଯଦି ଅନ୍ୟ ଖେଳାଳିଙ୍କୁ ଭାରତ ରତ୍ନରେ ସମ୍ମାନିତ କରାଯିବ ତାହେଲେ ଖେଳାଳିମାନେ ଖେଳକୁ ନିଜ ଜୀବିକା କରିବା ପାଇଁ ଆଗେଇ ଆସିବେ । ରାଜନେତା କଣ କରିଛନ୍ତି ? ଅନେକ ରାଜନେତା ସାଧାରଣ ଜନତାଙ୍କ ଟିକସ ପଇସାକୁ ଲୁଟି ଛନ୍ତି କିନ୍ତୁ ଭାରତ ସରକାର କେବଳ ରାଜନେତାଙ୍କୁ ଭାରତ ରତ୍ନ ଦେବା ପାଇଁ ଆଗଭର। ତାଙ୍କୁ କୋ ଉଦ୍ଦେଶ୍ୟରେ ଭାରତ ରତ୍ନ ଦିଆ ଗଲା। ବିରାଟ କୋହୋଲି ଏଥିରେ ବଞ୍ଚିତ କାହିଁକି ହେଲେ।

> ୨୦୨୩ ବିଶ୍ୱ କପ କ୍ରିକେଟ ଖେଳରେ ବିରାଟ କୋହଲି ସବୁଠୁ ଅଧିକ ରନ କରିଥିଲେ। ବିରାଟ କୋହୋଲି ୨୦୨୩ ବିଶ୍ୱ କପ ଖେଳରେ ୭୬୫ ରନ କରିଥିଲେ। ବିରାଟ କୋହୋଲିଙ୍କୁ ଆଇସିସି ପ୍ଲେୟାର ଅଫ ଦି ସିରିଜ ଘୋଷଣା କରାଯାଇଛି। ବିରାଟ କୋହୋଲି ବିଶ୍ୱ ରେ ସମସ୍ତ କ୍ରିକେଟ ଖେଳୁଥିବା ଖେଳାଳିଙ୍କୁ ପଛରେ ପକାଇ ନିଜ ସ୍ଥାନକୁ ଶିର୍ଷକୁ ଆଣି ପାରିଛନ୍ତି। ବିରାଟ କୋହୋଲିଙ୍କ ଉତ୍ତମ ଖେଳର ପ୍ରଦର୍ଶନ ଯୋଗୁ ଭାରତ ଅନେକ ଥର କ୍ରିକେଟ ମ୍ୟାଚ ଓ ସିରିଜ ମଧ୍ୟ ଜିତିଛି। ୨୦୨୩ ଭାରତ ଏବଂପାକିସ୍ଥାନ ଭିତରେଟି ୨୦ ବିଶ୍ୱ କପ କ୍ରିକେଟ ମ୍ୟାଚରେ ଭାରତର ସ୍ଥିତି ବହୁତ ଖରାପ ଥିଲା ବେଳେ ବିରାଟ କୋହୋଲି ଏବଂ ହାର୍ଦିକ ପାଣ୍ଡିଆଙ୍କ ୧୨୦ ରନର ଭାଗୀଦାରୀ କରି ଭାରତୀୟ ଟିମ ପାଇଁ ଐତିହାସିକ ବିଜୟ ଆଣିଥିଲେ।

+ବ୍ରହ୍ମପୁର,
ଖୋଡ଼ାସିଙ୍ଗ କଳିଙ୍ଗନଗର,
ମୋ: ୭୨୦୫୧୦୦୮୩୯

## କବିତା କୋଣାର୍କ

### ସ୍ୱଚ୍ଛତା

**କୀର୍ତ୍ତନ ସାହୁ**



ଖୁବ୍ ଆପଣାର
କରି ନେଇଥିବା
ଏ ପ୍ରିୟ ଘରକୁ
ସ୍ୱଚ୍ଛତାର ଏକ ନିର୍ମଳ
ଭାବମୂର୍ତ୍ତି ଦେବାରେ
ତମ କାର୍ଯ୍ୟ କୁଶଳତାର
ନିଛକ ଆତ୍ମୀୟତା
ବାରି ହେଇ ପଡେ
ତମେ ସ୍ୱଚ୍ଛତାକୁ ଆପଣେଇ
ପବିତ୍ରତାର ଏକ
ଶିହରଣ ଖେଳେଇ
ପ୍ରେମମୟ ଜୀବନର
ମାଧୁର୍ଯ୍ୟ ଛୁଏଁଇ ଦେଇଛ
ପ୍ରତିଟି ହୃଦୟରେ

ପର୍ବପର୍ବାଣୀ କାହିଁକି
ନିତିଦିନିଆ ପରିଷ୍କାର ପରିଚ୍ଛନ୍ନତା
ତମ ଆଧ୍ୟାତ୍ମିକ ଚିନ୍ତନ ମିଶା
ଗତିଶୀଳତା
ପବିତ୍ରତାର ମହକ ଛୁଟାଉଛି
ହୃଦୟରେ ଭରି
ଖୁସିର ମାହୋଲ୍
ତମେ ପ୍ରମାଣ କରି ଦେଇଛ
ସ୍ୱଚ୍ଛତାହିଁ ପବିତ୍ରତା ।

+ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ମୋ: ୯୪୩୯୪୧୪୭୦୧

### ପଖାଳ ଦିବସ ଆସୁଛି

**ଝରଣା ବାରିକ**



ପଖାଳ ଦିବସ ପାଳୁଛି ଓଡ଼ିଆ
ଭାବିଲେ ଲାଗୁଛି ଦୁଃଖ,
ପଖାଳ ଖିଆଟା ଏତେ ବଡ଼ କଥା
ଖାଇଲେ କି ଅବା ସୁଖ।

ରାତି ପାହିଗଲେ କାଉ କାଆ କଲେ
ଶେଯ ରୁ ଉଠିଲେ କୁନି,
ଦାନ୍ତ ଘଷି ଦେଇ ଭୋକ ଭୋକ
ହୋଇ
ଖାଏ ସେ ପଖାଳ ତୁନି।

ପଖାଳ ଭାତ ଟା ଭାରି ମହରଗ
ସହଜେ ପଡେନା ହାତେ,
ତୋରାଣିକୁ ପିଇ ଭୋକ
ମେଣ୍ଟି ଯାଏ
କହିବାକୁ ଲାଜ ସତେ।

ଗୋଟାଏ କଂସାରେ ଚାରି ଚାରି ଜଣ
ସେଥିରେ ମୁଠାଏ ଭାତ,
ପେଟ ପୁରେ ନାହିଁ ଭୋକ ମେଣ୍ଟେ
ନାହିଁ
କଂସାରୁ ଉଠେନା ହାତ।

ପଖାଳ ଭାତ ରେ ଶୁଖୁଆ ପୋଡାକୁ
ପାଉଛି ବା କିଏ ଭଲ,
ଆଳୁ ଚକଟାକୁ ରସୁଣ ଦି ଫୁଟ
ପିଆଜ ସୋରିଷ ତେଲ।

ପଖାଳ ମଜା ଟା ସିଏ ଏକା ଜାଣେ
ଭୋକ ଢ଼ୋକି ଯିଏ ଜୀଇଁଛି,
ପଖାଳ ଆଗରେ ପିଜା,ବରଗର
ବିରିୟାନି ଫିକା ପଡିଛି।

+ସମଲ, ତାଳଚେର, ଅନୁଗୋଳ

### ସନ୍ଧ୍ୟା

**ସୁହଂସ ଭୋଇ**



ଅସ୍ତାଚଳେ ରବି ଗଲେ ଯେବେ ଚାଲି
ତହୁଁ ସନ୍ଧ୍ୟା ଆସେ ମାଡି
ବିହଗ ସମୂହ ଫେରନ୍ତି ନିଳୟ
ନୀଳ ନଭେ ପର ଝାଡି

ବିଲ ଛାଡେ ଚାଷୀ ମରାଳ ସରସୀ
ଧୀବର ଛାଡଇ ଘାଟ
ପଥଚାରୀ ବାଟ ଗୋରୁପଳ ଗୋଠ
ବେପାରୀ ଛାଡେ ସେ ହାଟ
ତୁଳସୀ ମୂଳରେ ଜଳେ ସଞ୍ଜବତୀ
ସହରେ ବିଜୁଳି ବତୀ
ଦେଉଳେ ଆଳତୀ ହୁଏ ନୀତିକାନ୍ତି
ବାଜେ ଘଣ୍ଟି ନିତିପ୍ରତି

ମାଆ ଖୋଜେ ପୁଅ ବାପା ଚିନ୍ତା ଝିଅ
ଚକ୍ଷୁହୀନ ଖୋଜେ ବାଡି
ବଧୂ ଖୋଜେ ମନେ ମନର ମଣିଷ
ବେଳ ଯାଉ ଥିଲେ ଗଡି

ଭାରି ମନୋରମା ଉଷସୀ ସୁନ୍ଦରୀ
ଅପରୂପା ସୁନାନାକୀ
ଦିବସକୁ ଦେଇ ସାଦରେ ମେଲାଣି
ଯାମିନୀକୁ ଆଣେ ଡାକି ।

+ପହଣ୍ଡି,ବରଗଡ଼
ମୋ: ୯୪୩୭୫୨୨୪୫୫

### ଅଭାବି ମଣିଷ

**ଡିସମ୍ବର ମେହେର**

କିଛି ହଜେଇ ଦେଇଛି
ଅତୀତ ଓ ବର୍ତ୍ତମାନ ମଧ୍ୟରେ
ଅନେକ ନୂତନତାକୁ ଆପଣେଇ
ନେଇଛି
ବାନ୍ଧି ଦେଇଛି ସଂପର୍କ ରଜ୍ଜୁରେ
ବନ୍ଧୁ, ପରିଜନ, ଆତ୍ମୀୟ ସହ ।

ତଥାପି ଲାଗେ ଅଭାବି
ଅତୀତର ସ୍ମୃତି ଚିହ୍ନକୁ ଖୋଜେ
ଛୁଇଁ ହେଉନି ଆଉ ସେ ଲମ୍ବା ପଥକୁ
ଫେରି ପାଉନି ଆପଣାର ସମୟ
ଅମୂଲ୍ୟ, ଅପାସରା ମୁହୂର୍ତ୍ତ।

ପିଲାଦିନ ଓ ବର୍ତ୍ତମାନର ତଫାତ୍
ଏଠି କର୍ତ୍ତବ୍ୟର ଭାର କାନ୍ଧରେ
ସେଠି ଅଧିକାର ଜାହିର କରୁଥିଲି
ହସିବା ଖୋଜରେ କାନ୍ଦୁଥିଲି
ଏବେ ହସେଇ ପାଇଁ କାନ୍ଦୁ ଅଛି ।
ଆଜି ସମୟର ଅଭାବି
ଖେଳିବା, ବୁଲିବା, ଗପିବା
ସବୁ ଜୀବନ ପୃଷ୍ଠାରେ ସାଇତି
ହେଇଛି
ଗୋଟିଏ ଗୋଟିଏ ପୁରୁଣା ଗପ
ଅଧ୍ୟାୟରେ
ପଢୁଛି, ଝୁରିହେଇଛି ଅତୀତକୁ ନେଇ

+ଗଣ୍ଡାବାହାଲି, ନୂଆପଡା

## ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି

ଅଣ୍ଟାବ୍ୟଥା ଏବେ ପ୍ରାୟ ପ୍ରତ୍ୟେକଙ୍କୁ ଆକ୍ରାନ୍ତ କରୁଥିବା ବେଳେ ଏହାର ମୁଖ୍ୟତଃ ଦୁଇଟି କାରଣ ରହିଛି । ଆଗକୁ ନଇଁ ଭାରି ଜିନିଷ ଉଠାଉଥିବା ବେଳେ ମେରୁଦଣ୍ଡ ଦୁଇପାଖରେ ସକଅବଜର୍ଭର ଭାବେ କାମ କରୁଥିବା ଡିସ୍କ ଖସିଯାଏ । ଏହାକୁ କହନ୍ତି ସ୍ଲିପ୍ ଡିସ୍କ । ଅନ୍ୟ ଏକ ସମସ୍ୟାରେ ବୟସ ବଢ଼ିଲେ ମେରୁଦଣ୍ଡ କେନାଲର ବ୍ୟାସାର୍ଦ୍ଧ, ଧୀରେଧୀରେ କମିଯାଏ ଓ ସୁଷୁମ୍ନାକାଣ୍ଡକୁ ଚାପିଦିଏ । ଏହାଦ୍ୱାରା ସିଆଟିକ୍ ସ୍ନାୟୁ ଉପରେ ଚାପ ଆସି ଅଣ୍ଟାକୁ ଚାପିଦିଏ । ଏହାଦ୍ୱାରା ସିଆଟିକ୍ ସ୍ନାୟୁ ଉପରେ ଚାପ ଆସି ଅଣ୍ଟାରୁ ଗୋଡ଼ ପର୍ଯ୍ୟନ୍ତ ବିନ୍ଧେ । ଗୋଡ଼ ଝିମଝିମ ହୋଇ କାଲୁଆ ପଡ଼ିଯାଏ । ଚାଲିଲାବେଳେ ଗୋଡ଼ ବାନ୍ଧିରଖେ ଓ ଚାଲିବାର ଦୂରତା କମିଆସେ । ବେଳେବେଳେ ମଳମୂତ୍ର ତ୍ୟାଗର ବେଗ ଉପରେ ନିୟନ୍ତ୍ରଣ ରହେନାହିଁ । ଏହାକୁ ସିଆଟିକା ମଧ୍ୟ କହନ୍ତି । ଏବେ ଏସବୁ ସମସ୍ୟାର ଚିକିତ୍ସା ଅତ୍ୟାଧୁନିକ ଏଣ୍ଡୋସ୍ପାଇନ ସାହାଯ୍ୟରେ କରାଯାଇପାରୁଛି । ଏଥିରେ ଅସ୍ତ୍ରୋପଚାରୀ କରାଗଲେ ମଧ୍ୟ ଷ୍ଟିଚ ଦରକାର ହୁଏନି ।





ଏହି ଅସ୍ତ୍ରୋପଚାର ବେଳେ ଏକ ସେଣ୍ଟିମିଟର ବ୍ୟାସାର୍ଦ୍ଧର ଛୋଟ କଣା କରାଯାଏ । ୨୫ମିନଟ୍ ମଧ୍ୟରେ ଅସ୍ତ୍ରୋପଚାର ବେଳେ ଏକ ସେଣ୍ଟିମିଟର ବ୍ୟାସାର୍ଦ୍ଧର ଛୋଟ କଣା କରାଯାଏ । ୨୫ମିନିଟ୍ ମଧ୍ୟରେ ଅସ୍ତ୍ରୋପଚାର ଶେଷ ହେବା ସହ ମାତ୍ର ୧୦ମିଲି ରକ୍ତ କ୍ଷୟ ହୁଏ । ଅସ୍ତ୍ରୋପଚାରର ଦୁଇଘଣ୍ଟା ପରେ ରୋଗୀ ଚାଲିପାରେ । ହସପିଟାଲରେ ଦୁଇ ଦିନ ରହିବାକୁ ପଡ଼େ ଏବଂ ସାତଦିନ ମଧ୍ୟରେ ରୋଗୀ କାମରେ ଯୋଗଦେଇପାରନ୍ତି । ଏହି ଅସ୍ତ୍ରୋପଚାର ସମୟରେ ସୁଷୁମ୍ନାକାଣ୍ଡରୁ ବାହାରିଥିବା ସ୍ନାୟକୁ ଅଲଗା କରି ରଖିବା ଲାଗି ସ୍ୱତନ୍ତ୍ର ଭାବେ ଏକ ଯନ୍ତ୍ର ରହିଛି । ଏହା ଏକ ଅତି ସୂକ୍ଷ୍ମ ଟେଲିସ୍କୋପିକ ଯନ୍ତ୍ର ଭଳି ଆଗରୁ ଅସ୍ତ୍ରୋପଚାର ବେଳେ କେତେକ କ୍ଷେତ୍ରରେ ରକ୍ତମାଂସ ମଝିରେ ରହିଥିବା ସରୁସ୍ନାୟୁ କାଟି ହୋଇଯାଉଥିଲା । ଫଳରେ ରୋଗୀଙ୍କ ପାଦ ଝୁଲିପଡ଼େ ,ବଂ ପରାଲିସିସ୍ ହେବାର ଆଶଙ୍କା ଦେଖାଯାଏ । ଏହାକୁ ଫୁୟଡ୍ରପ୍ ବୋଲି କହଂନ୍ତି ଏବେ ଅତ୍ୟାଧୁନିକ ଯନ୍ତ୍ରରେ ଅସ୍ତ୍ରେପଚାର ଦ୍ୱାରା ଏହି ଆଶଙ୍କା ଏଡାଯାଇପାରିଛି । ଏଥିସହିତ ସେଣ୍ଟ୍ରାଲଡିସ୍କ ପାରାସେଣ୍ଟ୍ରାଲ ହିସ୍କ ଲାଟେଲାଲ ଡିସ୍କ, ଫାରାଲାଟେରାଲ ଡିସ୍କ ଏବଂ ଫୋରାମିନାଲ ଡିସ୍କ ଆଦି ରୋଗ ସହଜରେ ଚିକିତ୍ସା କରାଯାଇପାରୁଛି । ଏହି ଯନ୍ତ୍ର ଦ୍ୱାରା ବାମ ପାଖରେ ପଶି ଡାହାଣ ପାଖକୁ ଭିତରେ ଭିତରେ ଯାଇ ଲାମିନା ବା ଫେସେଟ୍ ବୟସଜନିତ ହାଡ଼ର ଅଧିକ ବୃଦ୍ଧି ହାଇପରଟ୍ରଫ୍ ଲିଗାମେଣ୍ଟକୁ ମଧ୍ୟ ସଫା କରିହୁଏ । ଏହି ଅସ୍ତ୍ରୋପଚାର ସାଧାରଣ ଅସ୍ତ୍ରୋପଚାରଠାରୁ କମ ସମୟ ଓ କମ ଖର୍ଚ୍ଚରେ ହୋଇଥାଏ ।

## ଅଶାନ୍ତ ପିତୃପୁରୁଷଙ୍କୁ ଶାନ୍ତ କରିବା ପାଇଁ ଦାନ କରନ୍ତୁ ଏହି ସାମଗ୍ରୀ: ମିଳିବ କୃପା ଏବଂ ଆଶୀର୍ବାଦ

ସୋମବତୀ ଅମାବାସ୍ୟାଙ୍କ ଦିନ ଶାସ୍ତ୍ରରେ ଅତ୍ୟନ୍ତ ସ୍ୱତନ୍ତ୍ର । ଏହି ଦିନ ଗଙ୍ଗା କିମ୍ବା ଅନ୍ୟାନ୍ୟ ପବିତ୍ର ନଦୀରେ ଗାଧୋଇବାର ବିଶେଷ ଗୁରୁତ୍ୱ ବିଷୟରେ କୁହାଯାଇଛି। ବିଶ୍ୱାସ କରାଯାଏ ଯେ ଏହି ଦିନ ପବିତ୍ର ନଦୀରେ ଗାଧୋଇବା ଦ୍ୱାରା ଜଣେ ପାପରୁ ମୁକ୍ତି ପାଇଥାଏ ଏବଂ ଦାନ କରି ମଧ୍ୟ ଅନେକ କୃପା ଲାଭ କରିଥାଏ । ବିଶ୍ୱାସ କରାଯାଏ ଯେ ସୋମବତୀ ଅମାବାସ୍ୟାରେ କ୍ରୋଧିତ ବା ଅଶାନ୍ତ ଥିବା ପିତୃପୁରୁଷମାନଙ୍କୁ ଶାନ୍ତ କରିବା ପାଇଁ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦାନ କରାଯାଏ । କେବଳ ଏତିକି ନୁହେଁ, ସେମାନେ ସେମାନଙ୍କର ବଂଶଧରଙ୍କ ଅଗ୍ରଗତିକୁ ମଧ୍ୟ ଆଶୀର୍ବାଦ କରନ୍ତି। ପିତୃପୁରୁଷଙ୍କୁ ଖୁସି କରିବା ଏବଂ ସେମାନଙ୍କ ଆଶୀର୍ବାଦ ପାଇବା ପାଇଁ ସୋମାବତୀ ଅମାବାସ୍ୟା ଦିନ ଏହି ସବୁ ଜିନିଷ ଦାନ କରାଯାଇଥାଏ ।

ହିନ୍ଦୁ କ୍ୟାଲେଣ୍ଡର ଅନୁଯାୟୀ କୃଷ୍ଣ ପକ୍ଷର ଶେଷ ତାରିଖ ହେଉଛି ଅମାବାସ୍ୟା ତିଥି। ଏହି ଦିନ ପିତୃପୁରୁଷଙ୍କ ପାଇଁ ପିଣ୍ଡଦାନ କରିବା ଜରୁରୀ ଅଟେ। ଫାଲଗୁନ୍ ମାସର ଅମାବାସ୍ୟା ୨୦ ଫେବୃଆରୀ ସୋମବାର ଦିନ ପଡୁଛି । ସୋମବାର ହୋଇ ଏହାକୁ ସୋମବତୀ ଅମାବାସ୍ୟା କୁହାଯାଏ ।

-ଶାସ୍ତ୍ର ଅନୁଯାୟୀ ପିତୃପୁରୁଷଙ୍କ ସ୍ଥାନ ଚନ୍ଦ୍ରର ଉପର ଭାଗରେ ଅଛି। ସେଥିପାଇଁ ପୂର୍ବପୁରୁଷମାନଙ୍କୁ ଖୁସି କରିବା ପାଇଁ ରୂପାରେ ନିର୍ମିତ ଜିନିଷ ଦାନ କରିବାର ପରମ୍ପରା ଅଛି । କୁହାଯାଏ ଯେ ରୂପା ଜିନିଷ ଦାନ କରି ପିତୃପୁରୁଷମାନେ ଖୁସି ହୁଅନ୍ତି ଏବଂ ସୁଖ ଏବଂ ସମୃଦ୍ଧତା ସହିତ ଆଶୀର୍ବାଦ ପ୍ରାପ୍ତ ହୁଏ।

-କୃଷ୍ଣସାରର ବିଶେଷ ମହତ୍ତ୍ୱ କୁ ଅମାବାସ୍ୟା ତିଥି ଉପରେ ପିତୃପୁରୁଷଙ୍କୁ ଖୁସି କରିବାକୁ କୁହାଯାଇଛି। ଏହି ଦିନ, ଗାଧୋଇବା ପରେ ପିତୃପୁରୁଷଙ୍କ ବିଷୟରେ ଧ୍ୟାନ କରିବା ସମୟରେ ରାଶି ତେଲ ଦାନ କରନ୍ତୁ । କେବଳ ଏତିକି ନୁହେଁ, ସୋମବତୀ ଅମାବାସ୍ୟା ଦିନ ଆପଣ ଯାହା କିଛି ଦାନ କରନ୍ତି, କେବଳ ଆପଣଙ୍କ ହାତରେ ଦାନ କରନ୍ତୁ ।ଏହା ଦ୍ୱାରା ପିତୃପୁରୁଷମାନେ ଏହି ଜିନିଷ ପାଆନ୍ତି ଏବଂ ବଂଶଧରମାନେ ପୂର୍ବପୁରୁଷଙ୍କ ଆଶୀର୍ବାଦ ପ୍ରାପ୍ତ କରନ୍ତି ।

-ଗରୁଡ ପୁରାଣରେ କୁହାଯାଇଛି ଯେ ଶୀତ ଏବଂ ଉତ୍ତାପରୁ ରକ୍ଷା ପାଇବା ପାଇଁ ଜଣେ ବ୍ୟକ୍ତି ଯେପରି ପୋଷାକ ଆବଶ୍ୟକ କରନ୍ତି । ସେହିଭଳି ପିତୃପୁରୁଷମାନେ ମଧ୍ୟ ପୋଷାକ ଆବଶ୍ୟକ କରନ୍ତି ଏହି କ୍ଷେତ୍ରରେ ସୋମବତୀ ଅମାବାସ୍ୟା ଦିନ ପୂର୍ବପୁରୁଷମାନଙ୍କ ପାଇଁ ପୋଷାକ ଦାନ କରନ୍ତୁ । ଧୋତି ଏବଂ ଗାମୁଛା ଦାନ କରିବା ଏହି ଦିନ ସର୍ବୋତ୍ତମ ବୋଲି ବିବେଚନା କରାଯାଏ ।

## ଏହି ସବୁ ଲକ୍ଷଣକୁ କରନ୍ତୁନି ଅଣଦେଖା: ହୋଇପାରେ ୟୁରିନାରୀ ଟ୍ରାକ୍ଟ ଇନଫେକ୍ସନ



**ୟୁରିନାରୀ ଟ୍ରାକ୍ଟ ଇନଫେକ୍ସନ ମହିଳାଙ୍କ କ୍ଷେତ୍ରରେ ବୃଦ୍ଧି ପାଇବାରେ ଲାଗିଛି। ଏହାର ଅନେକ କାରଣ ଥାଇପାରେ। ସଂକ୍ରମଣର ମୁଖ୍ୟ କାରଣ ହେଉଛି ଯୋନୀ କ୍ଷୌର ବ୍ୟାଘାତ, ସ୍ୱଚ୍ଛତାର ଅଭାବ କିମ୍ବା ପର୍ଯ୍ୟାପ୍ତ ପରିମାଣର ଜଳୀୟ ଅଂଶ ଅଭାବ। ଗର୍ଭାବସ୍ଥାରେ ମଧ୍ୟ ଏହି ସମସ୍ୟା ଅଧିକ ଦେଖାଯାଏ। ୟୁରିନାରୀ ଟ୍ରାକ୍ଟ ଇନଫେକ୍ସନ ହେଲେ କେତେକ ସାଧାରଣ ଲକ୍ଷଣ ଦେଖାଯାଏ, କଣ ସେହି ସବୁ ଲକ୍ଷଣ, ଜାଣନ୍ତୁ...**

*ବାରମ୍ବାର ପରିସ୍ରା ଲାଗିବା କିନ୍ତୁ ନହେବା :*

ଯଦି ବାରମ୍ବାର ପରିସ୍ରା ଲାଗୁଛି, ଏବଂ ଯିବା ପରେ ହେଉନାହିଁ, ତେବେ ଟଞ୍ଚ ସଂକ୍ରମଣର ଶିକାର ହୋଇପାରନ୍ତି। ବାସ୍ତବରେ, ଯେତେବେଳେ ସଂକ୍ରମଣ ହୁଏ, ଜୀବାଣୁ ବ୍ଲାଡର ଚାରିପାଖରେ ଜମା ହୋଇ ପରିସ୍ରା ବାହାରକୁ ଯିବାକୁ ଦିଅନ୍ତି ନାହିଁ। ଯଦି ଏପରି ଲକ୍ଷଣ ଦେଖାଯାଉଛି, ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

*ଜ୍ୱଳନ ଏବଂ କୁଣ୍ଡେଇ ହେବା :*

ଟଞ୍ଚରେ ଜ୍ୱଳନ ଏବଂ କୁଣ୍ଡେଇ ହେବାକୁ ଅଣଦେଖା କରନ୍ତୁ ନାହିଁ। ବାରମ୍ବାର ଯଦି ଏହିପରି ହେଉଥାଏ, ତେବେ ଏହା ଇନଫେକ୍ସନର ଲକ୍ଷଣ ହୋଇପାରେ।

*ତଳ ପେଟରେ ଯନ୍ତ୍ରଣା :*

ତଳ ପେଟରେ ଯନ୍ତ୍ରଣା ପ୍ରକୃତରେ ଟଞ୍ଚ ସଂକ୍ରମଣ ହେତୁ ହୋଇପାରେ। ଏହି ଲକ୍ଷଣ ସାଧାରଣତଃ ୟୁରିନାରୀ ଟ୍ରାକ୍ଟ ଇନଫେକ୍ସନରେ ହିଁ ଦେଖାଯାଏ। ତେଣୁ ଏପରି ଲକ୍ଷଣ ଥିଲେ, ତୁରନ୍ତ ଡାକ୍ତରଙ୍କୁ ଜଣାନ୍ତୁ।

*ମୂତ୍ରରେ ଫେଣ ଏବଂ ଦୁର୍ଗନ୍ଧ :*

ମୂତ୍ରରେ ଫେଣ ଏବଂ ଦୁର୍ଗନ୍ଧ ଉଭୟ ୟୁରିନାରୀ ଟ୍ରାକ୍ଟ ଇନଫେକ୍ସନର ଲକ୍ଷଣ ହୋଇପାରେ। ଇନଫେକ୍ସନ ହେଲେ ପରିସ୍ରାରୁ ଦୁର୍ଗନ୍ଧ ଆସେ ଏବଂ ଫେଣଯୁକ୍ତ ପରିସ୍ରା ହୋଇଥାଏ। ପ୍ରାରମ୍ଭରୁ ଏହି ଲକ୍ଷଣ ପ୍ରତି ଧ୍ୟାନ ଦିଅନ୍ତୁ, ନଚେତ୍ ସଂକ୍ରମଣ ବ୍ଲାଡରରେ ପହଞ୍ଚିପାରେ।

## ଚକ୍ଷୁ ପାଇଁ ଯୋଗ

ଆଖି ପାଇଁ ରହିଛି ବିଭିନ୍ନ ପ୍ରକାର ଯୋଗ ଏବଂ ବ୍ୟାୟାମ । ଏହା ନିୟମିତ କରିବା ଦ୍ୱାରା ଦୃଷ୍ଟିଶକ୍ତି ଭଲ ରହେ । ଏହାଦ୍ୱାରା ଆଖିପତା ଓ ଚକ୍ଷୁର ବାହାର ମାଂସପେଶୀକୁ ଅଧିକ ମାତ୍ରାରେ ରକ୍ତ ସଂଚାଳନ ହୋଇଥାଏ ।

**ଶୀର୍ଷାସନ:** ମୁଣ୍ଡ ତଳକୁ କରି ଗୋଡ ଉପରକୁ କରିବା ସହ ଏହି ଆସନ କରାଯାଇଥାଏ । ଏହାଦ୍ୱାରା ଚକ୍ଷୁ ଭିତରକୁ ରକ୍ତ ସଂଚାଳନ ହୁଏ । ଯାହାକି ଅନ୍ୟାନ୍ୟ ଉପଯୋଗିତା ସହ ଚକ୍ଷୁକୁ ସୁସ୍ଥ ରଖେ । ଏହା ଯୁବାବସ୍ଥାରେ କରିବା ଭଲ । ଉଚ୍ଚ ରକ୍ତଚାପ ଭୋଗୁଥିବା ରୋଗୀ ଓ ବାର୍ଦ୍ଧକ୍ୟ ଅବସ୍ଥାରେ ଏହି ଆସନ କରିବା ଅନୁଚିତ । ଏହାଦ୍ୱାରା ଚକ୍ଷୁ ଭିତର ଦୁର୍ବଳ ଶିରାପ୍ରଶିରାରୁ ରକ୍ତସ୍ରାବ ହେବାର ସମ୍ଭାବନା ଥାଏ ।

**ବଜ୍ରାସନ:** ବଜ୍ରାସନ ଦୃଷ୍ଟିଶକ୍ତିରେ ସୁସ୍ଥତା ଆଣିଥାଏ । ତେବେ ଏହା ଅଧିକ ଲାଭପ୍ରଦ ହୁଏ । ଏହି ଆସନରେ ବସି ମୁହଁକୁ ଖୋଲାକରି ଜିଭକୁ ଆଗକୁ ଆଣନ୍ତୁ ଏବଂ ଉପରକୁ ଚାହାନ୍ତୁ । ୧୦ ସେକେଣ୍ଡ ପରେ ଜିଭକୁ ଭିତରକୁ ନେଇ ମୁହଁ ବନ୍ଦ କରି ଆଖିକୁ ଧୀରେ ବନ୍ଦକରି ୨୦ ସେକେଣ୍ଡ ରଖନ୍ତୁ । ଏହି କ୍ରିୟାକୁ ୫ ରୁ ୬ ଥର କରନ୍ତୁ । ଏହି ଆସନ ବ୍ୟତୀତ ଯୋଗମୁଦ୍ରାସନ, ପଦ୍ମାସନ ଏବଂ ସର୍ବାଙ୍ଗାସନ ଚକ୍ଷୁକୁ ସୁସ୍ଥ ରଖିଥାଏ । ସାକାଳୁ ଉଠି ପାପୁଲି ଘଷି ଆଖିରେ ହାଲ୍କା ସ୍ପର୍ଶ ଦିଅନ୍ତୁ । ପରେ ପରେ ଆଖିରେ ପାଣି ଛାଟନ୍ତୁ । ଏହା ଆଖିକୁ ପରିଷ୍କାର ଏବଂ ସୁସ୍ଥ ରଖେ ।

## କାଗଜ କିମ୍ବା ପ୍ଲାଷ୍ଟିକ୍ କପ୍‌ରେ ଚା ପିଉଛନ୍ତି କି ? ସତର୍କ ରୁହନ୍ତୁ ନଚେତ ଚାଲିଯାଇପାରେ ଦୃଷ୍ଟି ଶକ୍ତି

ଆପଣ ଦୋକାନରେ ମୁଖ୍ୟତଃ କାଗଜ କପରେ କିମ୍ବା ପ୍ଲାଷ୍ଟିକ କପରେ ଚାହା ପିଉଥିବେ । ଆପଣ ଜାଣନ୍ତି କି, ଏହିସବୁ ଗ୍ଲାସରେ ପିଇବା ଦ୍ୱାରା ଶରୀର ଉପରେ ଏହାର କେତେ କୁପ୍ରଭାବ ପଡେ । କେବଳ ଏତିକି ନୁହେଁ, ଏହା ଲୋକଙ୍କୁ ଅନ୍ଧ ମଧ୍ୟ କରିପାରେ । ଆମେ ଏହା କହୁନାହୁଁ କିନ୍ତୁ ଆଇଆଇଟି ଖଡଗ୍ପରୁର ଅନସୁନ୍ଧାନକାରୀମାନେ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ଦେଇଛନ୍ତି । ଉଲ୍ଲେଖନୀୟ କଥା ହେଉଛି, ଆଜିର ସମୟରେ ଅଧିକାଂଶ ଲୋକ ଗ୍ଲାସରେ ଚା ଏବଂ କଫି ପିଇବାକୁ ବାରଣ କରନ୍ତି । ଯଦି ଦୋକାନୀମାନେ ଗ୍ଲାସରେ ଚା ଦିଅନ୍ତି, ଲୋକମାନେ ଏହାକୁ ପିଇବାକୁ ମନା କରନ୍ତି । ଅନ୍ୟ ପଟେ, ଯଦି ଦୋକାନୀ ଏକ ବ୍ୟବହାର ଯୋଗ୍ୟ କାଗଜ କପରେ ଚା-କଫି ଦିଅନ୍ତି, ତେବେ ଲୋକମାନେ ଏହାକୁ ଅଧିକ ପସନ୍ଦ କରନ୍ତି । କାରଣ ସେହି କପ୍ ବ୍ୟବହାର ଏବଂ ଫିଙ୍ଗି ଦିଆଯାଏ ।

ଡିସପୋଜେବଲ୍ କପ୍‌ରେ ଚା ଏବଂ କଫି ପିଉଥିବା କିଛି ଲୋକ ବିଶ୍ୱାସ କରନ୍ତି ଯେ, ଦିନକୁ ପ୍ରାୟ ବହୁ ଲୋକ କାଚ ଗ୍ଲାସ୍ ଗ୍ଲାସରେ ଚା ପିଅନ୍ତି । ଆଉ ଦୋକାନୀମାନେ ସେହି ଗ୍ଲାସକୁ ସାଧାରଣ ପାଣିରେ ଧୋଇ ଲୋକମାନଙ୍କୁ ଚା ଏବଂ କଫି ଦିଅନ୍ତି । ଯେଉଁଠାରେ ଥରେ ବ୍ୟବହାର ହେଉଥିବା



କପ୍ କେବଳ ଥରେ ବ୍ୟବହୃତ ହୁଏ, ସେଠାରେ ଲୋକ ଏହାକୁ ଅଧିକ ଉପଯୋଗୀ ବୋଲି ଭାବନ୍ତି । କିନ୍ତୁ ଲୋକ ଏହା ଜାଣନ୍ତି ନାହିଁ ଯେ, ପ୍ଲାଷ୍ଟିକ ଗ୍ଲାସର ନିରନ୍ତର ବ୍ୟବହାର ଲୋକଙ୍କ ଆଖି ଆଲୋକ ଛଡ଼ାଇ ନେଇପାରେ । ବାସ୍ତବରେ, ଆଇଆଇଟି ଖଡଗପରୁ ଦ୍ୱାରା କରାଯାଇଥିବା ଏକ ଅନୁସନ୍ଧାନରୁ ଜଣାପଡିଛି ଯେ, ଏହି ବ୍ୟବହାର ଯୋଗ୍ୟ କାଗଜ କପରେ ଗରମ ପାନୀୟ ପିଇବା ଠିକ୍ ନୁହେଁ, କାରଣ ଏହି କାଗଜ କପରୁ ମାଇକ୍ରୋପ୍ଲାଷ୍ଟିକ୍ ସମେତ ଅନେକ କ୍ଷତିକାରକ ପଦାର୍ଥ ମୁକ୍ତ ହୋଇଥାଏ ।

ଅନୁସନ୍ଧାନକାରୀମାନେ ଏହି ଅଧ୍ୟୟନ ପାଇଁ ଦୁଇଟି ପଦ୍ଧତି ଚେଷ୍ଟା କରିଥିଲେ । ଯେଉଁଥିରେ ମାଇକ୍ରୋପ୍ଲାଷ୍ଟିକ୍ ର କଣିକା । ଅନୁସନ୍ଧାନ ରିପୋର୍ଟ କରିଛି ଯେ, ଏହି ମାଇକ୍ରୋପ୍ଲାଷ୍ଟିକ୍ କଣିକା ବିଷାକ୍ତ ପଦାର୍ଥର ବାହକ ଭାବରେ କାର୍ଯ୍ୟ କରଥାଏ । ଏଥିମଧ୍ୟରେ ବିଷାକ୍ତ ଭାରୀ ଧାତୁ ଯେପରକି ପାଲାଡୟିମ, କ୍ରୋମୟିମ, କ୍ୟାଡମୟିମ ଏବଂ ଜୈବିକ ଯୌଗିକ ଅନ୍ତର୍ଭୁକ୍ତ । ଯେତେବେଳେ ଏହି ବିଷାକ୍ତ ପଦାର୍ଥ ଖିଆଯାଏ, ସ୍ୱାସ୍ଥ୍ୟ ପ୍ରଭାବ ବହୁତ ଗମ୍ଭୀର ହୋଇପାରେ । ତେଣୁ ଏହା ସିଧାସଳଖ ମଣିଷର ଦୃଷ୍ଟି ଶକ୍ତି ହ୍ରାସ କରିପାରେ । ତେଣୁ ଆପଣ ଯଦି ଏହିସବୁ କପ ବ୍ୟବହାର କରୁଛନ୍ତି ତେବେ ଏହାକୁ ଆଜି ହିଁ ବ୍ୟବହାର କରିବା ବନ୍ଦ କରନ୍ତୁ ।

## ପ୍ରତିଦିନ ପିଅନ୍ତୁ ଧନିଆ ପାଣି: ଓଜନ ହ୍ରାସ ସହ କମିବ ଥାଇରଏଡ୍

ପ୍ରତିଦିନ ସକାଳେ ଧନିଆ ପାଣି ପିଇବା ଦ୍ୱାରା କେବଳ ଥାଇରଏଡ୍ ଲକ୍ଷଣ କମ୍ ହୁଏ ନାହିଁ ବରଂ ଆପଣଙ୍କ ସ୍ୱାସ୍ଥ୍ୟର ସନ୍ତୁଳନ ମଧ୍ୟ ଠିକ୍ ରହିଥାଏ। ଧନିଆ ପାଣି ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରିଥାଏ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଶରୀରରେ ଫ୍ରି ରେଡିକାଲସ୍‌କୁ ହ୍ରାସ କରିବାରେ ସାହାଯ୍ୟ କରେ।

କେଶ ପାଇଁ ମଧ୍ୟ ଏହା ଉତ୍କୃଷ୍ଟ । ଏଥିରେ ଭିଟାମିନ୍ କେ, ସି ଏବଂ ଏ ଭରପୂର ମାତ୍ରାରେ ରହିଥାଏ। ଏହି ଭିଟାମିନ୍ କେଶକୁ ମଜଭୁତ କରିବା ସହ ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ପ୍ରତିଦିନ ସକାଳେ ଧନିଆ ପାଣି ପିଇବା ଦ୍ୱାରା ଆପଣଙ୍କ କେଶ ଝଡିବା ଏବଂ ଛିଡିବା ଭଳି ସମସ୍ୟା କମ ହୋଇଥାଏ ।

ଥାଇରଏଡ ଲକ୍ଷଣ ଥିବା ବ୍ୟକ୍ତିଙ୍କ ପାଇଁ ଏହା ରାମବାଣ ସଦୃଶ କାମ କରିଥାଏ ବୋଲି କୁହାଯାଏ। ରିପୋର୍ଟ ଅନୁଯାୟୀ ଥାଇରଏଡ୍ ରୋଗୀଙ୍କ ପାଇଁ ଧନିଆ ଜଳ ବେଶ୍ ଲାଭଦାୟକ ହୋଇଥାଏ। ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ । ଧନିଆରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଫ୍ରି ରେଡିକାଲ୍ସ ହ୍ରାସ କରିଥାଏ ଯାହା ଶରୀରର ଓଜନ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ ।

ଏହାକୁ ପ୍ରସ୍ତୁତ କରିବା ପାଇଁ ଏକ ଚାମଚ ଧନିଆ ମଞ୍ଜିକୁ ପାଣିରେ ୫ ମିନିଟ୍ ଫୁଟାନ୍ତୁ। ପାଣି ଅଧା ହେବା



ପର୍ଯ୍ୟନ୍ତ ଏହାକୁ ଫୁଟାନ୍ତୁ। ତା'ପରେ ଏହାକୁ ଛାଣି ପିଅନ୍ତୁ । ସାଧାରଣତଃ ଗର୍ଭବତୀ ମହିଳାମାନେ ଏହି ପାଣିକୁ କମ୍ ପିଇବା ଉଚିତ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି।

## ସାବଧାନ ! ଭୋଜନ ପରେ ଖାଉଛନ୍ତି କି ଏହି ସବୁ ଜିନିଷ ?

ପ୍ରତ୍ୟହ ଏମିତି ଖାଦ୍ୟ ଗ୍ରହଣ କରିବା ଉଚିତ ଯାହା ଆମ ଶରୀର ପାଇଁ ଉପଯୋଗୀ। ଅନୁପଯୁକ୍ତ ଖାଦ୍ୟ ବା ହଜମ ନ ହେବା ଖାଦ୍ୟ ଶରୀରରେ ଅନେକ ସମସ୍ୟା ଦେଖା ଦେଇପାରେ। ସେଥିପାଇଁ ଖାଦ୍ୟ ଖାଇବା ଯେତିକି ଆବଶ୍ୟକ ହୋଇଥାଏ ଖାଦ୍ୟର ସଠିକ୍ ମାତ୍ରା ଗ୍ରହଣ କରିବା ମଧ୍ୟ ସେତିକି ଜରୁରୀ ହୋଇଥାଏ। ଖାଦ୍ୟ ଗ୍ରହଣ ନେଇ ସଚେତନ ହେବା ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଆସନ୍ତୁ ଜାଣିବା ଖାଇବା ପୂର୍ବରୁ ଏବଂ ଖାଇବା ପରେ କଣ କଣ ସବୁ ଖାଦ୍ୟ ଗ୍ରହଣ କରିବା ଉଚିତ। ଖାଦ୍ୟ ସମ୍ବନ୍ଧରେ ଅନେକ ଲୋକଙ୍କର ଏକ ଅଭ୍ୟାସ ପ୍ରଣାଳୀ ରହିଛି, କିନ୍ତୁ ବର୍ତ୍ତମାନ ସେହି ଅସ୍ୱାସ୍ଥ୍ୟକର ଅଭ୍ୟାସକୁ ଅଣଦେଖା କରିବାର ଉପଯୁକ୍ତ ସମୟ ଅଟେ।

<u>ଭୋଜନ ପରେ ତୁରନ୍ତ ଗାଧାନ୍ତୁ ନାହିଁ:</u> ବିଶେଷଜ୍ଞଙ୍କ କହିବା ମୁତାବକ ଭୋଜନ ପରେ ତୁରନ୍ତ ଗାଧାନ୍ତୁ ନାହିଁ। କାରଣ ସେହି ସମୟରେ ରକ୍ତ ଖାଦ୍ୟକୁ ପାକସ୍ଥଳୀ ଚାରିପାଖରେ ରହି ହଜମ କରିବାରେ ସାହାଯ୍ୟ କରେ ଏବଂ ଯେତେବେଳେ ଆପଣ ଗାଧୋଇଥାନ୍ତି ଏହାଦ୍ୱାରା ଶରୀରର ତାପମାତ୍ରାରେ ପରିବର୍ତ୍ତନ ଆସିଥାଏ। ଶରୀରକୁ ମୂଳ ତାପମାତ୍ରାକୁ ଫେରାଇ ଆଣିବା ପାଇଁ ରକ୍ତ ପେଟ ପାକସ୍ଥଳୀରୁ ଚର୍ମ ପୃଷ୍ଠକୁ ଚାଲିଆସିଥାଏ ଏବଂ ହଜମ ପ୍ରକ୍ରିୟା ଦୁର୍ବଳ ହୋଇଯାଏ।

<u>ବ୍ୟାୟାମରୁ ଦୂରେଇ ରୁହନ୍ତୁ:</u> ଭୋଜନ ପରେ ଜୋରଦାର ବ୍ୟାୟାମ ହଜମ ପ୍ରକ୍ରିୟାକୁ ବାଧା ଦେଇପାର। ଏହା ବାନ୍ତି, ପେଟ / ପେଟ ଯନ୍ତ୍ରଣା ଦେଇପାରେ ଭଳି ସମସ୍ୟା ସୃଷ୍ଟି କରିପାରେ।



<u>ଶୋଇବାଠାରୁ ଦୂରେଇ ରୁହନ୍ତୁ:</u> ଭୋଜନ ପରେ ଶୋଇବାର ଇଚ୍ଛା ଏକ ସାଧାରଣ କଥା। ଏହା ହଜମକାରୀ ରସକୁ ବୃଦ୍ଧି କରାଇଥାଏ। ଯାହାଦ୍ୱାରା ହୃଦଘାତ ଭଳି ସମସ୍ୟା ଉପୁଜିପାରେ।

<u>ଖାଇବା ପରେ ପ୍ରଚୁର ପାଣି ପିଅନ୍ତୁ ନାହିଁ:</u> ଖାଇବା ପରେ ପ୍ରଚୁର ପାଣି ପିଅନ୍ତୁ ନାହିଁ। ଏହା ହଜମ ପ୍ରକ୍ରିୟାକୁ ମନ୍ଥର କରିଥାଏ। ଅଧିକ ପାଣି ପିଇବା ଦ୍ୱାରା ପେଟରେ ଏସିଡ୍ ହ୍ରାସ ପାଇଥାଏ ଏବଂ ହଜମ ପ୍ରକ୍ରିୟାକୁ ଖରାପ କରିଥାଏ ।

<u>ଖାଇବା ପରେ ଫଳ ଖାଇବା ଠାରୁ ଦୂରେଇ ରୁହନ୍ତୁ:</u> ଖାଇବା ପରେ ଫଳ ଖାଇବା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇପାରେ। କାରଣ ଏହା ଫଳରୁ ପୋଷକ ତତ୍ତ୍ୱର ଅବଶୋଷଣକୁ ହ୍ରାସ କରିପାରେ ।

# ପୁରୀ ଜିଲ୍ଲାରେ ବଢ଼ିଲେ ୫୧୩୯୯ ଭୋଟର

ପୁରୀ, ୧୯/୩ (ନି.ପ୍ର): ପୁରୀ ଜିଲ୍ଲାରେ ୨୦୧୯ ସାଧାରଣ ନିର୍ବାଚନ ଅପେକ୍ଷା ୨୦୨୪ ସାଧାରଣ ନିର୍ବାଚନରେ ୫୧ ହଜାର ୩୯୯ ଜଣ ଅଧିକ ମତଦାତା ରହିଛନ୍ତି। ୨୦୧୯ ରେ ମୋଟ ଭୋଟର ଙ୍କ ସଂଖ୍ୟା ୧୩,୫୪,୨୫୫ ଥିବା ବେଳେ ୨୦୨୪ ନିର୍ବାଚନରେ ଭୋଟରଙ୍କ ସଂଖ୍ୟା ରହିଛି ୧୪,୦୫,୬୫୪। ୨୦୧୯ ରେ ପୁରୁଷ ଭୋଟର ଙ୍କ ସଂଖ୍ୟା ୭୦୪୨୪୧ ରହିଥିବା ବେଳେ ବର୍ତ୍ତମାନ ୭୨୨୦୯୬ ରହିଛି ଅର୍ଥାତ ୧୭୮୫୫ ସଂଖ୍ୟକ ପୁରୁଷ ଭୋଟରଙ୍କ ସଂଖ୍ୟା ବୃଦ୍ଧି ହୋଇଛି। ସେହିପରି ୨୦୧୯ ରେ ୬୪୯୯୫୪ ମହିଳା ଭୋଟର ଥିବା ବେଳେ ୨୦୨୪ରେ ମହିଳା ଭୋଟରଙ୍କ ସଂଖ୍ୟା ୬୮୩୪୭୪ ରହିଛି। ଯାହା ପୂର୍ବ ନିର୍ବାଚନ ଅପେକ୍ଷା ୩୩୫୨୦ ଅଧିକ। ଅପରପକ୍ଷରେ ୨୦୧୯ ନିର୍ବାଚନ ରେ ଅନ୍ୟାନ୍ୟ ଭୋଟରଙ୍କ ସଂଖ୍ୟା ୬୦ ଥିବା ବେଳେ ୨୦୨୪ ନିର୍ବାଚନ ରେ ୨୪ ଜଣ ଅଧିକ ଅନ୍ୟାନ୍ୟ ଭୋଟର ମିଶି ସଂଖ୍ୟା ୮୪ କୁ ବୃଦ୍ଧି ପାଇଛି। ୨୦୧୯ ରେ ଭିନ୍ନକ୍ଷମ ଭୋଟର ୧୦୧୧୬ ଥିବା ବେଳେ ୨୦୨୪ରେ ଏହା ୧୮୨୪୨ କୁ ବୃଦ୍ଧି ପାଇଛି। ୧୮-୧୯ ବର୍ଷ ବୟସ୍କ ଯୁବ ଭୋଟର ୨୦୧୯ ରେ ୨୧,୪୫୦ ଥିବା ବେଳେ ୨୦୨୪ ରେ ଏହି ସଂଖ୍ୟା ୨୮୦୧୫ ରହିଛି। ଚଳିତ ନିର୍ବାଚନରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ଭୋଟରଙ୍କ ସଂଖ୍ୟା ୪୧୦୯୪ ଥିବା ବେଳେ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ୫୭୭ ଜଣ ଭୋଟର ରହିଛନ୍ତି। ଏହି ମତଦାତା ମାନେ ଜିଲ୍ଲାର ୧୫୯୮ ଟି ମତଦାନ କେନ୍ଦ୍ର ରେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ନିର୍ବାଚନ ହେଉଛି ଗଣତନ୍ତ୍ରର ମହାପର୍ବ। ଏକ ଦୃଢ ଗଣତନ୍ତ୍ର ପାଇଁ ମତଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପୂର୍ବରୁ ସମସ୍ତଙ୍କୁ ବିଶେଷ କରି ଯୁବ ଭୋଟର ମାନଙ୍କୁ ମତଦାନ ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟରେ ସାମିଲ କରାଯାଇଛି। ତେଣୁ ଜିଲ୍ଲାର ପ୍ରତ୍ୟେକ ଭୋଟର ନିଶ୍ଚୟ ମତଦାନ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

# ବଲାଙ୍ଗୀରରେ ହେବ ପଶ୍ଚିମ ଓଡିଶା ସଂକୀର୍ତନ ପରିଷଦର ବାର୍ଷିକ ଉତ୍ସବ

ବଲାଙ୍ଗିର, ୧୯/୩ (ନି.ପ୍ର): ପଶ୍ଚିମ ଓଡିଶା ସଂକୀର୍ତନ ପରିଷଦର ତ୍ରୟୋଦଶ ବାର୍ଷିକ ଉତ୍ସବ ଚଳିତ ମାସ ୩୧ ତାରିଖ ଦିନ ବଲାଙ୍ଗୀରରେ ଅନୁଷ୍ଠିତ ହେବ। ପରିଷଦର ସଭାପତି ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଷଦର କାର୍ଯ୍ୟକାରୀ କମିଟି ବୈଠକରେ ଏହି ନିଷ୍ପତି ନିଆଯାଇଛି। ଏଥିରେ କନ୍ଧମାଳ ସମେତ ପଶ୍ଚିମ ଓଡ଼ିଶାର ୧୧ଟି ଜିଲ୍ଲାର ସଂକୀର୍ତନ କଳାକାର ଯୋଗ ଦେବେ। ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ କରିବା ସହ ପଶ୍ଚିମ ଓଡ଼ିଶାର ବିଶିଷ୍ଟ ସଂକୀର୍ତନ କଳାକାର ମାନଙ୍କୁ ସମ୍ମାନିତ କରାଯିବାକୁ ସ୍ଥିର କରାଯାଇଛି। କାର୍ଯ୍ୟକ୍ରମରେ କୀର୍ତନ କଳାକାର ମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବ। ଉତ୍ସବକୁ ବହୁ ବିଶିଷ୍ଟ ବ୍ୟକ୍ତି ତଥା ସାଧୁସନ୍ଥ ମାନଙ୍କୁ ନିମନ୍ତ୍ରଣ କରାଯିବ। ବଲାଙ୍ଗୀରର ବିଶିଷ୍ଟ ସମାଜସେବୀ ଶ୍ରୀକର ମିଶ୍ର ଏହି କାର୍ଯ୍ୟକ୍ରମର ପୃଷ୍ଠପୋଷକ ରହିଛନ୍ତି। କାର୍ଯ୍ୟକାରୀ କମିଟି ବୈଠକରେ ସମ୍ପାଦକ ଲୋକନାଥ ମିଶ୍ର, ପୂର୍ବତନ ସଭାପତି ରାଜେନ୍ଦ୍ର ଅଗ୍ରୱାଲ, ପ୍ରଭାରୀ ରାଧେକୃଷ୍ଣ ପଣ୍ଡା, ଉପଦେଷ୍ଟା ରାଜେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ନିଖୋଜ ବୃଦ୍ଧାଙ୍କ ତଦନ୍ତରୁ ଦୁଇ ମହିଳା ଲୁଟେରା ଗିରଫ

ସମ୍ବଲପୁର, ୧୯/୩ (ନି.ପ୍ର): ଜନୈକା ୭୫ ବର୍ଷ ବୟସ୍କା ବୃଦ୍ଧା ଗତ ୧୬ ତାରିଖ ଶନିବାର ଦିନ ସ୍ଥାନୀୟ ସତୀରାଣୀ ମନ୍ଦିରକୁ ଦର୍ଶନ କରିବା ସହ କିଛି ଫଳ କିଣିବାକୁ ଯାଇ ହଠାତ୍ ନିଖୋଜ ହୋଇଯାଇଥିଲେ। ବୃଦ୍ଧାଙ୍କ ନିଖୋଜ ନେଇ ଧନୁପାଲି ଥାନାରେ ଅଭିଯୋଗ ହେବା ପରେ ଏସପିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଏହି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ତଦନ୍ତର ପ୍ରାରମ୍ଭରେ ନିଖୋଜ ବୃଦ୍ଧା ମନୋରମା ଆଚାର୍ଯ୍ୟଙ୍କୁ ଏକ ପରିତ୍ୟକ୍ତ ଘରୁ ଅଚେତ ଅବସ୍ଥାରେ ଉଦ୍ଧାର କରି ତ୍ୱରିତ୍ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଘଟଣା ସମ୍ପର୍କରେ ପୋଲିସ ତଦନ୍ତର ଖିଅ ସତୀରାଣୀ ମନ୍ଦିରର ପୂଜକ ଦେବେନ୍ଦ୍ର ପାଢୀଙ୍କ ପାଖକୁ ଯିବାରେ ବୃଦ୍ଧାଙ୍କୁ କେହି ଦୁର୍ବୃତ୍ତ ମିଠା ଓ ଲଡୁ ଖାଇବାକୁ ଦେଇଥିଲେ। ତେଣୁ ସେ ଅସୁସ୍ଥ ହୋଇପଡିଥିବା ଆଂଶିକ ସୂଚନା ଦେଇଥିଲେ। ତଦନ୍ତର ପରବର୍ତ୍ତୀ ଖିଅ ଦେବେନ୍ଦ୍ରଙ୍କ ସ୍ତ୍ରୀ ମଞ୍ଜୁଲତା ପାଢ଼ୀ(୫୦) ଓ ଝିଆରୀ ବିନୀକା ଥାନା, ଶଙ୍କରାଗ୍ରାମର ସ୍ୱାଧୀନ ମିଶ୍ରଙ୍କ ସ୍ତ୍ରୀ ଅନୁକାନ୍ତୀ ମିଶ୍ର (୩୦)ଙ୍କ ପାଖରେ ପହଞ୍ଚିବା ପରେ ପୋଲିସ ଗୁଡ଼େଇ ତୁଡେଇ ଏକାଧିକ ପ୍ରଶ୍ନ ପଚାରିବା ପରେ ଘଟଣାର ଉଲଗ୍ନ ସତ ସେମାନେ ଉଗାଳିବାକୁ ବାଧ୍ୟ ହୋଇଥିଲେ। ଘଟଣା ସମୟରେ ବୟସାଧିକ କାରଣରୁ ମନୋରମାଙ୍କ ମୁଣ୍ଡ ବୁଲେଇବାରୁ ସେ ଅସହାୟତା ହୋଇପଡିଥିଲେ। ତୁରନ୍ତ ଉପଶମ ପାଇଁ ନିକଟସ୍ଥ ଏକ ଦୋକାନରୁ ପଇଡ଼ ମଗାଇ ପିଇବାକୁ ଦେଇଥିଲେ। ମାତ୍ର ତା '' ପୂର୍ବରୁ ମନୋରମା ପିନ୍ଧିଥିବା ସୁନାଚେନ୍, ସୁନା ହାତପଲ୍ଲା ଓ ସୁନା କାନର ପ୍ରତି ଲୋଭାସକ୍ତ ହୋଇ ଉଭୟେ ଖୁଡି-ଝିଆରୀ ଉକ୍ତ ପଇଡ଼ରେ କିଛି ନିଶା ମିଶ୍ରିତ କରିଦେଇଥିଲେ। ଯାହା ଫଳରେ ମନୋରମା ତୁରନ୍ତ ଆରୋଗ୍ୟ ହେବା ବଦଳରେ ଗୁରୁତର ହୋଇପଡିଥିଲେ। ଏହି ସୁଯୋଗରେ ଖୁଡି ମଞ୍ଜୁଲତା ଓ ଝିଆରୀ ଅନୁକାନ୍ତୀ ମନୋରମାଙ୍କ ବେକରୁ ସୁନାଚେନ୍, ଦୁଇହାତରୁ ଦୁଇଟି ସୁନାପଲ୍ଲା ଓ କାନରୁ ସୁନା କାନଫୁଲ ଲୁଟି ନେଇ ବିଶ୍ରାମ କରାଇବାର ବାହାନାରେ ନିକଟସ୍ଥ ଏକ ପରିତ୍ୟକ୍ତ ଘରେ ଶୁଆଇ ଦେଇଥିଲେ। ଏତକ ଜାଣିବା ପରେ ପୋଲିସ ଦୁଇ ଅଭିଯୁକ୍ତଙ୍କ ଠାରୁ ଲୁଟ୍ ସୁନାଗହଣା ଜବତ୍ କରି ୧୧୯/୨୪ ମାମଲାରେ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି।

# ସାଧାରଣ ନିର୍ବାଚନ ୨୦୨୪ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ରାଜନୈତିକ ଦଳଗୁଡ଼ିକ ସହିତ ବୈଠକ

ବଲାଙ୍ଗିର, ୧୯/୩ (ନି.ପ୍ର): ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଗୌରବ୍ ଶିବାଜୀ ଇସଲୱାରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲ୍ଲାପାଳ ସମ୍ମିଳନୀ କକ୍ଷଠାରେ ଆଜି ଅପରାହ୍ନ ୧୧ ଘଟିକା ସମୟରେ ସାଧାରଣ ନିର୍ବାଚନ ୨୦୨୪ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ରାଜନୈତିକ ଦଳଗୁଡ଼ିକ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଖିଲାରୀ ରିଷିକେଶ ଦ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ ଡଃ. ବିଜୟାନନ୍ଦ ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ଟିଟିଲାଗଡ ଉପଜିଲ୍ଲାପାଳ ରେହାନ ଖେତ୍ରୀ ପ୍ରମୁଖ ଅଧିକାରୀ ଯୋଗ ଦେଇଥିଲେ। ଏହି ବୈଠକରେ ଜିଲ୍ଲାପାଳ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ଏବଂ ଭୋଟରଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ବ୍ୟତୀତ ନିର୍ବାଚନ ଦୁର୍ନୀତି ରୋକିବା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ କଠୋର ପଦକ୍ଷେପ କାର୍ଯ୍ୟକାରୀ କରିବା ଆଲୋଚନା ହୋଇଥିଲା। ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ପ୍ରତି ପ୍ରଶାସନର ପ୍ରତିବଦ୍ଧତା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ନିର୍ବାଚନକୁ ସଫଳ କରିବା ପାଇଁ ପ୍ରଶାସନ ଏବଂ ରାଜନୈତିକ ଦଳ ମଧ୍ୟରେ ସହଯୋଗ ଏବଂ ସମସ୍ତ ଅଂଶୀଦାରମାନଙ୍କୁ ନିର୍ବାଚନ ପ୍ରକ୍ରିୟାର ପବିତ୍ରତା ବଜାୟ ରଖିବାକୁ କହିଥିଲେ। ଏହା ବ୍ୟତୀତ ରାଜନୈତିକ ଦଳର ପ୍ରତିନିଧିମାନେ ନିର୍ବାଚନ ପ୍ରକ୍ରିୟାରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ଆହ୍ୱାନର ମୁକାବିଲା କରିବା ଲାଗି ଗଠନମୂଳକ ଆଲୋଚନା, ବିଚାରର ଆଦାନ ପ୍ରଦାନ ଉପରେ ଧ୍ୟାନ ଦେବାକୁ କହିଥିଲେ। ଜିଲ୍ଲାପାଳ ସମସ୍ତ ରାଜନୈତିକ ଦଳଙ୍କ ଦ୍ୱାରା ପ୍ରଦର୍ଶିତ ସହଯୋଗର ମନଭାବକୁ ପ୍ରଶଂସା କରିବା ସହ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସଫଳ କରିବା ପାଇଁ ସମସ୍ତଙ୍କର ମିଳିତ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ।

ଏହି ବୈଠକରେ ରାଜନୈତିକ ଦଳର ପ୍ରତିନିଧିମାନେ ସକ୍ରିୟ ଅଂଶଗ୍ରହଣ କରିବା ସହ ଅନଲାଇନ ରେ କିପରି ନାମାଙ୍କନ ସହ ପ୍ରଶାସନର ଅନୁମତି ମାଗିବେ ସେ ବାବଦରେ ଜଣାଯାଇଥିଲା। କୌଣସି ପରିସ୍ଥିତିର ସୂଚନା ବାବଦରେ ୧୯୫୦ ଦେୟମୁକ୍ତ ନମ୍ବର ରେ ଫୋନ କରି ଜଣେଇପାରିବେ।

ବୈଠକରେ ଆରକ୍ଷୀ ଅଧିକ୍ଷକ ନିର୍ବାଚନ ସମୟରେ ଆଇନ ଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ନିର୍ବାଚନର ବିଭିନ୍ନ ଦିଗ ଯଥା କର୍ମଚାରୀ ମୁତୟନ, ଜନଗହଳି ପରିଚାଳନା, ସର୍ଭେଲାନ୍ସ ବ୍ୟବସ୍ଥା, ନିର୍ବାଚନରେ ହେଉଥିବା ଅନିୟମିତତାକୁ ରୋକିବା ଉପରେ ଆଲୋଚନା ହୋଇଥିଲା। ସମ୍ବେଦନଶୀଳ ଅଂଚଳରେ ପୁଲିସର ଉପସ୍ଥିତିକୁ ଅଧିକରୁ ଅଧିକ କରିବା, ଶାନ୍ତିପୂର୍ଣ୍ଣ ଭାବେ ରାଲି ଓ ସାଧାରଣ ସଭା ଆୟୋଜନ କରିବା ଏବଂ କୌଣସି ପ୍ରକାର ବିଶୃଙ୍ଖଳା କିମ୍ବା ବେଆଇନ ଘଟଣାକୁ ରୋକିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିବା ସେ ପ୍ରକାଶ କରିଥିଲେ। କୌଣସି ରାଲି ପାଇଁ ଆଗୁଆ ଅନୁମତି ନେବା ଉପରେ ଗୁରୁତ୍ୱ ଦେବାକୁ ଜଣେଇଥିଲେ। ପରିଶେଷରେ ଜିଲ୍ଲାପାଳ ଶ୍ରୀ ଇସଲୱାର ଉପସ୍ଥିତ ସମସ୍ତ ରାଜନେତା ଏବଂ ଅଧିକାରୀଗଣଙ୍କୁ ଆଗାମୀ ନିର୍ବାଚନ ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ଭାବରେ ସମ୍ପାଦନା କରିବାପାଇଁ ପରାମର୍ଶ ଦେଇଥିଲେ ଏବଂ ନିର୍ବାଚନକୁ ସ୍ୱଚ୍ଛ ଭାବେ ସମ୍ପାଦନା କରାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳରୁ ଦିନେଶ ଶର୍ମା ଓ ଦେବବ୍ରତ ନିନା, ରମାକାନ୍ତ ନାଗ, କୈଳାଶ ମିଶ୍ର, ସମ୍ରାଟ କଶୋର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## କଏଦୀଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ଘଟଣା: ପୋଲିସ ତଦନ୍ତ ଆରମ୍ଭ

ଖୋର୍ଦ୍ଧା, ୧୯/୩ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା କାରାଗାରରେ କଏଦୀ ହାତାହାତି ଘଟଣାର ତଦନ୍ତ ଆରମ୍ଭ କରିଛି ଟାଉନ୍ ଥାନା ପୋଲିସ। ଘଟଣାର ତଦନ୍ତ ପାଇଁ ଆଜି ଖୋର୍ଦ୍ଧା ଜିଲ୍ଲା କାରାଗାରରେ ପହଂଚିଛନ୍ତି ସଦର ଏସଡିପିଓ ଦିଲ୍ଲୀପ ଦାସ ଓ ଟାଉନ୍ ଥାନା ଆଇଆଇସି ସଞ୍ଜୟ ନାୟକ। କଏଦୀଙ୍କ ଠାରୁ ମୋବାଇଲ୍ ମିଳିବା ଘଟଣାକୁ ନେଇ ପୋଲିସ ଇନଫର୍ମର ସନ୍ଦେହରେ ସମ୍ପୃକ୍ତ କଏଦୀଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ୭ ଜଣଙ୍କ ନାମରେ ଟାଉନ୍ ଥାନାରେ ଏତଲା ହୋଇଛି। ପ୍ରକାଶ ଥାଉକି, ଗତକାଲି ଅପରାହ୍ନରେ ଜିଲ୍ଲା କାରାଗାର ପରିସରରେ ଏହି ଘଟଣା ଘଟିଥିଲା।

# ଡେନ୍ଟ କର୍ଣ୍ଣ ବା ଦେଶୀ ମକା ପରିଚୟ ଦେଇଛି ଚାଷୀ ସୂର୍ଯ୍ୟଙ୍କୁ

ମାଲକାନଗିରି, ୧୯/୩ (ନି.ପ୍ର): ରାଜ୍ୟରେ ମକା ଚାଷ କହିଲେ ନବରଙ୍ଗପୁର ଜିଲ୍ଲାକୁ ବୁଝାଇଥାଏ। ଆଉ ନବରଙ୍ଗପୁର ମକା ଚାଷରୁ ଅନୁପ୍ରାଣିତ ହୋଇ ମାଲକାନଗିରି ଜିଲ୍ଲାରେ ବଢୁଛି ମକା ଚାଷର ଚାହିଦା। ମାଲକାନଗିରି ପୌରାଚଂଳ ସ୍ଥିତ ଏମଭି-୪୩ ଗାଁର ସୂର୍ଯ୍ୟ ନମୋଙ୍କ ମକା ବିଲରେ କୁଇଂଟାଲ କୁଇଂଟାଲ ମକା ଫଳିଛି। ଆଉ ଏଥି ପାଇଁ ଝାଳ ବୁହା ପରିଶ୍ରମ କରିଛନ୍ତି ସୂର୍ଯ୍ୟ ଓ ତାଙ୍କ ସ୍ତ୍ରୀ ଗୀତା ନମୋ। ଗତ ୮ ବର୍ଷ ଧରି ରବି ଋତୁରେ ସୂର୍ଯ୍ୟ ଦୁଇ ଏକର ଚାଷ ଜମିରେ ମକା ଚାଷ କରି ଆସୁଛନ୍ତି। ତେବେ ରେଳ ପ୍ରକଳ୍ପରେ ସୂର୍ଯ୍ୟଙ୍କ ଚାଷ ଜମି ଅଧିଗ୍ରହଣ ହେବାକୁ ଥିବାରୁ ଗତ ୨ ବର୍ଷ ଚାଷ କରି ନଥିଲେ ସୂର୍ଯ୍ୟ। ପ୍ରକଳ୍ପରେ ବିଳମ୍ବ ଯୋଗୁ ଏଥର ନିଜ ଭାଇର ଜମିକୁ ମିଶାଇ ୪ ଏକର ଜମିରେ ଦେଶୀ ମକା ଫଳାଇଛନ୍ତି ସୂର୍ଯ୍ୟ। ଏଥିପାଇଁ ଏକର ପିଛା ୨୫ରୁ ୩୦ ହଜାର ଟଙ୍କା ଖର୍ଚ୍ଚ କରି ପ୍ରାୟ ୭୦ ହଜାର ଟଙ୍କା ଏକର ପିଛା ରୋଜଗାର କରନ୍ତି ସୂର୍ଯ୍ୟ ଓ ତାଙ୍କ ପତ୍ନୀ। ସୁଇଟ କର୍ଣ୍ଣ, ଡେନ୍ଟ କର୍ଣ୍ଣ, ପପ୍ କର୍ଣ୍ଣ ଏବଂ ବେବି କର୍ଣ୍ଣ ପରି ୪ ପ୍ରକାରର ମକା ଉପଲବ୍ଧ ହେଉଥିବା ବେଳେ ସୂର୍ଯ୍ୟଙ୍କ ଡେନ୍ଟ କର୍ଣ୍ଣ ବା ଦେଶୀ ମକାର ମାଲକାନଗିରି ବଜାରରେ ବେଶ ଚାହିଦା ରହିଛି। ସ୍ଥାନୀୟ ବ୍ୟବସାୟୀ ମାନେ ସୂର୍ଯ୍ୟଙ୍କ ମକା ବାଡିରୁ ୭ ରୁ ୮ ଟଙ୍କା ଦରରେ ମକା କିଣି ବଜାରରେ ୧୦ ଟଙ୍କାରେ ବିକ୍ରି କରନ୍ତି।

ଚଳିତ ବର୍ଷ ରବି ଋତୁରେ ୨୦୦୦ ହେକ୍ଟର ଜମିରେ ମକା ଚାଷ ହେବା ଲାଗି କୃଷି ବିଭାଗ ଲକ୍ଷ୍ୟ ରଖିଛି। ମାଲକାନଗିରି ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ମକା ମିଶନରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଖଇରପୁଟ, ମାଥିଲି ଓ କୋରୁକୋଣ୍ଡା ବ୍ଲକକୁ ଏଥିରେ ସାମିଲ କରାଯାଇଛି। ଅର୍ଥାତ ଏଣିକି ଚାଷ ପାଇଁ ସରକାରୀ ସହାୟତା ଠାରୁ ଆରମ୍ଭ କରି ବିକ୍ରୟ ପର୍ଯ୍ୟନ୍ତ ସବୁ ସୁବିଧା ପାଇବେ ମକା ଚାଷୀ।

ପିଲାଙ୍କ ଛତୁଆ ପ୍ରସ୍ତୁତି ଠାରୁ ଆରମ୍ଭ କରି ରେଷ୍ଟୁରାଂଟର ସୁଆଦିଆ ଖାଦ୍ୟ ପ୍ରସ୍ତୁତିରେ ବ୍ୟବହାର ହୁଏ ମକା। ତେବେ ଜିଲ୍ଲାରେ ଏବେ ଡେନ୍ଟ କର୍ଣ୍ଣ ସମେତ ସ୍ୱିଟ କର୍ଣ୍ଣ ଉତ୍ପାଦନ ହେଉଥିବା ବେଳେ ଆଗକୁ ବେବି କର୍ଣ୍ଣ ଓ ପପ୍ କର୍ଣ୍ଣ ଉତ୍ପାଦନ ଲାଗି ଚାଷୀଙ୍କୁ ପ୍ରୋତ୍ସାହିତ କରିବ କୃଷି ବିଭାଗ।

# ସର୍ପାଘାତରେ ମହିଳା ମୃତ : ସ୍ଥାନୀୟ ଅଂଚଳରେ ଶୋକ

ଧର୍ମଶାଳା, ୧୯/୩ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବନ୍ଧଡିହ ପଂଚାୟତ ନହନଙ୍ଗରା ଗ୍ରାମରେ ଅଘଟଣ। ସର୍ପାଘାତରେ ଜଣେ ମହିଳାଙ୍କର ଚିକିତ୍ସାଧୀନ ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ନହନଙ୍ଗରା ଗ୍ରାମର ୫ ନଂ ୱାର୍ଡର ଅଶୋକ ମଲିକଙ୍କ ପତ୍ନୀ ପ୍ରଭାତି(୪୦) ବୋଲି ଜଣାପଡିଛି। ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ଏକ ବିଷଧର ସାପକୁ ଉଦ୍ଧାର କରାଯାଇ ନିକଟସ୍ଥ ଜଙ୍ଗଲରେ ଛାଡି ଦିଆଯାଇଛି। ସୂଚନା ମୁତାବକ,ଆଜି ଭୋର ସାଢେ ୬ଟା ସମୟରେ ପ୍ରଭାତି ରୋଷେଇ ଘର ଲିପାପୋଛା କରିବା ପାଇଁ ହାଣ୍ଡିଶାଳକୁ ଯାଇଥିଲେ। ସେଠାରେ ଥିବା ଏକ କୋଦାଳକୁ ଉଠାଇବା ସମୟରେ ତାଙ୍କ ଗୋଡକୁ କେଡି କାମୁଡି ଦେଇଥିଲା। ଫଳରେ ତାଙ୍କ ଗୋଡ ବିନ୍ଧିବାରୁ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ଯାଜପୁର ସଦରମହକୁମା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବ୍ରହ୍ମବରଦା ପୋଲିସ ମେଡିକାଲରେ ପଂହଚି ମୃତ ଦେହକୁ ଜବତ କରି କେସ ନଂ ୧/୨୪ରେ ଏକ ଅପମୃତ ମାମଲା ରୁଜୁ କରି ଶବବ୍ୟଚ୍ଛେଦ ପାଇଁ ଶବ ଗୃହକୁ ପଠାଇ ତଦନ୍ତ ଚଳାଇଛି। ତେବେ ଏହି ଘଟଣା ଘଟିବା ପରେ ପରିବାର ଲୋକେ ସାପ ଧରାଳିଙ୍କ ସହ ଯୋଗାଯୋଗ କରିଥିଲେ। ସାପଧରାଳି ଜଣକ ଘରେ ପଂହଚି ଏକ ବିଷଧର ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡି ଦେଇଥିବା ଜଣାପଡିଛି। ତେବେ ଏଭଳି ଘଟଣାକୁ ଦେଇ ସ୍ଥାନୀୟ ଅଂଚଳରେ ଶୋକରଛାୟା ଖେଳିଯାଇଛି। ତେବେ ଅପରାହ୍ନରେ ମରଶରୀର ବ୍ୟବଚ୍ଛେଦ ହୋଇ ଆସିବାପରେ ତାଙ୍କର ଶେଷକୃତ ସମ୍ପନ୍ନ ହୋଇଥିବା ଜଣାପଡିଛି।

# ଅବକାରି ବିଭାଗକୁ ବିରୋଧ କରି ଦୁଇ ଯୁବକ ଗିରଫ

ଜୟପୁର, ୧୯/୩ (ନି.ପ୍ର): ଜୟପୁର ଅବକାରି ବିଭାଗ କଳାଗୁଡା ଜଙ୍ଗଲରେ ଚଢଉ କରୁଥିବା ବେଳେ ଯୁବକ ମାନେ ବିରୋଧ କରିଥିଲେ। ଏହି ମାମଲାରେ ୨ ଜଣଙ୍କୁ ଆଜି ଜୟପୁର ସଦର ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ କଳାଗୁଡାର ଦିପକ ଖିଲ ଓରଫ ଦିଲ୍ଲିପ ଖିଲ (୨୧) ଓ ରାଜ କୁମାର କୁଲଦିପ (୨୯)। ପୋଲିସ ସୂଚନା ଅନୁଯାୟୀ, ଜୟପୁର ଅବକାରି ବିଭାଗ କଳାଗୁଡା ଜଙ୍ଗଲରେ ଚଢଉ କରି ମଦ ଓ ପୋଚ ଜବତ କରିବା ପାଇଁ ନିଜ ଦାୟିତ୍ୱ ତୁଲାଉ ଥିଲେ। ସେହି ସମୟରେ ୫ ଜଣ ଅଭିଯୁକ୍ତ ମିଶି ଅବକାରି ବିଭାଗକୁ ଗାଳି ଗୁଲଜ କରି ଧମକ ଚମକ ଦେଇଥିବା ନେଇ ଜୟପୁର ସଦର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ଜାଣି ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି। ଏହି ମାମଲାରେ ଗତ ୩ ତାରିଖରେ କଳାଗୁଡାର ରଘୁ ନାଥ ପାଙ୍ଗି (୩୨) କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୋଲିସ।

# ଦୋଳପୂର୍ଣ୍ଣମୀ ପାଇଁ ଛତିଶା ନିଯୋଗ ବୈଠକ

ପୁରୀ, ୧୯/୩ (ନି.ପ୍ର): ଶ୍ରୀମନ୍ଦିରରେ ଆସନ୍ତାକାଲି ମଙ୍ଗଳବାର ଠାରୁ ଆରମ୍ଭ ହେବ ଦୋଳପୂର୍ଣ୍ଣମୀ ନୀତି। ଏଥିପାଇଁ ଆଜି ନୀଳାଦ୍ରି ଭକ୍ତ ନିବାସରେ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଆସନ୍ତା ଦୋଳପୂର୍ଣ୍ଣମୀ ନୀତି ନିର୍ଘଂଟ ଚୂଡ଼ାନ୍ତ ହୋଇଛି। ଆସନ୍ତା ୨୪ ଓ ୨୫ ତାରିଖ ମେଣ୍ଢାପୋଡ଼ି ଓ ଦୋଳପୂର୍ଣ୍ଣମୀ ନୀତି ନିର୍ଘଂଟ ସ୍ଥିର ହୋଇଛି। ୨୪ ଓ ୨୫ ତାରିଖ ରାତି ୩ ଟାରେ ଶ୍ରୀମନ୍ଦିର ଦ୍ୱାର ଫିଟି ଅନ୍ୟାନ୍ୟ ନୀତି କାନ୍ତି ହେବ। ୨୫ ତାରିଖ ଦୋଳପୂର୍ଣ୍ଣମୀ ଦିନ ଦୋଳବେଦୀ ଉପରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ଠିକ୍ ସମୟରେ ନୀତି ସଂପାଦନ ସହ ଭକ୍ତ କିଭଳି ବ୍ୟବସ୍ଥିତ ଓ ଶୃଙ୍ଖଳିତ ଦର୍ଶନ କରିବେ ସେ ନେଇ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯିବ। ସେହିପରି ଆସନ୍ତା ଗ୍ରୀଷ୍ମପ୍ରବାହ ଓ ଖରାକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ପାନୀୟ ଜଳ ବ୍ୟବସ୍ଥା ଗ୍ରହଣ କରାଯିବ। ସେହିପରି ବଡ଼ଦାଣ୍ଡରେ ପେଂଟିଙ୍ଗ ସହ ସେଡ୍ ବ୍ୟବସ୍ଥା ହେବ। ବୈଠକ ପରେ ଶ୍ରୀମନ୍ଦିର ଅତିରିକ୍ତ ମୁଖ୍ୟ ପ୍ରଶାସକ ସମର୍ଥ ବର୍ମା ଏ ନେଇ ସୂଚନା ଦେଇଛନ୍ତି। ଛତିଶା ନିଯୋଗ ବୈଠକ ପୂର୍ବରୁ ନୀତି ସବକମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୁରୀ ଜିଲ୍ଲାପାଳ, ପରିଚାଳନା କମିଟିର ସଦସ୍ୟ, ନୀତି ସବକମିଟି ସଦସ୍ୟ ଉପସ୍ଥିତ ଥିଲେ। ବିଭିନ୍ନ ବ୍ୟାଙ୍କ୍ କୁ ବାଇଡିଂ ମଗାଯାଇଛି। ସର୍ବାଧିକ ବାଇଡିଂ ଦେଇଥିବା ବ୍ୟାଙ୍କରେ ଭକ୍ତ ଦାନ ଦେଇଥିବା ଦାନ ଅର୍ଥ ଜମା ରହିବ। ବୈଠକରେ ବରିଷ୍ଠ ସେବାୟତ ତଥା ଛତିଶାନିଯୋଗ ସଦସ୍ୟ ତଥା ପୂର୍ବତନ ପରିଚାଳନା କମିଟିର ସଦସ୍ୟ ସ୍ୱର୍ଗତଃ ରଜତ୍ ପ୍ରତିହାରୀଙ୍କ ମୃତ୍ୟୁକୁ ନେଇ ନିରବ ପ୍ରାର୍ଥନା ସହ ଶୋକ ପ୍ରକାଶ କରାଯାଇଥିଲା। ଏହି ବୈଠକରେ ଛତିଶା ନିଯୋଗର ସଦସ୍ୟମାନେ ଯୋଗ ଦେଇଥିଲେ।

# ମାନ୍ଧାତା ବାବା ମନ୍ଦିରରେ ୨୫ତମ ସାମୁହିକ ବ୍ରତୋପନୟନ

ସମ୍ବଲପୁର, ୧୯/୩ (ନି.ପ୍ର): ମାନେଶ୍ୱର ସ୍ଥିତ ମାନ୍ଧାତା ବାବା ଶୈବପୀଠ ପରିସରରେ ମନ୍ଦିର ଟ୍ରଷ୍ଟ ଓ ଏକାଦଶୀ ଆଶ୍ରମର ମିଳିତ ଆନୁକୂଲ୍ୟରେ ରୀତିନୀତି ଅନୁସାରେ ଏକ ସାମୁହିକ ବ୍ରତୋପନୟନ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଆଖପାଖ ଅଞ୍ଚଳରୁ ଆସିଥିବା ୧୮ଜଣ ବଟୁଙ୍କୁ ସାବିତ୍ରୀ ପ୍ରଦାନ ପୂର୍ବକ ଏହି ନୀତି ସମ୍ପନ୍ନ କରାଯାଇଥିଲା। ସମସ୍ତ ପୂଜାକାର୍ଯ୍ୟକୁ ପଣ୍ଡିତ ସୁଧାଂଶୁ ଶେଖର ପାଣିଗ୍ରାହୀ ଓ ପଣ୍ଡିତ ପ୍ରଦୀପ କୁମାର ନାୟକ ପରିଚାଳନା କରିଥିଲେ। ଏହି ସାମୁହିକ ବ୍ରତରେ କର୍ତ୍ତା ଦାୟିତ୍ୱ ସଞ୍ଜୟ ତ୍ରିପାଠୀ ତୁଲାଇଥିବା ବେଳେ ବାରିକ ଭାବରେ ରାମଜୀ ବାରିକ, ଗୋପାଳ ବାରିକ, ଚିତ୍ତରଞ୍ଜନ ବେହେରା, ଅକ୍ଷୟ ବାରିକ କର୍ତ୍ତବ୍ୟ ସମ୍ପାଦନା କରିଥିଲେ। ରୁଷାନୀ କାର୍ଯ୍ୟକ୍ରମ ମଧ୍ୟ ସମାରୋହରେ ଅନୁଷ୍ଠିତ ହେବା ସହ ବିଭିନ୍ନ ସ୍ଥାନରେ ନବ ବଟୁଙ୍କ ଗୋଡ଼ଧୁଆ ନୀତି କରାଯାଇଥିଲା। ଏହି ସାମୁହିକ ବ୍ରତ କାର୍ଯ୍ୟକ୍ରମରେ ହରିଶଙ୍କର ପୁରୋହିତ, କ୍ଷୀରୋଦ ମିଶ୍ର, ବଳରାମ ଦୀକ୍ଷିତ, ସୁନୀଲ ପଣ୍ଡା, ଆଶୁ ଦୀକ୍ଷିତ, ଚିନ୍ମୟ ପଣ୍ଡା, ରବିନାରାୟଣ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# କାନନବାଳା ନନ୍ଦ ସ୍ମାରକୀ ଭଲିବଲ ପ୍ରତିଯୋଗିତା: ସେରେଣ୍ଡା ଚମ୍ପିୟାନ

ବଲାଣି, ୧୯/୩ (ନି.ପ୍ର): କାନନବାଳା ବିବେକାନନ୍ଦ ନନ୍ଦ ଫାଉଣ୍ଡେସନ, ସ୍ପୋର୍ଟସ ଲୋଭର୍ସ ଗ୍ରୁପ ଓ ବଲାଣି ବିକାଶ ପରିଷଦ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଭଲିବଲ ପଡିଆ ଠାରେ ଦ୍ୱିତୀୟ କାନନବାଳା ନନ୍ଦ ସ୍ମାରକୀ ଏକ ଦିବସିୟ ଦିବାରାତ୍ର ନକ୍ ଆଉଟ୍ ଭଲିବଲ ରବିବାର ଉଦଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ପଡୋଶୀ ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମସିଙ୍ଘଭୂମ ଜିଲାର ଗୁଆ ଓ କିରିବୁରୁ ସମେତ କେନ୍ଦୁଝର ଜିଲ୍ଲାର ବଲାଣି, ସେରେଣ୍ଡା, ଠାକୁରାଣୀ, ଯୋଡ଼ା, ବଡ଼ନଇ ଓ ଖେଣ୍ଡରା ଦଳ ଅଂଶ ଗ୍ରହଣ କରିଥିଲେ। ସର୍ବୋତ୍ତମ ଖେଳ ପ୍ରଦର୍ଶନ କରି ସେରେଣ୍ଡା ଓ ଖେଣ୍ଡରା ଦଳ ଫାଇନାଲ କୁ ଉନ୍ନୀତ ହୋଇଥିଲେ। ସଙ୍ଘର୍ଷପୂର୍ଣ ଫାଇନାଲ ମ୍ୟାଚ ରେ ସେରେଣ୍ଡା ଦଳ ୨-୧ ସେଟ୍ ରେ ଖେଣ୍ଡରା ଦଳକୁ ପରାସ୍ତ କରି ଚଳିତ ବର୍ଷର ଚାମ୍ପିୟାନ ଆଖ୍ୟା ଅର୍ଜନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବଲାଣି ଖଣିର ମୁଖ୍ୟ ମହାପ୍ରବନ୍ଧକ ଜୟଦେବ ଚଟ୍ଟୋପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କ ମନୋବଳ ଦୃଢ଼ କରିବା ସହିତ କାନନବାଳା ବିବେକାନନ୍ଦ ଫାଉଣ୍ଡେସନ ର ବିଭିନ୍ନ ସାମାଜିକ କର୍ଯ୍ୟକଳାପର ଭୁୟସୀ ପ୍ରସଂଶା କରିଥିଲେ। ସମ୍ମାନୀୟ ଅତିଥି ଭାବେ ଫାଉଣ୍ଡେସନ ର ମୁଖ୍ୟ ବିବେକାନନ୍ଦ ନନ୍ଦ, ବଲାଣି ଖଣିର ଉପମହାପ୍ରବନ୍ଧକ(ଖଣି) ବିଭୁତି ନାରାୟଣ ସିଂହ, ବଲାଣି କ୍ରୀଡା ଓ ସଂସ୍କୃତି କମିଟିର ଉପସଭାପତି ଭୀମସେନ କୁଅଁର, ଏଆଇଟିୟୁସି ଶ୍ରମିକ ସଂଗଠନର ସାଧାରଣ ସମ୍ପାଦକ ଅରବିନ୍ଦ ସାହି, ଶ୍ରମିକ ସଂଗଠନ ସିଆଇଟିୟୁର ସାଧାରଣ ସମ୍ପାଦକ ଜଗନ୍ନାଥ ସାହୁ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଜେତା ଓ ଉପବିଜେତା ଦଳଙ୍କୁ ମୁଖ୍ୟ ଅତିଥି ଶ୍ରୀ ଚଟ୍ଟୋପାଧ୍ୟାୟ ଯଥାକ୍ରମେ ୬ ହଜାର ଓ ୪ ହଜାର ନଗଦ ରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। ସମସ୍ତ ମ୍ୟାଚକୁ ଯୋଡ଼ାର ସତ୍ୟବାନ ପାତ୍ର ସହିତ ବଲାଣି ଅଞ୍ଚଳର ଭାସ୍କର ସହଦେ୍ୱ, ବୁନା ମହାନ୍ତି ଓ କୁନା ମହାନ୍ତି ମ୍ୟାଚ ରେଫେରୀ ଭାବେ ପରିଚାଳନା କରିଥିଲେ। ସ୍କରର ଭାବରେ ଅରୁଣ ଦାସ ଓ ଶିଳ୍ପୀ ଲାହା ଦାଇତ୍ୱ ତୁଲାଇବା ସହିତ ବଲାଣି ଭଲିବଲ ଦଳର ସମସ୍ତ ଖେଳାଳି ସମେତ ମୁକ୍ତିକାନ୍ତ ନାୟକ, ସତ୍ୟବ୍ରତ ଜେନା, ବସନ୍ତ ଗିରି, ଫିରଜ, ମାନସ ପାଣି, ରୂପକ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସଂସ୍କୃତି ଓ ପରମ୍ପରା ସହିତ ଶିକ୍ଷାର ବିକାଶ ହିଁ ପ୍ରକୃତ ବିଦ୍ୟାଳୟ

ସମ୍ବଲପୁର, ୧୯/୩ (ନି.ପ୍ର): କୌଣସି ବିଦ୍ୟାଳୟର ରୂପ ବଦଳି ଗଲେ ଯେ'' ଶିକ୍ଷାର୍ଥୀଙ୍କ ଦକ୍ଷତା ବୃଦ୍ଧି ପାଇଯାଏ ତାହା ଠିକ୍ ନୁହେଁ। ବରଂ ଭାରତୀୟ ସଂସ୍କୃତି ଓ ପରମ୍ପରା ସହିତ ଶିକ୍ଷାର୍ଥୀଙ୍କ ମଧ୍ୟରେ ଦକ୍ଷତା ବିକାଶ ହିଁ ଅସଲ ବିଦ୍ୟାଳୟର ପରିଚୟ ବୋଲି ମୁଣ୍ଡେନପାଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦ୍ୱାଦଶତମ ବାର୍ଷିକ ଉତ୍ସବରେ ମତପ୍ରକାଶ ପାଇଛି। ଅନୁଷ୍ଠାନର ସଂପାଦକ ରଞ୍ଜନ କୁମାର ନାଥଙ୍କ ଆହ୍ୱାନ କ୍ରମେ ଆୟୋଜିତ ସଭାରେ କୁଚିଣ୍ଡାର ପୂର୍ବତନ ବିଧାୟକ ରବି ନାରାୟଣ ନାଏକ ମୁଖ୍ୟଅତିଥି, ଷଣ୍ଢପଥର ଶିକ୍ଷାଶ୍ରମର ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ମୁଖ୍ୟବକ୍ତା ଓ ଅବସର ପ୍ରାପ୍ତ ଶିକ୍ଷକ ଦିଲ୍ଲିପ ବହିଦାର, ସମ୍ବଲପୁର ନର୍ସିଂ କଲେଜର ପରିଚାଳନା ନିର୍ଦ୍ଦେଶକ ରଘୁନନ୍ଦନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାର୍ଥୀ ସଳିତା ହେଲେ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଘିଅ ଭଳି ପ୍ରଦୀପ ଦିପ୍ତୀର ନିଦର୍ଶନ ବୋଲି ସଚେତନ କରାଇଥିଲେ। ଏପରିକି ସଂସ୍କୃତି ଓ ପରମ୍ପରା ଶିକ୍ଷାର ମାନଦଣ୍ଡକୁ ହିଁ ଅଭିବୃଦ୍ଧି କରିଥାଏ ବୋଲି ଦର୍ଶାଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ଜ୍ୟୋତିର୍ମୟୀ ବାଗ ବାର୍ଷିକ ବିବରଣୀ ପାଠ କରିଥିଲେ। ଆଚାର୍ଯ୍ୟା ସଙ୍ଗୀତା ବେହେରାଙ୍କ ପରିଚାଳନା ତଥା ସାମାଜିକ କର୍ମୀ ଡା. ରାଜାରାମ ଷଡଙ୍ଗୀଙ୍କ ସଭାପତିତ୍ୱରେ କୃତୀ ଶିକ୍ଷାର୍ଥୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଭାପତି ସରୋଜ କୁମାର ନାଥ ଅତିଥି ପରିଚୟ ଦେବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ''ବନ୍ଦେ ଉତ୍କଳ ଜନନୀ'' ଗାନ ପରେ ସଭା ସାଙ୍ଗ ହୋଇଥିଲା। ଏହି ଅବସରରେ ଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କନ୍ଧମାଳ ଜିଲ୍ଲାର ସତ୍ୟସାଇ ସଂଗଠନ ପକ୍ଷରୁ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ

କନ୍ଧମାଳ, ୧୯/୩ (ନି.ପ୍ର): କନ୍ଧମାଳ ଜିଲ୍ଲାର ଫୁଲବାଣୀ ସାଇବିହାର ଠାରେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଦିବ୍ୟ ଉପସ୍ଥିତିରେ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ଆୟୋଜିତ ହୋଇଯାଇଛି କ୍ଷ କନ୍ଧମାଳ ଜିଲ୍ଲାର ଫୁଲବାଣୀ, ବାଲିଗୁଡା, ଦାରିଙ୍ଗବାଡି, ରାଇକିଆ, ଜି ଉଦୟଗିରରୁ ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ସେବାଦଳ ଅଂଶ ଗହଣ କରିଥିଲେ। କନ୍ଧମାଳ ଜିଲ୍ଲା ସତ୍ୟ ସାଇ ସଂଗଠନ ର ସଭାପତି ଡଃ ମଧୁସୁଦନ ମହାପାତ୍ର, ଫୁଲବାଣୀ ସାଇ ବିହାର ଆବାହକ ବ୍ୟତକେଶ ତ୍ରିପାଠୀ ରାଜ୍ୟ ସତ୍ୟସାଇ ସଂଗଠନ କାର୍ଯ୍ୟକର୍ତ୍ତା ରମା ବଲ୍ଲଭ ମହାପାତ୍ର, ସୋରଜ ମିଶ୍ର ଓ ମୋନୋରଞ୍ଜନ କର ଯୋଗ ଦେଇ ସତ୍ୟସାଇସଂଗଠନର ସଂକଳ୍ପ --୨୦୨୪ କୁ ବିଶ୍ଳେଷଣ କରିଥିଲେ। ଜିଲ୍ଲାର ସାଧନ କର୍ମୀମାନେ ରାଜ୍ୟ ସମ୍ମିଳନୀରେ ଆଲୋଚିତ ବିଷୟ ଗୁଡିକର ଉପସ୍ଥାପନ ପରେ ସମିତି ଆବାହକ ମାନେ ଚଳିତବର୍ଷର କାର୍ଯ୍ୟଖସଡା ସ୍ୱାମୀଙ୍କ ଦିବ୍ୟ ପାଦପଦ୍ମ ରେ ସମର୍ପଣ କରିଥିଲେ। ପ୍ରାତଃକାଳରେ ଓମକାର,ସୁପ୍ରଭାତମ,ନଗର ସଂକୀର୍ତ୍ତନ ପରେ ପ୍ରଶାନ୍ତି ପତାକା ଉତ୍ତୋଳନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲାରେ ବାଳ ବିକାଶରେ ଛାତ୍ର ଛାତ୍ରୀ ମାନଙ୍କୁ କିଭଳି ଆଧାତ୍ମିକ ଚେତନାରେ କିଭଳି ପରିବର୍ତ୍ତନ କରିବାକୁ ହେବ ଶିକ୍ଷା ଦିଆଯାଇଥିଲା। ସେହିପରି ନାରାୟଣ ସେବା ପାଇଁ ଗୁରୁତ୍ୱ ଦିଆଯାଇଥିଲା ସାଇ ସେବକ କିପରି ହେବା ଆବଶ୍ୟକ ଓ ଭଜନ କିପରି ଗାଇବା ସେଥି ପ୍ରତି ଗୁରୁତ୍ୱ ଦେବା ପାଇଁ ପ୍ରତ୍ୟେକ ସମିତିରେ ଭଜନ ତାଲିମ୍ ଦେବା ଆବଶ୍ୟତା ବୋଲି ଜିଲ୍ଲା ସଭାପତି ଗୁରୁତ୍ୱ ଦେଇ ଆବାହକ ମାନଙ୍କୁ ପରାମର୍ଶ ଓ ଏକ ଆଧାତ୍ମିକ ପରିବେଶ ଗଠନ କରିବା ପାଇଁ ସମସ୍ତଙ୍କୁ ଚେଷ୍ଟା କରିବାକୁ କହିଥିଲେ।

# ବିଦ୍ୟାଳୟରେ ଶିକ୍ଷକ ଓ ପ୍ରଧାନ ଶିକ୍ଷକଙ୍କ ପଦ ଖାଲି: ଗୁଣାତ୍ମକ ଶିକ୍ଷା ପାଇଁ ଅଭିଭାବକ ମହଲରେ ପ୍ରଶ୍ନ

ବେତନଟୀ , ୧୯/୩ (ନି.ପ୍ର): ସରୁଛି ପିଲା ମାନଙ୍କ ପରୀକ୍ଷା ଆରମ୍ଭ ହେବ ନୂତନ ଶିକ୍ଷା ବର୍ଷ ସରକାରି ସ୍କୁଲ୍ ର ବିଲ୍ଡିଙ୍ଗ, ପାଚେରୀ, ଗେଟ ଚକାଚକ ହୋଇଛି। ଅଧିକାଂଶ ବିଦ୍ୟାଳୟ ୫ - ଟି ଅଧୀନକୁ ଯାଇଛି। ଅନ୍ୟ ପକ୍ଷରେ ଅଭିଭାବକ ମାନେ ଘରୋଇ ସ୍କୁଲ ପ୍ରତି ଅଧିକ ନିର୍ଭରଶୀଳ ହୋଉଛନ୍ତି। ଘରୋଇ ସ୍କୁଲ ଗୁଡିକ ଭିତ୍ତିଭୂମି ଠିକ ନଥିଲେ ମଧ୍ୟ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଅଧୀକ ଯତ୍ନବାନ ଅଛନ୍ତି ବୋଲି ଅଭିଭାବକ ମାନେ ଭାବୁଛନ୍ତି। ଏହି ବିଷୟ କୁ ତର୍ଜମା କରିବାକୁ ଯାଇ ବେତନଟୀ ବ୍ଲକ ର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର କେତେକ ତଥ୍ୟ ନେବାରୁ ଜଣାଯାଏ ସରକାରୀ ବିଦ୍ୟାଳୟ ରେ ଗୁଣାତ୍ମକ ଶିକ୍ଷା ଦ୍ୱୋରେ ପ୍ରତିବନ୍ଧକ ରହିଛି। ପିଲା ମାନଙ୍କ ସଂଖ୍ୟା ଓ ଶ୍ରେଣୀ ସଂଖ୍ୟା କୁ ଦେଖିଲେ ବହୁ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ପଦ ଖାଲି ରହିଛି। ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ଙ୍କ ଅଧୀନରେ ୧୦୯ ଟି ପ୍ରାଥମିକ ବିଦ୍ୟାଳୟ ଥିବା ବେଳେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୬୭ ଟି ରହିଛି। ଏହି ବିଦ୍ୟାଳୟରେ ୧୬୪୭୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହି ପିଲାମାନଙ୍କୁ ପାଠ ପଢାଇବା ପାଇଁ ୫୬୪ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ନୀୟଜିତ ଅଛନ୍ତି। ଏହି ବିଦ୍ୟାଳୟ ମାନଙ୍କରେ ପିଲା ମାନଙ୍କୁ ପାଠ ପଢାଇବା ପାଇଁ ବହୁତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ପଦ ଖାଲି ରହିଛି। ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ୨୦୨୪ ମାର୍ଚ୍ଚ ମାସ ମଧ୍ୟରେ ୬୩ ଟି ପଦ ଖାଲିଥିବା ବେଳେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରାଧାନ ଶିକ୍ଷକ ୪୧ ଟି ପଦ ଖାଲିଥିବା ଜଣାପଡିଛି। ପ୍ରଧାନ ଶିକ୍ଷକ ବ୍ୟତିତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ର ୬୦ ରୁ ଉର୍ଦ୍ଧ ପଦ ଖାଲିରହିଥିବା ଜଣାପଡିଛି। ସରକାର ୩୦ ଜଣ ପିଲା ପ୍ରତି ୧ ଜଣେ ଶିକ୍ଷକ ନିଯୁକ୍ତି କରିବାର ନିୟମ ରଖିଥିଲେ ମଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୮ ଟି ଶ୍ରେଣୀ ରହିଛି। ପିଲା ହାର ଅନୁଯାଇ ଶିକ୍ଷକ ନିଯୁକ୍ତି କଲେ ମଧ ୮ ଟି ଶ୍ରେଣୀ ପାଇଁ ଠିକ ଭାବରେ ଶିକ୍ଷାଦାନ ହୋଇପାରିବ ନାହିଁ। ଏଭଳି କ୍ଷେତ୍ରରେ ବେତନଟୀ ବ୍ଲକ ରେ କେବଳ ସରକାର ନିୟମ ଅନୁଯାଇ ଖାଲି ପଡିଥିବା ଶିକ୍ଷକ ପଦବୀ ରେ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ନ ହେଲେ କିଭଳି ଗୁଣାତ୍ମକ ଶିକ୍ଷା ସୋଇପାରିବ ବୋଲି ଅଭିଭାବକ ମହଲରେ ପ୍ରଶ୍ନ ଉଠୁଛି। ସୂଚନାଯୋଗ୍ୟ ଏତେ ସଂଖ୍ୟକ ଶିକ୍ଷକ ପଦବୀ ଖାଲିରହିଥିଲେ ମଧ ୪୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ବିଭିନ୍ନ ଆଳ ଦେଖାଇ ନିଜ ଘର ନିକଟ ବିଦ୍ୟାଳୟ କୁ ଯିବା ପାଇଁ ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ନିକଟରେ ଆବେଦନ କରିଛନ୍ତି। କେତେକ ଶିକ୍ଷକ ଦେହ ଅସୁସ୍ଥ ଥିବା ବିଷୟରେ ଦରଖାସ୍ତ ରେ ଉଲେଷ କରିଥିବା ବେଳେ ଅନ୍ୟ କେତେକ ଶିକ୍ଷକ ନିଜ ଘର ଠାରୁ ବିଦ୍ୟାଳୟ କୁ ରାସ୍ତା ଅଧୀକ ହେଉଥିବାର ଦରଖାସ୍ତ ରେ ଦର୍ଶାଇଛନ୍ତି । ଓଡିଶା ର ଗଣଶିକ୍ଷା ମନ୍ତ୍ରୀ ଭାବରେ ସୁଦାମା ମାରାଣ୍ଡି ରହିଥିବା ବେଳେ ସେ ମୟୂରଭଞ୍ଜ ର ବାସିନ୍ଦା ତାଙ୍କ ନିଜ ଜିଲ୍ଲା ଅଧୀନରେ ବେତନଟୀ ବ୍ଲକ ଯାଉଥିବା ବେଳେ ଅନ୍ୟ ଜିଲ୍ଲା ଓ ବ୍ଲକ ର ଅବସ୍ଥା କିଭଳି ଥିବ ତାହା ସାଧାରଣରେ ପ୍ରଶ୍ନ ବାଚି ସୃଷ୍ଟି କରିଛି।

# ଖୋର୍ଦ୍ଧା ଜିଲ୍ଲାରେ ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ ଭାବେ ପରିଚାଳନା ପାଇଁ ଜିଲ୍ଲାପାଳଙ୍କ ପରାମର୍ଶ

ଖୋର୍ଦ୍ଧା, ୧୯/୩ (ନି.ପ୍ର): ରାଜ୍ୟରେ ଉଭୟ ଲୋକସଭା ଓ ବିଧାନସଭା ନର୍ବାଚନ ପାଇଁ ଭାରତ ନିର୍ବାଚନ କମିଶନ ଗତକାଲିଠାରୁ ଘୋଷଣା କରିବା ପରେ ଆଦର୍ଶ ଆଚରଣ ବିଧି କଡ଼ାକଡ଼ି ପାଳନ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଚଞ୍ଚଳ ରାଣା ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସଦ୍‌ଭାବନା ସଭାଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ରାଣା କହିଲେ ଯେ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା । ଜିଲ୍ଲାରେ ଭୁବନେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜୟଦେବ, ଭୁବନେଶ୍ୱର (ମଧ୍ୟ), ଭୁବନେଶ୍ୱର (ଉତ୍ତର), ଏକାମ୍ର, ଜଟଣୀ, ବେଗୁନିଆ, ଖୋର୍ଦ୍ଧା ଏବଂ ପୁରୀ ଲୋକସଭା ଆସନ ଅନ୍ତର୍ଗତ ଚିଲିକା ବିଧାନସଭାରେ ମତଦାନ ହେବ । ଷଷ୍ଠ ପର୍ଯ୍ୟାୟରେ ହେବାକୁ ଥିବା ଏହି ନିର୍ବାଚନ ପାଇଁ ଆସନ୍ତା ଅପ୍ରେଲ ୨୯ ତାରିଖରେ ବିଜ୍ଞପ୍ତି ଜାରି ହେବ ଏବଂ ମଇ ୬ ତାରିଖରେ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ । ସେହିଭଳି ମଇ ୭ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ ଏବଂ ୯ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ଧାର୍ଯ୍ୟ କରାଯାଇଛି । ଏଥିସହ ଜୁନ୍ ୪ ତାରିଖରେ ନିର୍ବାଚନ ଫଳାଫଳ ଘୋଷଣା କରାଯାଇ ଜୁନ୍ ୬ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ କରାଯିବ ।

ଚଳିତ ନିର୍ବାଚନ ନିମନ୍ତେ ଜିଲ୍ଲାରେ ଏପର୍ଯ୍ୟନ୍ତ ୧୮ ଲକ୍ଷ ୬୫ ହଜାର ୪୫୫ ଜଣ ମତଦାତା ଅଛନ୍ତି । ସେମାନଙ୍କ ମଧ୍ୟରେ ୯ ଲକ୍ଷ ୭୧ ହଜାର ୫୫୪ ଜଣ ପୁରୁଷ, ୮ ଲକ୍ଷ ୯୩ ହଜାର ୩୪୧ ଜଣ ମହିଳା, ୫୬୦ ଜଣ ତୃତୀୟ ଲିଙ୍ଗୀ ଭୋଟର ଅଛନ୍ତି । ଏମାନଙ୍କ ମଧ୍ୟରେ ୩୫ ହଜାର ୩୦୮ ଜଣ ଯୁବ ଭୋଟର ରହିଛନ୍ତି । ଜିଲ୍ଲାରେ ୮ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୯୦୭ଟି ଭୋଟଦାନ କେନ୍ଦ୍ର ରହିଛି । ସେଥି ମଧ୍ୟରୁ ୫୨୪ଟି ମହିଳାମାନଙ୍କ ଦ୍ୱାରା ପରିଚାଳିତ ପିଙ୍କ୍ ବୁଥ୍ ତଥା ସଖୀ ବୁଥ୍?, ୧୪୯ଟି ବୁଥ୍‌ରେ ମତଦାନ ପରିଚାଳନା ନିମନ୍ତେ ମହିଳାମାନେ ପ୍ରମୁଖ ଦାୟିତ୍ୱ ତୁଲାଇବା ସହ ୩୦ ବର୍ଷରୁ କମ୍ ଯୁବ ଅଧିକାରୀମାନେ ୩୦ଟି ବୁଥ୍‌ରେ ପୁଲିଂ ଅଧିକାରୀ ଭାବେ କାର୍ଯ୍ୟ କରିବେ ବୋଲି ଜିଲ୍ଲାପାଳ କହିଛନ୍ତି । ସେହିଭଳି ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ଗୋଟିଏ ବୁଥ୍ ଭିନ୍ନକ୍ଷମଙ୍କ ଦ୍ୱାରା ପରିଚାଳିତ ହେବ । ଅନ୍ୟପକ୍ଷରେ ଭୁବନେଶ୍ୱର (ମଧ୍ୟ)ର ସମସ୍ତ ୧୧୯ଟି ବୁଥ୍ ସଖୀ ମତଦାନକେନ୍ଦ୍ର ଭାବେ ପରିଚାଳିତ ହେବ । ଏହି ସମସ୍ତ ମତଦାନ କେନ୍ଦ୍ର ମଧ୍ୟରୁ ୨୦ ପ୍ରତିଶତ ଆଦର୍ଶ ବୁଥ୍ ଏବଂ ୬୦ ପ୍ରତିଶତ ବୁଥ୍‌ରେ ୱେବ୍‌କାଷ୍ଟିଂ କରାଯିବ । ଏହି ନିର୍ବାଚନ ପ୍ରକ୍ରିୟାରେ ଜିଲ୍ଲାରେ ପ୍ରାୟ ୧୪ ହଜାର ପୁଲିଂ ଅଧିକାରୀ ନିଯୁକ୍ତ ହେବେ । ପୁଲିଂ ଅଧିକାରୀମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ତାଲିମ ପ୍ରଦାନ ପ୍ରକ୍ରିୟା ଜାରି ରହିଛି । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବୁଥ୍ ?ରେ ଅସ୍ଥାୟୀ ପ୍ରତୀକ୍ଷାକକ୍ଷ, ପାନୀୟ ଜଳ ଆଦିର ବ୍ୟବସ୍ଥା କରାଯିବ । ଜୟଦେବ, ଭୁବନେଶ୍ୱର (ମଧ୍ୟ), ଭୁବନେଶ୍ୱର (ଉତ୍ତର), ଏକାମ୍ର, ଜଟଣୀ ନିମନ୍ତେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ, ବେଗୁନିଆ, ଖୋର୍ଦ୍ଧା ବିଧାନସଭା କ୍ଷେତ୍ର ପାଇଁ ଜିଲ୍ଲା ପଣ୍ୟାଗାର ଏବଂ ଚିଲିକା ବିଧାନସଭା ନିମନ୍ତେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ପୁଲିଂ ପାର୍ଟିମାନେ ବୁଥ୍ ଅଭିମୁଖେ ଯାତ୍ରା କରିବା ସହ ମତଦାନ ପରେ ଇଭିଏମ୍ ଦାଖଲ ଏବଂ ଭୋଟଗଣନା କେନ୍ଦ୍ର କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

ସେହିଭଳି ୮୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମ ଭୋଟରମାନଙ୍କ ପାଇଁ ନିଜେ ଘରେ ରହି ମତଦାନ କରିବା ନିମନ୍ତେ ବ୍ୟବସ୍ଥା କରାଯିବ । ନିର୍ବାଚନୀ ସଂକ୍ରାନ୍ତୀୟ ଅଭିଯୋଗ ନିମନ୍ତେ ସି-ଭିଜିଲ୍ ଆପ୍ କିମ୍ବା ଜିଲ୍ଲା ନିୟନ୍ତ୍ରଣ କକ୍ଷ ୦୬୭୫୫-୨୨୦୯୩୭ ଏବଂ ୧୯୫୦କୁ ଫୋନ୍ କରି ଅଭିଯୋଗ ଦାଖଲ କରିହେବ । ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟରେ ମିଡ଼ିଆ ସାର୍ଟିଫିକେସନ୍ ଏବଂ ମନିଟରିଂ କମିଟି ସେଲ୍ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି । ସେହିଭଳି ନିର୍ବାଚନକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ସହ ଅର୍ଥ, ଉପହାର କିମ୍ବା ମାଦକ ଦ୍ରବ୍ୟ ଭଳି ପ୍ରଲୋଭନ ରୋକିବା ପାଇଁ ଉଭୟ ବିଧାନସଭା ଏବଂ ଲୋକସଭା ନିର୍ବାଚନ କ୍ଷେତ୍ର ପାଇଁ ବିଭିନ୍ନ ଟିମ୍‌ମାନ ଗଠନ କରାଯାଇଥିବା ଶ୍ରୀ ରାଣା କହିଥିଲେ । ପୂର୍ବରୁ ଜିଲ୍ଲାପାଳ ଜିଲ୍ଲାର ବିଭିନ୍ନ ରାଜନୈତିକ ଦଳ ସହ ନିର୍ବାଚନ ସଂପର୍କରେ ଆଲୋଚନା କରିବା ସହ ଏହାକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ସହଯୋଗ ଲୋଡ଼ିଥିଲେ । ସେହିଭଳି ସରକାରଙ୍କର ପ୍ରଚାର ଓ ପ୍ରସାର ନିମନ୍ତେ ସର୍ବସାଧାରଣ ସ୍ଥାନରେ ଲାଗିଥିବା ହୋଡିଂ, ପୋଷ୍ଟର, ବ୍ୟାନର ଓ ପେଣ୍ଟିଂ ତୁରନ୍ତ ହଟାଇବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଜିଲ୍ଲାପାଳ ଦେଇଛନ୍ତି । ଜିଲ୍ଲାରେ ଥିବା ସରକାରଙ୍କ ବିଭିନ୍ନ ୱେବ୍‌ସାଇଟ୍, ବିଭିନ୍ନ କାର୍ଯ୍ୟାଳୟ ପରିଚାଳିତ ସାମାଜିକ ଗଣମାଧ୍ୟମରୁ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଫଟୋ ହଟାଯାଇଛି । ସେହିଭଳି ସରକାରଙ୍କ ବିଭିନ୍ନ ଗେଷ୍ଟହାଉସ୍‌ରେ କୌଣସି ରାଜନୈତିକ କାର୍ଯ୍ୟକଳାପ ନିମନ୍ତେ କିମ୍ବା ରାଜନେତାଙ୍କ ରହଣି ନିମନ୍ତେ ବ୍ୟବହାର ନକରିବା ପାଇଁ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା, ନିର୍ବାଚନ ଡେପୁଟି କଲେକ୍ଟର ଶ୍ରୀ ମନୋଜ କୁମାର ସେନାପତି, ଖୋର୍ଦ୍ଧା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ସୁରେନ୍ଦ୍ରନାଥ ମୁର୍ମୁ, ଅତିରିକ୍ତ ଡିସିପି ଶ୍ରୀ ପ୍ରଶାନ୍ତ କୁମାର ମଲ୍ଲ ଏବଂ ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ମା' ବୁଢ଼ୀ ଜାଗୁଲାଇ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



ବାସୁଦେବପୁର, ୧୯/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆର୍ଡୁଂ ଗ୍ରାମର ଗ୍ରାମ ଦେବୀ ମା ବୁଢ଼ୀ ଜାଗୁଲାଇ ପୀଠରେ ଚାରି ଦିନ ବ୍ୟାପୀ ବିଶ୍ୱ ଶାନ୍ତି ମହାଯଜ୍ଞ ଓ କଳସ ଶୋଭାଯାତ୍ରା ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ମନ୍ଦିର ପରିଚାଳନା କମିଟି ମୁଖ୍ୟ ଶିବାଜୀ ଚରଣ ନାୟକ, ସୀତାକାନ୍ତ ରାଉତ, ସତ୍ୟବ୍ରତ ବେହେରା, ରତିକାନ୍ତ ପାଣିଗ୍ରାହୀ, ଶଶିକାନ୍ତ ରାଉତ, ମଧୁ ସୁଦନ ରାଉତ, ନିଶା ରାଉତ, ଅଭି ରାଉତ, ଗୌରାଙ୍ଗ ରାଉତ, କୃପାସିନ୍ଧୁ ବେହେରା, ସନାତନ ରାଉତ, ମୁକ୍ତିକାନ୍ତ ରାଉତ, ଗୌତମ ସେଠି ପ୍ରମୁଖ ଏହି ଆଧାତ୍ମିକ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ । ଏଥି ସହିତ ସମସ୍ତ ଗ୍ରାମବାସୀ ଏହି ଉତ୍ସବରେ ଯୋଗ ଦେଇଥିଲେ ଓ ମାଆ ଙ୍କ ଆଶୀର୍ବାଦ ନେଇଥିଲେ । ଏହି ଭବ୍ୟ ଦିବ୍ୟ ଓ ଆଧାତ୍ମିକ ପରିବେଶ ରେ ସମସ୍ତେ ମନ୍ତ୍ର ମୁଗ୍ଧ ହୋଇଥିଲେ । ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ ।

# ୨୧ତମ ଜାତୀୟ ନାଟକ ମହୋତ୍ସବ ଉଦ୍‌ଘାଟିତ



ପାରାଦୀପ, ୧୯/୩ (ନି.ପ୍ର): ପାରାଦୀପର ଅଗ୍ରଣୀ ନାଟ୍ୟାନୁଷ୍ଠାନ କ୍ୟାନ୍ଭାସ ପକ୍ଷରୁ ୨୧ତମ ଜାତୀୟ ନାଟକ ମହୋତ୍ସବ ମଙ୍ଗଳବାର ସଂନ୍ଧ୍ୟାରେ ସ୍ଥାନୀୟ ଜୟଦେବ ସଦନ ଠାରେ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ସଂନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ। ସମ୍ମାନିତ ଅତିଥି ଭାବେ ପାରାଦୀପ ପୌରାଧ୍ୟକ ବସନ୍ତ ବିଶ୍ୱାଳ, ବନ୍ଦର ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା, ଟ୍ରାଫିକ ଉପଦେଷ୍ଟା ଏ.କେ.ବୋଷ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ କ୍ୟାନ୍ଭାସ ସଭାପତି କ୍ୟାପଟେନ୍ ଅତୁଲ୍ୟ କୁମାର ମହାପାତ୍ର। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କ୍ୟାନ୍ଭାସର ସମ୍ପାଦକ ଶ୍ରୀମନ ମିଶ୍ର।ଆଜି ଉଦଘାଟନୀ ସଂନ୍ଧ୍ୟାରେ ପରିବେଷିତ ହୋଇଥିଲା ଲକ୍ଷ୍ନୌର ଦର୍ପଣ ଗ୍ରୁପ୍ ଦ୍ୱାରା ପରିବେଶିତ ତଥା ଶୁଭଦୀପ ରାହାଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ 'ସ୍ୱାହା'।ଉପସ୍ଥିତ ଦର୍ଶକମାନେ ନାଟକ ର ଶେଷ ପର୍ଯ୍ୟନ୍ତ ରହି ନାଟକକୁ ଭରପୁର ଉପଭୋଗ କରିଥିଲେ।ଏହି ନାଟକ ମହୋତ୍ସବ ଆଜି ୧୯ ତାରିଖ ରୁ ଆରମ୍ଭ ହୋଇ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକ କାନମାସ ପାରାଦୀପ ପକ୍ଷରୁ ସୂଚନା ମିଳିଛି। ଏହି ମହୋତ୍ସବରେ ଓଡିଆ, ହିନ୍ଦୀ, କୋଶଲୀ, ସମ୍ବଲପୁରୀ ଓ ବେଙ୍ଗଲୀ ଭାଷାରେ ନାଟକ ପରିବେଶିତ ହେବ। ଇଫକୋ ପାରାଦୀପ ୟୁନିଟ୍ ଓ ପାରାଦୀପ ରିଫାଇନାରୀରେ ୨୦ ରୁ ୨୪ ତାରିଖ ପର୍ଯ୍ୟନ୍ତ ଏହି ନାଟକ ପରିବେଶିତ ହେବ ବୋଲି କ୍ୟାନ୍ଭାସ ପକ୍ଷରୁ ସୂଚନା ମିଳିଛି।ଏହା ସହିତ ଦ୍ୱିତୀୟ ସନ୍ଧ୍ୟାରେ ନାଟକ 'ଏକା', ତୃତୀୟ ସନ୍ଧ୍ୟାରେ ନାଟକ 'ନିଃସଙ୍ଗ ନାୟକ', ଚତୁର୍ଥ ସନ୍ଧ୍ୟାରେ ନାଟକ 'ଯଯାତି', ପଞ୍ଚମ ସନ୍ଧ୍ୟାରେ 'ଉଲଫି' ଓ 'ଭାବ ନୁ ଅଭାବ', ଷଷ୍ଠ ସନ୍ଧ୍ୟାରେ ନାଟକ 'କ୍ୟା କରେଗା କାଜି', ସପ୍ତମ ସନ୍ଧ୍ୟାରେ ନାଟକ 'ଅନିକେତ ସନ୍ଧ୍ୟା' ଓ ଅନ୍ତିମ ସନ୍ଧ୍ୟାରେ ନାଟକ 'ନାଗ ମଣ୍ଡଳ' ପରିବେଷିତ ହେବ।

# ପୂର୍ବତନ ବିଧାୟକ ବିଶ୍ୱନାଥ ସାହୁଙ୍କ ଶ୍ରାଦ୍ଧ ଉତ୍ସବ

ଗଞ୍ଜାମ, ୧୯/୩ (ନି.ପ୍ର): ଗରୀବ ଚାଷୀ ଓ ମେହନତୀ ଖଟିଖିଆଙ୍କ ସାଥୀ ତଥା ପୂର୍ବତନ ଛତ୍ରପୁରର ବିଧାୟକ ବିଶ୍ୱନାଥ ସାହୁଙ୍କ ୮ମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ବ୍ରହ୍ମପୁର ସହିଦଲକ୍ଷ୍ମଣ ନାୟକ କମ୍ୟୁନିଟ ହଲରେ ଆଡଭୋକେଟ ଭଗବାନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚାଉପଟ୍ଟନାୟକ, ସୁଧୀର ପଟ୍ଟନାୟକ, ପ୍ରଫେସର୍ ନୀଳମଣି ସାହୁ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ପରିବିଶବିତ ପ୍ରଫୁଲ୍ଲ ସାମନ୍ତରାୟ, ବାମପନ୍ଥୀ ନେତା ଭାଲଚନ୍ଦ୍ର ଷଡଙ୍ଗୀ, ମହେନ୍ଦ୍ର ପରିଡା, ପ୍ରକାଶ ପାତ୍ର, ଯୁଧିଷ୍ଠିର ବେହେରା, ବୀଣାପାଣି ସାହୁ, ମାଗୁଣି ପଲେଇ, ଭାନୁମତି ରେଡ୍ଡି, କୈଳାସ ଷଡଂଗୀ, ନଂଦେଷୁ ସେନାପତି, ସାମ୍ବାଦିକ ରବିରଥ ଏଥିରେ ଯୋଗଦେଇ ସ୍ୱର୍ଗତ ବିଶ୍ୱନାଥଙ୍କ ଗୁଣ କୀର୍ତନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପ୍ରଫୁଲ୍ଲ ସାମନ୍ତରାୟଙ୍କ ସଂପାଦିତ ମଣିଷର ବାର୍ତାବହ ସ୍ୱାଭିମାନ ନବ୍ୟସଂସ୍କରଣର ସଂପାଦକ ଦାୟିତ୍ୱ ବିଘ୍ନେଶ୍ୱର ସାହୁ ନେବାପରେ ଏହାର ଅୟମାରମ୍ଭ ସଂସ୍କରଣ ଓ ଭଗବାନ ସାହୁଙ୍କ ରଚିତଅମୃତମୟ ଏ ବିଶ୍ୱ ଲୋକାର୍ପିତ କରାଯାଇଥିଲା । ପରିଶେଷରେ ସାମ୍ବାଦିକ ବିଘ୍ନେଶ୍ୱର ସାହୁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସିଏଏ ଉପରେ ସ୍ଥଗିତାଦେଶ....

ଭାରତର ନାଗରିକତା ପାଇଁ ଅନୁମତି ମିଳିନଥିବାରୁ କେତେକ ରାଜନୈତିକ ଏବଂ ଅଣରାଜନୈତିକ ସଂଗଠନ ଏହାକୁ ବିରୋଧ କରିଥିଲେ। ଆଇନ କାର୍ଯ୍ୟକାରୀ ନେଇ ସରକାର ଘୋଷଣା କରିବା ପରେ କେତକ ବିରୋଧୀ ଦଳ ସିଏଏକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।ସିଏଏ ସମ୍ବିଧାନର ବିରୋଧୀ ଏବଂ ଧର୍ମ ଆଧାରରେ ଭେଦଭାବ ସୃଷ୍ଟି କରୁଛି ବୋଲି ଆବେଦନକାରୀ ଅଭିଯୋଗ କରିଥିଲେ। ଆବେଦନକାରୀଙ୍କ ମଧ୍ୟରେ ଇଣ୍ଡିଆନ୍ ୟୁନିଅନ୍ ମୁସଲିମ୍ ଲିଗ୍ (କେରଳ ଭିତ୍ତିକ ରାଜନୈତିକ ଦଳ) ଏବଂ କଂଗ୍ରେସର ବିରୋଧୀଦଳର ନେତା ଜୟରାମ ରମେଶ ଏବଂ ତୃଣ ମୂଳର ମହୁଆ ମୋଇତ୍ର ସାମିଲ ଥିଲେ। ଆଜି ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ ଜେବି ପରଦିୱାଲା ଏବଂ ଜଷ୍ଟିସ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ଉପରେ ଶୁଣାଣି କରି ସ୍ଥଗିତାଦେଶ ଆବେଦନକୁ ଖାରଜ କରି ଦେଇଛନ୍ତି।

### ପିଇଓଙ୍କଠାରୁ ୪.୬୪...

ଏକ ଆପାଚିରେ ୩ ଜଣ ଦୁର୍ବୃତ୍ତ ସେମାନଙ୍କୁ ପିଛା କରିଥିଲେ। ଦୁର୍ବୃତ୍ତମାନେ ସତ୍ୟ କୁମାର ଘିଭେଲାଙ୍କ ଚଳନ୍ତା ବାଇକ୍‌କୁ ଧକ୍କା ଦେଇଥିଲେ। ଫଳରେ ସତ୍ୟ କୁମାର ଘିଭେଲା ଓ ତାଙ୍କ ସହଯୋଗୀ ପଡ଼ି ଯାଇଥିଲେ। ଏହା ପରେ ଦୁର୍ବୃତ୍ତମାନେ ବାଇକ୍ ଡିକିରୁ ଟଙ୍କା ଭର୍ତ୍ତି ବ୍ୟାଗ ନେଇ ଫେରାର ହୋଇଯାଇଥିଲେ ବୋଲି ଅଭିଯୋଗ ହୋଇଛି। ପିଇଓ ଓ ତାଙ୍କ ସହଯୋଗୀ ଆହତ ହୋଇଛନ୍ତି। ବଙ୍ଗୋମୁଣ୍ଡା ଡାକ୍ତରଖାନାରେ ସେମାନଙ୍କ ଚିକିତ୍ସା କରାଯାଇଛି। ଅନ୍ୟପକ୍ଷରେ ବଙ୍ଗୋମୁଣ୍ଡା ପୁଲିସ ଘଟଣାର ତଦନ୍ତ କରୁଛି।

### ଝୁଲନ୍ତା ଅବସ୍ଥାରେ ଯୁବତୀଙ୍କ ...

ସେତେବେଳେ ସେମାନେ ପ୍ରିୟଙ୍କାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। ମହିଳାମାନେ ଏନେଇ ପ୍ରିୟାଙ୍କ ପରିବାର ଲୋକ ଓ ପାଣିକୋଇଲି ଥାନାକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଏନେଇ ନମ୍ବର ୧୪୭/୨୪ରେ ଏକ ମାମଲା ରୁଜୁ କରିଛି। ପୁଲିସ୍ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି। ସେପଟେ ପରିବାର ଲୋକ ଆଣିଛନ୍ତି ସଙ୍ଗୀନ ଅଭିଯୋଗ। ପ୍ରିୟଙ୍କାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି।

### କଳା ପଲସରରେ ଆସି ....

ଚନ୍ଦନା ପାଖରେ ଥିବା ପାର୍ବତୀ ଇଟାଭାଟି ନିକଟରେ ଦୁଇ ଜଣ ଦୁର୍ବୃତ୍ତ ତାଙ୍କଠାରୁ ସମସ୍ତ ଟଙ୍କା ଲୁଟ୍ କରି ନେଇଥିଲେ। ଉକ୍ତ କଳା ପଲସରରେ ୨ ଜଣ ଦୁର୍ବୃତ୍ତ ଆସିଥିଲେ। ସେମାନେ ହେଲ୍‌ମେଟ୍ ପିନ୍ଧିଥିଲେ। ସେମାନେ ପଛ ପଟୁ ଆସି ହଠାତ୍ ମଞ୍ଜୁଲତାଙ୍କ ହାତରୁ ଟଙ୍କା ଭର୍ତ୍ତି ବ୍ୟାଗ୍ ଛଡ଼ାଇ ନେଇଥିଲେ। ଏହି ଘଟଣା ନେଇ ଅଭିଯୋଗ ପାଇବା ପରେ ପୁଲିସ୍ ତଦନ୍ତ ଆରମ୍ଭ କରିଛି।

### ବ୍ଲାକରୋଜ ଜାହାଜ....

କରିବାକୁ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରି ନ ଥିଲେ। ଫଳରେ ରାଜ୍ୟ ସରକାର ଅନୁମତି ନ ଦେବାରୁ ସିବିଆଇ ତଦନ୍ତ ଆରମ୍ଭ ହୋଇ ପାରିନି। ଏନେଇ ଆଜି ସିବିଆଇ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଆସନ୍ତା ଦୁଇ ସପ୍ତାହ ପରେ ପୁନର୍ବାର ହାଇକୋର୍ଟରେ ଉକ୍ତ ମାମଲାର ଶୁଣାଣି ହେବ । ଏନେଇ ହାଇକୋର୍ଟ କ'ଣ ରାୟ ପ୍ରକାଶ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର।

### ଜେଏମଏମ ଛାଡି ସଙ୍ଗେ ସଙ୍ଗେ....

ବିଧିବଦ୍ଧ ଭାବେ ସୀତା ସୋରେନ୍ ବିଜେପିରେ ସାମିଲ ହୋଇଛନ୍ତି। ଆଗକୁ ସେ ବିଜେପି ଟିକେଟ୍‌ରେ ଲୋକସଭା ନିର୍ବାଚନ ଲଢ଼ି ପାରନ୍ତି ବୋଲି କୁହାଯାଉଛି। ବିଜେପିରେ ସାମିଲ ହେବା ପରେ ସୀତା ସୋରେନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, 'ଆଜି ମୁଁ ବିଶାଳ ପରିବାରରେ ସାମିଲ ହୋଇଛି। ନରେନ୍ଦ୍ର ମୋଦିଙ୍କ ଚିନ୍ତାଧାରା ପୂରା ଭାରତ ଓ ବିଶ୍ୱକୁ ପ୍ରଭାବିତ କରୁଛି। ଚାରିଆଡେ ବିକାଶର କାର୍ଯ୍ୟ ଚାଲିଛି। ସମସ୍ତେ ମିଳିତ ଭାବେ ଦେଶର ବିକାଶରେ ସହଯୋଗ କରୁଛନ୍ତି। ଆଜି ସମସ୍ତେ ଏହି ପରିବାରରେ ଯୋଗ ଦେଉଛନ୍ତି। ଝାଡଖଣ୍ଡ ଆଜି ବି ବିକାଶ ଠାରୁ ବହୁ ଦୂରରେ। ଆମକୁ ଝାଡଖଣ୍ଡକୁ ବଞ୍ଚାଇବାକୁ ପଡିବ ଏବଂ ନ୍ୟାୟ ଦେବାକୁ ହେବ। ସେଥିପାଇଁ ମୁଁ ମୋଦି ଜି'ଙ୍କ ପରିବାରରେ ଯୋଗ ଦେଇଛି।' ଦୁର୍ଗା ସୋରେନଙ୍କ ପତ୍ନୀ ସୀତା ସୋରେନ ଜେଏମଏମର ବିଧାୟକ ଥିଲେ। ସେ ତାଙ୍କର ଇସ୍ତଫାପତ୍ର ପାର୍ଟି ମୁଖ୍ୟ ଶିବୁ ସୋରେନଙ୍କ ନିକଟକୁ ପଠାଇ ଦେଇଛନ୍ତି । ସେ ପରିବାର ଓ ପାର୍ଟି ଉପରେ ଅଣଦେଖା ଓ ଷଡଯନ୍ତ୍ର ଅଭିଯୋଗ ଆଣି ଇସ୍ତଫା ଦେଇଛନ୍ତି।

### ଯୋଗଗୁରୁ ବାବା ରାମଦେବଙ୍କୁ ...

ଏହି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଦୁଇ ସପ୍ତାହ ପରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଏହା ପୂର୍ବରୁ ସୁପ୍ରିମକୋର୍ଟ ଯୋଗଗୁରୁ ରାମଦେବଙ୍କୁ ନୋଟିସ ଜାରି କରି କୋର୍ଟକୁ ଡାକିଥିଲେ। ବିଭ୍ରାନ୍ତିକର ବିଜ୍ଞାପନ ସମ୍ପର୍କରେ ତିନି ସପ୍ତାହ ମଧ୍ୟରେ ପତଞ୍ଜଳି ଆୟୁର୍ବେଦର ପରିଚାଳନା ନିର୍ଦ୍ଦେଶକ ବାଲକ୍ରିଷ୍ଣା ଏବଂ ଯୋଗ ଗୁରୁ ରାମଦେବଙ୍କଠାରୁ କୋର୍ଟ ଉତ୍ତର ମାଗିଥିଲେ। ଏହା ବ୍ୟତୀତ ସୁପ୍ରିମକୋର୍ଟ ପତଞ୍ଜଳିର ବିଜ୍ଞାପନ ପ୍ରକାଶ କରିବା ଉପରେ ମଧ୍ୟ ରୋକ ଲଗାଇ ଦେଇଥିଲେ। ପ୍ରକୃତରେ ପତଞ୍ଜଳି ଆର୍ଯୁବେଦ କୋର୍ଟକୁ ଏକ ଅଣ୍ଡରଟେକିଂ ଲେଖିକି ଦେଇଥିଲା। କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ସେ ବିଜ୍ଞାପନ ପ୍ରକାଶିତ କରିଥିଲା। ଏଭଳି ପରିସ୍ଥିତିରେ ଜଷ୍ଟିସ ହିମା କୋହଲି ଏବଂ ଅହସାନୁଦ୍ଦିନ ଅମାନୁଉଲ୍ଲାଙ୍କ ବେଞ୍ଚ ଅସନ୍ତୋଷ ବ୍ୟକ୍ତ କରି ରାମଦେବ ଏବଂ ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କଠାରୁ ଜବାବା ମାଗିଥିଲେ। କିନ୍ତୁ ଯେତେବେଳେ କୌଣସି ଉତ୍ତର ମିଳିନଥିଲା, ସେତେବେଳେ କୋର୍ଟ ଉଭୟଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଉଭୟଙ୍କ ବିରୋଧରେ ଅବମାନନା ନୋଟିସ ଜାରି କରିଛନ୍ତି। କୋର୍ଟ କହିଛନ୍ତି, ଆମେ ପତଞ୍ଜଳିର ବିଜ୍ଞାପନ ଦେଖିଛୁ। ଅଦାଲତରେ ଦିଆଯାଇଥିବା ଅଣ୍ଡରଟେକିଂକୁ ଦୃଷ୍ଟିରେ ରଖି ରାମଦେବଙ୍କୁ ତାଙ୍କ ବିରୋଧରେ ଅବମାନନା ପ୍ରକ୍ରିୟା କାହିଁକି ଆରମ୍ଭ କରାଯିବା ଉଚିତ ନୁହେଁ ତାହା କହିବାକୁ ହେବ। ସେ ଡ୍ରଗ୍ସ ଏବଂ ମ୍ୟାଜିକ୍ ରେମେଡିଜ୍ ଆକ୍ଟ ୧୯୫୪କୁ ମଧ୍ୟ ଉଲ୍ଲଂଘନ କରିଛନ୍ତି। ଏହି ଆଇନର ଧାରା ୩ ରକ୍ତଚାପ, ମଧୁମେହ, ଆର୍ଥ୍ରାଇଟିସ୍, ଆଜମା ଇତ୍ୟାଦି ରୋଗ ଦୂର କରିବା ପାଇଁ ପ୍ରଚାରକୁ ବାରଣ କରିଛି। ପତଞ୍ଜଳିଙ୍କ ତରଫରୁ ବରିଷ୍ଠ ଓକିଲ ମୁକୁଲ ରୋହତଗୀ କୋର୍ଟକୁ କହିଛନ୍ତି ଯେ ପତଞ୍ଜଳି ସହିତ ବାବା ରାମଦେବଙ୍କର କୌଣସି ସମ୍ପର୍କ ନାହିଁ। କୋର୍ଟ ସେମାନଙ୍କ କଥା ଶୁଣିବା ଉଚିତ୍। ଏହା ଉପରେ ବେଞ୍ଚ କହିଛନ୍ତି, ବାବା ରାମଦେବ ଆମ ନିର୍ଦ୍ଦେଶ ପରେ ମଧ୍ୟ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ତାଙ୍କୁ କେବଳ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ତାଙ୍କୁ ଏହାର ଉତ୍ତର ଦେବାକୁ ଦିଅନ୍ତୁ। ବାସ୍ତବରେ ଭାରତୀୟ ମେଡିକାଲ୍ ଆସୋସିଏସନ ସୁପ୍ରିମକୋର୍ଟରେ ଏକ ପିଟିସନ ଦାଖଲ କରି କହିଥିଲେ ଯେ ପତଞ୍ଜଳି ଆୟୁର୍ବେଦର ବିଜ୍ଞାପନ ମିଥ୍ୟା ଦାବି କରୁଛି ଏବଂ ଏହା ବିଭ୍ରାନ୍ତିକର ବୋଲି ଅଭିଯୋଗ କରିଥିଲା।

### ମେଂଟ ଚର୍ଚ୍ଚାକୁ ନୂଆମୋଡ଼ ଦେଲେ ପାଣ୍ଡିଆନ:...

ରାଜ୍ୟରେ ସରକାର ଗଢ଼ିବା ପାଇଁ ବିଜେଡିକୁ କାହା ସହ ମେଂଟ କରିବାର ଆବଶ୍ୟକତା ନାହିଁ । ସେହିପରି ସମସ୍ତ ସର୍ଭେ କହୁଛି କେନ୍ଦ୍ରରେ ନରେନ୍ଦ୍ର ମୋଦି ପୁଣିଥରେ ପ୍ରଧାନମନ୍ତ୍ରୀ ହେବେ । କେନ୍ଦ୍ରରେ ବିଜେପିକୁ ସରକାର ଗଢ଼ିବା ପାଇଁ ବିଜେଡିର ସହାୟତା ଦରକାର ପଡ଼ିବ ନାହିଁ । ତେଣୁ ନିର୍ବାଚନୀ ଗଣିତ ପାଇଁ ବିଜେଡି କିମ୍ବା ବିଜେପି ଉଭୟଙ୍କୁ ମେଂଟର ଆବଶ୍ୟକତା ନାହିଁ। ତେବେ ଦୁଇ ମହାନ ନେତା(ନରେନ୍ଦ୍ର ମୋଦି ଓ ନବୀନ ପଟ୍ଟନାୟକ) ବୃହତ୍ତର ଉଦ୍ଦେଶ୍ୟ ପାଇଁ ଏକାଠି ହେବାକୁ ଚାହୁଁଛନ୍ତି । ଦୁଇ ମହାନ ବ୍ୟକ୍ତିଙ୍କର ରାଷ୍ଟ୍ରନୀତି ଦୃଷ୍ଟିରୁ ଗୁରୁତ୍ୱ ରହିଛି । ଏହା ସହ ରାଜନୀତିର କୌଣସି ଦେଣନେଣ ନାହିଁ । ଏହାର ଭୋଟ୍ ଉଦ୍ଦେଶ୍ୟ ଉଭୟ ବିଜେଡି କିମ୍ବା ବିଜେପି ପାଇଁ ମଧ୍ୟ ନାହିଁ । ତେଣୁ ଏହା ଦୁଇ ବ୍ୟକ୍ତିଙ୍କର ପରସ୍ପର ମଧ୍ୟରେ ଥିବା ବନ୍ଧୁତ୍ୱ । ଯାହାକି ରାଜନୀତିରୁ ଊର୍ଦ୍ଧ୍ୱରେ। ଯାହାକି ବିରଳ ରାଷ୍ଟ୍ରନୀତି। ସେ ନବୀନ ପଟ୍ଟନାୟକଙ୍କୁ ନିଜର ଗୁରୁ ବୋଲି ଅଭିହିତ କରିବା ସହ ତାଙ୍କର ଅନୁଗାମୀ ଭାବେ ତାଙ୍କୁ ସହାୟତା କରିବା ପାଇଁ ରାଜନୀତିରେ ସାମିଲ ହୋଇଥିବା କହିଛନ୍ତି । ରାଜ୍ୟରେ ନବୀନ ପଟ୍ଟନାୟକ ସରକାର ଏବେ 'ଧାର୍ମିକ ଗଭର୍ଣ୍ଣାନ୍ସ'ରେ ବିଶ୍ୱାସ କରୁଛନ୍ତି । ତେଣୁ ସବୁ ଧର୍ମର ଲୋକଙ୍କ ବିଶ୍ୱାସ ସହ ଜଡ଼ିତ ଉପାସନାସ୍ଥଳୀର ପୁନରୁଦ୍ଧାର ଉପରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟ କରୁଛନ୍ତି । ହିନ୍ଦୁ, ମୁସଲିମ, ଖ୍ରୀଷ୍ଟିୟାନ, ଶିଖ୍ ଏପରିକି ଆଦିବାସୀଙ୍କ ପୂଜାସ୍ଥଳୀର ବିକାଶ ଦିଗରେ ସରକାର ପଦକ୍ଷେପ ନେଇଛନ୍ତି । ନବୀନ ପଟ୍ଟନାୟକ ସରକାର ସ୍ପିରିଚୁଆଲ ଗଭର୍ଣ୍ଣାନ୍ସରେ ବିଶ୍ୱାସ କରନ୍ତି । ନବୀନଙ୍କ ପାଇଁ ଲୋକଙ୍କ ସେବା ହେଉଛି ଗୁରୁତ୍ୱପୂର୍ଣ୍ଣ ଓ ସେ ସର୍ବଦା ସେ ଦିଗରେ କାର୍ଯ୍ୟ କରିଥାନ୍ତି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି। ତେବେ ମେଂଟକୁ ନେଇ ଯାହା ହେବ ତାହା ସମସ୍ତେ ଜାଣିବା ବୋଲି କହି ମେଂଟ ସସପେନ୍ସକୁ ପାଣ୍ଡିଆନ ଜାରି ରଖିବାକୁ ପ୍ରୟାସ କରିଛନ୍ତି। ଅନ୍ୟପକ୍ଷରେ ଆଜି ବିଜେପିର ବରିଷ୍ଠ ବିଧାୟକ ପ୍ରଦୀପ କୁମାର ନାଏକ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ବିଜେପି ୧୪୭ ବିଧାନସଭା ଓ ୨୧ ଲୋକସଭା ଆସନରେ ଲଢ଼ିବା ପାଇଁ ପ୍ରସ୍ତୁତ ଅଛି । ବିଜେପି ଏକାକୀ ଲଢ଼ିବା ପାଇଁ ପ୍ରସ୍ତୁତ ହେଉଛି । ସେଥିପାଇଁ ଗାଁକୁ ଚାଲ, ବୁଥକୁ ଚାଲ୍ ଭଳି ଅଭିଯାନ କରୁଛି। ନିଜେ ପ୍ରସ୍ତୁତ ନଥିଲେ କୌଣସି ସ୍ତରରେ ମେଂଟ ହେଲେ ଆଲୋଚନା କରିହେବ ନାହିଁ । ମେଂଟ ନିଷ୍ପତ୍ତି ରାଜ୍ୟ ଶାଖା କରିପାରିବ ନାହିଁ । ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରୀୟ ଅଧ୍ୟକ୍ଷ ହିଁ ଚାହିଁଲେ ମେଂଟ ହୋଇପାରେ । ରାଜ୍ୟ ଯାହା ସ୍ଥିର କରିଛି ତାହା କେନ୍ଦ୍ରକୁ ଜଣାଇବାର ଆବଶ୍ୟକତା ଅଛି । ମେଂଟ ସମ୍ପର୍କରେ କିଛି କହିବାର ଅଧିକାର ମୋର ନାହିଁ । ରାଷ୍ଟ୍ରୀୟ ସଭାପତି ଓ ରାଜ୍ୟ ସଭାପତି ଯାହା କରିପାରିବେ ବୋଲି ଶ୍ରୀ ନାଏକ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ବିଜେପି ଓ ବିଜେଡି ମଧ୍ୟରେ ସମ୍ଭାବ୍ୟ ମେଂଟକୁ ନେଇ ଗତ ୧୫ଦିନ ଧରି ଜୋରସୋରରେ ଚର୍ଚ୍ଚା ଚାଲିଥିଲେ ମଧ୍ୟ ଉଭୟ ଦଳର ଶୀର୍ଷ ନେତୃତ୍ୱ ରାଜ୍ୟବାସୀଙ୍କ ଆଗରେ ସ୍ପଷ୍ଟ ଚିତ୍ର ରଖିବାରେ ସକ୍ଷମ ହୋଇନାହାନ୍ତି। ଯେଉଁଥିପାଇଁ ମେଂଟକୁ ନେଇ ଉଭୟ ଦଳର ନେତା ଓ କର୍ମୀ ଦ୍ୱନ୍ଦ୍ୱରେ ରହିଥିବା ଜଣାପଡ଼ିଛି।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ସାହାରା ଇଣ୍ଡିଆ ମିଳିତ ମଞ୍ଚର ବିକ୍ଷୋଭ ସମାବେଶ ଆଜି

ବାଲେଶ୍ୱର, ୧୯/୩ (ନି.ପ୍ର): ସାହାରା ଇଣ୍ଡିଆ ଜମାକାରୀ ଓ କାର୍ଯ୍ୟକର୍ତ୍ତା ମିଳିତ ମଞ୍ଚ ପକ୍ଷରୁ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଆସନ୍ତାକାଲି ୨୦ ତାରିଖ ବୁଧବାର ଦିନ ବାଲେଶ୍ୱର ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ବିକ୍ଷୋଭ ସମାବେଶ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଗତ ସପ୍ତାହରେ ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ରେମୁଣା, ଗୋପାଳପୁର, ସୋର, ନୀଳଗିରି ଓ ଖଇରା ଅଞ୍ଚଳରେ ମଞ୍ଚ ପକ୍ଷରୁ ବୈଠକ ଓ ସାଧାରଣ ସଭାମାନ ଅନୁଷ୍ଠିତ ହୋଇ ପ୍ରସ୍ତାବିତ ଆନ୍ଦୋଳନକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଆଜି ମଙ୍ଗଳବାର ଦିନ ତମାମ ବାଲେଶ୍ୱର ସହର ଓ ସହର ସଂଲଗ୍ନ ଅଞ୍ଚଳମାନଙ୍କରେ ବ୍ୟାପକଭାବେ ମାଇକ ପ୍ରଚାର କରାଯାଇ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଛି। ଆସନ୍ତାକାଲି ଦିନ ୧୦ଟାରେ ବାଲେଶ୍ୱର ରେଳଷ୍ଟେସନରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବାପରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଫାଟକ ସମ୍ମୁଖରେ ପହଞ୍ଚିବ। ବାଲେଶ୍ୱର ସିଭିଲ୍ ସୋସାଇଟି ଏହି ଦାବି ଓ ଆନ୍ଦୋଳନକୁ ସମର୍ଥନ ଜଣାଇଥିବାରୁ ସୋସାଇଟିର କର୍ମକର୍ତ୍ତାମାନେ ଆସନ୍ତାକାଲିର ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

କେନ୍ଦ୍ର ସରକାରଙ୍କ ପରିଚାଳିତ ସଂସ୍ଥା 'ସେବି' ଓ ସାହାରା ଇଣ୍ଡିଆ କମ୍ପାନୀର ବିବାଦ ପାଇଁ ନିରୀହ ଜମାକାରୀ ଓ ଏଜେଣ୍ଟମାନେ ପ୍ରାୟ ଗତ ୫ ବର୍ଷ ଧରି ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଜମା ଅର୍ଥ ମହଜୁଦ ଥିଲେ ମଧ୍ୟ ଜମାକାରୀମାନେ ଏହି ବିବାଦ କାରଣରୁ ଅର୍ଥ ଫେରିପାଉନାହାନ୍ତି। ଇତିମଧ୍ୟରେ ସାହାରା ଇଣ୍ଡିଆର ବହୁ ଅଫିସ୍ ବନ୍ଦ ହୋଇଗଲାଣି ଓ ଅନ୍ୟ କେତେକ ଅଫିସ୍‌ରେ କର୍ମଚାରୀ ସଂଖ୍ୟା ହ୍ରାସ ପାଇଛି। ତେଣୁ ଏହି ଆନ୍ଦୋଳନରେ ସାହାରା ଇଣ୍ଡିଆ ସହ ସଂପୃକ୍ତ ସମସ୍ତ ଜମାକାରୀ ଓ ଏଜେଣ୍ଟମାନେ ଯୋଗଦେବାକୁ ମିଳିତ ମଞ୍ଚର ସଭାପତି ମନୋରଞ୍ଜନ ମଲ୍ଲିକ ଓ ସଂପାଦକ କାର୍ତ୍ତିକ ଚାନ୍ଦ ପ୍ରମୁଖ ନିବେଦନ କରିଛନ୍ତି।

## ନିଆଁରେ ପୋଡ଼ି ହୋଇଥିବା ଶିଶୁପୁତ୍ରକୁ ସହାୟତାର ହାତ ବଢାଇଲା ସ୍ୱର୍ଣ୍ଣଚୂଡ ଯୁବ ମହୋତ୍ସବ

ନୀଳଗିରି, ୧୯/୩ (ନି.ପ୍ର): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ୍ ଶ୍ୟାମସୁନ୍ଦରପୁର ପଞ୍ଚାୟତ ସନ୍ତରାଗଡିଆ ନିକଟସ୍ଥ ଦଳଦଳି ଗ୍ରାମର ବିଜୁ ମୁଦୁଲିଙ୍କ ୪ବର୍ଷର ନାବାଳକ ଶିଶୁପୁତ୍ର ଚନ୍ଦ୍ରକାନ୍ତ ମୁଦୁଲି ଅସାବଧାନତା ବଶତଃ ନିଆଁରେ ପୋଡ଼ି ହୋଇ ଗୁରୁତର ଅବସ୍ଥାରେ କଟକ ବଡ଼ମେଡ଼ିକାଲରେ ଅସ୍ଥିଶଲ୍ୟ ବିଭାଗରେ ଚିକିତ୍ସିତ ହେଉଛନ୍ତି। ଶିଶୁଟିର ଅବସ୍ଥା ସଙ୍ଗୀନ ଥିବାବେଳେ ବାପା ଅତ୍ୟନ୍ତ ଗରିବ ଥିବାରୁ ଶିଶୁଟିର ଚିକିତ୍ସା ପାଇଁ ଆର୍ଥିକ ସାହାଯ୍ୟ ପାଇଁ ସୋସିଆଲ ମିଡିଆରେ ନିବେଦନ କରିଥିଲେ। ଖବର ପାଇ ନୀଳଗିରିର ଅଗ୍ରଣୀ ବେସରକାରୀ ସଂଗଠନ ସ୍ୱର୍ଣ୍ଣଚୁଡ ଯୁବ ମହୋତ୍ସବ କମିଟି ତରଫରୁ ୩୦ହଜାର ଟଙ୍କା ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଏହି ଅବସରରେ କମିଟିର ବରିଷ୍ଠ ସଭ୍ୟ ସବ୍ୟସାଚୀ ମହାପାତ୍ରଙ୍କ ନେତୃତ୍ୱରେ ସନ୍ତୋଷ ମହାପାତ୍ର, ଚିନ୍ମୟ ଶରଣ ରାଉତ, ଲକ୍ଷ୍ମୀଧର ବାରିକ, ବିଦ୍ୟାଧର ଖଟୁଆ, ଦେବାଶିଷ ରାଉତ, ନିଗମ ରାଉତ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ରହି ଆର୍ଥିକ ସହାୟତାରେ ସହଯୋଗ କରିଥିଲେ। ତେବେ ଏଭଳି ପରିସ୍ଥିତିରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସମାଜସେବୀ, ସହୃଦୟବ୍ୟକ୍ତି ବିଶେଷ ସହଯୋଗର ହାତ ବଢାଇଲେ ନିଷ୍ପାପ ଶିଶୁଟି ଆରୋଗ୍ୟ ହୋଇପାରନ୍ତା।

## ଗଡ଼ଚିରୌଲିରେ ପୋଲିସ-ନକ୍ସଲ ସଂଘର୍ଷ: ୪ ନକ୍ସଲ ନିହତ

ଗଡ଼ଚିରୌଲି, ୧୯/୩ (ନି.ପ୍ର): ମହାରାଷ୍ଟ୍ର-ଛତିଶଗଡ଼ ସୀମାର କୋଲାମରକା ଜଙ୍ଗଲରେ ଆଜି ମଙ୍ଗଳବାର ତେଲେଙ୍ଗାନାରୁ ଗଡ଼ଚିରୌଲିରେ ପଶିଥିବା ନକ୍ସଲ ଓ ପୋଲିସ ମଧ୍ୟରେ ଭୀଷଣ ସଂଘର୍ଷରେ ୪ ଜଣ ନକ୍ସଲ ନିହତ ହୋଇଛନ୍ତି । ତନ୍ମଧ୍ୟରେ ରହିଛି ନକ୍ସଲବାଦୀ କ୍ଷେତ୍ରିୟ ସମିତିର ସଦସ୍ୟ ବର୍ଗେଶ, ମଂଗି ଇନ୍ଦ୍ରବେଲି କ୍ଷେତ୍ର ସମିତିର ସଚିବ କୁଂମରାମ ଭୀମ, ସିରପୁର ଚେନ୍ନୁର କ୍ଷେତ୍ର ସମିତିର ସଦସ୍ୟ ରାଜୁ କୁରସାଂଗ ଏବଂ କୁଛିମେଟ୍ଟା ବ୍ୟଂକଟେଶ ସାମିଲ୍ ଅଛନ୍ତି ।

ପୋଲିସକୁ ସୂଚନା ମିଳିଥିଲା ଯେ, ତେଲେଙ୍ଗାନାର କିଛି ମାଓବାଦୀ ସୋମବାର ଦ୍ୱିପ୍ରହରରେ ପ୍ରାଣହିତା ନଦୀ ପାର୍ ହୋଇ ଗଡ଼ଚିରୌଲିରେ ପ୍ରବେଶ କରିଥିଲେ । ଏହାପରେ ଆଂଟି ନକ୍ସଲ ସ୍କ୍ୱାଡ୍ ର ଆଡିସିନାଲ ଏସପି ଯତିଶ ଦେଶମୁଖଙ୍କ ନେତୃତ୍ୱରେ ସି-୬୦ ଏବଂ ସିଆରପିଏଫ କ୍ୟୁ.ଏ.ଟି. ର କେତେକ ଟିମ୍ ଅହେରି ଉପ ପୋଲିସ ମୁଖ୍ୟାଳୟରୁ ନକ୍ସଲଙ୍କ ତଲାସରେ ଲାଗି ପଡିଥିଲେ ।

ଆଜି ରେପନପଲ୍ଲୀରୁ ୫ କି.ମି. ଦୂର କୋଲାମରକାର ପାହାଡ଼ରେ ତଲାସୀ ଅଭିଯାନ ବେଳେ ଯବାନ ମାନଙ୍କ ଉପରକୁ ଆଖିବୁଜା ଗୁଳିଚାଳନା କରିଥିଲେ ନକ୍ସଲ । ଯବାନମାନେ ନକ୍ସଲ ମାନଙ୍କୁ ଏହାର ପାଲଟା ଜବାବ ଦେଇଥିଲେ । ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ଶେଷ ହେବା ପରେ ସମ୍ପୃକ୍ତ ଅଂଚଳରେ ସର୍ଚ୍ଚ ଅପରେସନ ବେଳେ ଏହି ୪ ଜଣ ନକ୍ସଲଙ୍କ ଶବ ଜବତ ହୋଇଥିଲା ।

# ଡ୍ରେନ ନିର୍ମାଣରେ ତ୍ରୁଟି ନେଇ ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ବରିଷ୍ଠ ନାଗରିକ ମଞ୍ଚ ସଭ୍ୟ



ନୀଳଗିରି , ୧୯/୩ (ନି.ପ୍ର): ନୀଳଗିରି ସହର ମଧ୍ୟସ୍ଥଳରେ ପୁରୁଣା କଚେରୀ କାର୍ଯ୍ୟାଳୟ ସହ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅବସ୍ଥିତ। ସହରର ସୌନ୍ଦର୍ଯ୍ୟକରଣ, ଗମନା ଗମନ ଏବଂ ସହରର ପାଣି ନିଷ୍କାସନ ପାଇଁ ନୂତନ ଭାବରେ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନନିର୍ମାଣ କାର୍ଯ୍ୟ ଚାଲିଛି। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦକ୍ଷିଣ ପାର୍ଶ୍ୱରେ ଥିବା ଗେଟ୍ ଏବଂ ଡ୍ରେନ କାମ ପୂର୍ବରୁ ସରିଥିବା ବେଳେ ବର୍ତ୍ତମାନ କାର୍ଯ୍ୟାଳୟ ଉତ୍ତର ପଶ୍ଚିମ ପଟରେ ଡ୍ରେନ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ମାତ୍ର ଡ୍ରେନ ନିର୍ମାଣରେ ବ୍ୟାପକ ଅନିୟମିତତା ଏବଂ ତ୍ରୁଟିଥିବା ଦର୍ଶାଇ ନୀଳଗିରି ବରିଷ୍ଠ ନାଗରିକ ମଞ୍ଚର ସଭ୍ୟ ପ୍ରଫୁଲ୍ଲ କୁମାର ମହାନ୍ତି ବାଲେଶ୍ୱର ଜିଲ୍ଲାପାଳଙ୍କୁ ଚିଠି ଲେଖି ଘଟଣାର ତଦନ୍ତ ସହ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଦାବୀ କରିଛନ୍ତି। ଉକ୍ତ ଡ୍ରେନ ନିର୍ମାଣପାଇଁ ରାସ୍ତା ପାର୍ଶ୍ୱରେ ଥିବା ଦୋକାନ ଗୃହ ଗଛ ଅପସାରଣ କରାଯାଇଥିବା ବେଳେ ପଶ୍ଚିମ ଉତ୍ତର ଦିଗରେ ଥିବା ପୁରୁଣା ଗେଟ୍‌କୁ ଅପସାରଣ କରାନଯାଇ ଡ୍ରେନକୁ ବଙ୍କେଇ ନିର୍ମାଣ କରାଯାଉଥିବା କାହା ସ୍ୱାର୍ଥରେ ବୋଲି ଅଭିଯୋଗ ଆଣିଛନ୍ତି ଶ୍ରୀଯୁକ୍ତ ମହାନ୍ତି। ଯେତେବେଳେ କି ତତ୍କାଳୀନ ବାଲେଶ୍ୱର ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଦକ୍ଷିଣ ପାର୍ଶ୍ୱରେ ଥିବା ଗେଟ୍‌କୁ ଭାଙ୍ଗି ନୂତନ ଭାବେ ଗେଟ୍ ନିର୍ମାଣ କରାଇଥିଲେ। ଏନେଇ ମଙ୍ଗଳବାର ଶ୍ରୀଯୁକ୍ତ ମହାନ୍ତି ଜିଲ୍ଲାପାଳଙ୍କ ସହିତ ନୀଳଗିରି ଉପଜିଲ୍ଲାପାଳ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବାଲେଶ୍ୱର, ପୂର୍ତ୍ତବିଭାଗ ଏସଡିଓ ନୀଳଗିରିଙ୍କୁ ଅବଗତ କରିଥିବା ଜଣାଯାଇଛି।

# ଅବକାରୀ ବିଭାଗର ଚଢ଼ାଉ : ଦୁଇ ଜଣ ଗିରଫ

ବେତନଟୀ , ୧୯/୩ (ନି.ପ୍ର): ବେତନଟୀ ଅବକାରୀ ଥାନା ଅଧୀନ ବଡ଼ସାହି ଅଞ୍ଚଳରେ ଆଜି ଅବକାରୀ ବିଭାଗ ଚଢାଉ କରି ଦେଶୀ ମଦ ଓ ଗୋଟିଏ ମଟରସାଇକେଲ ସହ ଦୁଇ ଜଣଙ୍କୁ ଗିରଫ କରିଛି ଅବକାରୀ ପୁଲିସ। ଅଭିଯୁକ୍ତ ମାନେ ହେଲେ ବଡ଼ସାହି ଥାନା ଅଧୀନ ମାରକୁଣ୍ଡି ଗ୍ରାମ ସୁଜିତ କୁମାର ବେହେରା ଓ ନରେନ୍ଦ୍ର ବେହେରା ବୋଲି ଜଣାପଡିଛି। ଚଢ଼ାଉ ସମୟରେ ଦୁଇ ଜଣଙ୍କ ପାଖରୁ ମୋଟ ୨୬ ଲିଟର ଦେଶୀମଦ ସହ ଗୋଟିଏ ମୋଟରସାଇକେଲ ଜବତ କରାଯାଇଛି। ଏହି ଚଢାଉ ରେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁ, ଏସ.ଆଇ ସୁଧାଂଶୁ କୁମାର ବେହେରା, ବ୍ରମଜୀତ ଦାସ, ଲିଜା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



# କାଳ ବୈଶାଖୀ ଉଜାଡି ଦେଲା ରବି ଚାଷ: ଚାଷୀ ମୁଣ୍ଡରେ ଚଡ଼କ



ବାଲିଆପାଳ , ୧୯/୩ (ନି.ପ୍ର): ବାଲିଆପାଳ ବ୍ଲକ ସମେତ ଉତ୍ତର ବାଲେଶ୍ୱର ଅଞ୍ଚଳରେ ଗଲା ଦୁଇ ଦିନ ହେବ କାଳ ବୈଶାଖୀ ଲାଗି ରହିଛି। ଘଡ ଘଡି ପବନ ସାଙ୍ଗକୁ ବର୍ଷା ମାଡି ଆସୁଛି। ପବନ ବହିବା ଯୋଗୁଁ କେତେକ ସ୍ଥାନ ରେ ଗଛ ଭାଙ୍ଗି ପଡ଼ିବା ସହିତ ଚା ଳ ଘରୁ ଛପର ଉଡ଼ି ଯାଇଥିବା ଦେଖିବାକୁ ମିଳିଛି। ବର୍ଷା ଫଳରେ ରବି ଚାଷ ରେ କ୍ଷତି ପରି ଲକ୍ଷିତ ହୋଇଛି।ଆଳୁ , ଦେଶୀ ପିଆଜ, ରଙ୍ଗ ଆଳୁ, ଫୁଲ କୋବି, ବନ୍ଧା କୋବି, ବିଲାତି ବାଇଗଣ, କଖାରୁ, ଚିନା ବାଦାମ ଆଦି ଚାଷରେ ଚାଷୀଙ୍କର ବହୁତ କ୍ଷତି ହୋଇଛି। କେତେକ ଜମିରେ ପାଣି ମଧ୍ୟ ଜମି ରହିଛି।ରବି ପନିପରିବା ସାଇତି ରଖିବା ପାଇଁ ବାଲିଆପାଳ ବ୍ଲକ ରେ କୌଣସି ଶୀତଳ ଭଣ୍ଡାର ନ ଥିବାରୁ ଚାଷୀ ଅଧିକ କ୍ଷତି ସହୁଛନ୍ତି। ଚାଷୀମାନଙ୍କର ବାରଂବାର ଦାବି ସତ୍ତ୍ୱେ ସରକାରୀ ସ୍ତରରେ କୌଣସି ଉଦ୍ୟମ ନାହିଁ। ଲୋକ ପ୍ରତିନିଧି ମାନେ ମଧ୍ୟ ଅସହାୟ। ବିକ୍ରି ବଟା ପାଇଁ ସେମିତି କିଛି ସୁବିଧା ସୁଯୋଗ ନାହିଁ। ରବି ଋତୁ ରେ ବାଲିଆପାଳ ବ୍ଲକ ର ସୁବର୍ଣ୍ଣ ରେଖା ନଦୀ ଅବବାହିକା ଓ ବଙ୍ଗୋପ ସାଗର କୂଳ ରେ ପ୍ରଚୁର ପରିମାଣ ରେ ପନି ପରିବା ଚାଷ ହୋଇ ଥା ଏ। ଅନନ୍ତ କୁମାର ରାଉତ, ଅନନ୍ତ କୁମାର ଜେନା, ଶରତ କୁମାର ପ୍ରଧାନ, କୁଶ ମାଣିକ , ବୈରାଗୀ ଚରଣ ଗିରି, ସୁଦାମ ଚରଣ ଦାସ ପ୍ରମୁଖ ଚାଷୀ ମାନେ ଚାଷୀଙ୍କୁ କ୍ଷତି ପୂରଣ ଦେବା କୁ ଦାବି କରିଛନ୍ତି। ଅଧିକ ଦିନ କାଳ ବୈଶାଖୀ ଲାଗି ରହିଲେ ଚାଷ ସମୂଳେ ନଷ୍ଟ ହୋଇ ଯିବ ବୋଲି ଉପରୋକ୍ତ ଚାଷୀ ମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

## 'ସଂସ୍କୃତ' ଇଚ୍ଛାଧିନ ନୁହେଁ ବାଧ୍ୟତାମୂଳକ ହେଉ : ରଂଜନ ପ୍ରହରାଜ

ଉଦଳା , ୧୯/୩ (ନି.ପ୍ର): 'ସଂସ୍କୃତ' କୁ ଇଚ୍ଛାଧିନ ନୁହେଁ , ବାଧ୍ୟତାମୂଳକ ବିଷୟ ଭାବରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ରଖାଯାଉ ବୋଲି ବ୍ରାହ୍ମଣ ମହାସଭାର କପ୍ତିପଦା ଉପଖଣ୍ଡ ସଂପାଦକ ରଂଜନ ପ୍ରହରାଜ ଦାବି ଜଣାଇଛନ୍ତି । ସେ କହିଛନ୍ତି ସଂସ୍କୃତ ଭାଷା ପାଇଁ ଆମ ଦେଶ ଭାରତର ରହିଛି ସ୍ୱତନ୍ତ୍ର ପରିଚୟ । କିନ୍ତୁ ଆଜି ଏହାକୁ ଏକ ମୃତ ଭାଷା ବୋଲି କହି ଅଣଦେଖା କରାଯାଉଛି । ଯାହାକି ଦୁଃଖଦାୟକ ବିଷୟ ବୋଲି ସଂପାଦକ ଶ୍ରୀଯୁକ୍ତ ପ୍ରହରାଜ କହିଛନ୍ତି । ସଂସ୍କୃତ ଭାଷାର ବହୁଳ ବ୍ୟବହାର ଓ ଏହାର ପ୍ରଚାର ପ୍ରସାର ପାଇଁ ବ୍ରାହ୍ମଣ ମହାସଭା ଉଦ୍ୟମ ଜାରି ରଖିଛି ବୋଲି ସେ ସୂଚନା ପ୍ରଦାନ କରିବା ସହ ଏଣିକି ପ୍ରତିବର୍ଷ ମହାସଭା ତରଫରୁ ସଂସ୍କୃତ ଦିବସ ପାଳନ କରାଯିବ ବୋଲି ଜଣାଇଛନ୍ତି ।

# କାଳବୈଶାଖୀ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଖୋର୍ଦ୍ଧା , ୧୯/୩ (ନି.ପ୍ର): ଜିଲ୍ଲାପାଳ ଶ୍ରୀ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାର ଜିଲ୍ଲାର ସମ୍ଭାବ୍ୟ କାଳେବୈଶାଖୀ ମୁକାବିଲା ନିମେନ୍ତ ଏକ ସମୀକ୍ଷା ବୈଠକ ଆଭାସି ମାଧ୍ୟମେର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି ହେବା ପେର ସଂପୃକ୍ତ ବିଭାଗଗୁଡ଼ିକୁ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ନିେର୍ଦ୍ଦଶ ଦେଇଛନ୍ତି । କେତେକ ଜାଗାର ଘଡ଼ଘଡ଼ି ସହ ବର୍ଷା, ବଜ୍ରପାତ ଏବଂ ସ୍ଥଳବିଶେଷର ଘଣ୍ଟା ପ୍ରତି ୪୦ରୁ ୫୦ କିଲୋମିଟର ବେଗର ପବନ ବୋହିବା ଆଶଙ୍କା ଥିବାରୁ ଏହାର ମୁକାବିଲା ପାଇଁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି । ଏହି ପାଣିପାଗ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ରହିବା ନେଇ ପୂର୍ବାନୁମାନ କରାଯାଇଛି । ଆବଶ୍ୟକ ସ୍ଥେଳ ତ୍ୱରିତ ସେବା ପ୍ରଦାନ ପାଇଁ ଅଗ୍ନିଶମ, ବିଦ୍ୟୁତ, ଆମ୍ବୁଲାନ୍ସ, ଡାକ୍ତରୀସବା ଏବଂ ଟେଲିଫୋନ ସେବା ପ୍ରଦାନକାରୀ ବିଭାଗଗୁଡ଼ିକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି । ବି ଏମ୍ .ସି.ର ଡେପୁଟି କମିଶନର, ଜରୁରୀ ବିଭାଗ ଙ୍କୁ ବସ୍ତି ବାସିନ୍ଦାଙ୍କ ଥଇଥାନ କରିବାକୁ ଏବଂ ଶୁଖିଲା ଖାଦ୍ୟ ଯୋଗାଇ ଦେବାକୁ ପରାମର୍ଶ ଦିଆଯାଇଛି । ଏହି ବୈଠକେର ଅନ୍ୟମାନଙ୍କ ମେଧ୍ୟର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାଫଲ୍ୟମଣ୍ଡିତ ପ୍ରଧାନ, ଉପଜିଲ୍ଲାପାଳ ଶ୍ରୀ ଦୀପ୍ତିରଞ୍ଜନ ସେଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ସୁେରନ୍ଦ୍ରନାଥ ମୁର୍ମୁ, ଜରୁରୀକାଳୀନ ଡେପୁଟି କେଲକ୍ଟର ଶ୍ରୀତପା ମିଶ୍ର, ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଅତିରିକ୍ତ ଶିକ୍ଷାଜିଲ୍ଲା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଉଦଳା , ୧୯/୩ (ନି.ପ୍ର): ମୟୂରଭଂଜ ଜିଲ୍ଲାରେ ଅତିରିକ୍ତ ଶିକ୍ଷାଜିଲ୍ଲା ଅଧିକାରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ଶଶିଧର ସିଂହ ଓ ପବିତ୍ର ମୋହନ ବାରିକଙ୍କୁ ଜିଲ୍ଲା ଶିକ୍ଷକ ସଂଘ ତରଫରୁ ଚଳିତ ମାର୍ଚ୍ଚ ୧୯ ତାରିଖ ମଙ୍ଗଳବାର ଦିନ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସଂଘର ସଭାପତି ଆରତ କୁମାର ପରିଡ଼ା ଏହାର ନେତୃତ୍ୱ ନେଇଥିବା ବେଳେ ଉପଦେଷ୍ଟା ଶିବପ୍ରସାଦ ମହାପାତ୍ର, ସଂପାଦକ ବଳରାମ ନାଥ, ଦେବବ୍ରତ ବାରିକ, ବସନ୍ତ ନାୟକ, ସୁଦର୍ଶନ ବେହେରା, ଲଳିତ କୁମାର ବେହେରା, ପ୍ରଦୀପ କୁମାର ଦେ, ଦିଲିପ କୁମାର ଘୋଷ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସଭାପତି ଶ୍ରୀଯୁକ୍ତ ପରିଡ଼ା ମୟୂରଭଂଜ ଜିଲ୍ଲା ଆୟତନରେ ସର୍ବ ବୃହତମ ଜିଲ୍ଲା ଭାବରେ ପରିଗଣିତ ହେଉଥିବାରୁ ଏଠାରେ ୨ ଜଣ ଅତିରିକ୍ତ ଶିକ୍ଷା ଜିଲ୍ଲା ଅଧିକାରୀଙ୍କର ଆବଶ୍ୟକତା ରହିଛି । ଶିକ୍ଷାଜିଲ୍ଲା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କାର୍ଯ୍ରକ୍ରମରେ ଉପସ୍ଥିତ ରହି ଶିକ୍ଷା କ୍ଷେତ୍ରରେ ମୟୂରଭଂଜକୁ ଏକ ଅଗ୍ରଣୀ ଜିଲ୍ଲା ଭାବରେ ପରିଗଣିତ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

# କୁଳଡିହା ଅଭୟାରଣ୍ୟରେ ଫୁଟିଲା ଗୁଳି: ଦୁଇ ବନ କର୍ମଚାରୀ ଗୁରୁତର

## କଟକ ବଡ଼ମେଡିକାଲ ସ୍ଥାନାନ୍ତର, ବନ୍ଧୁକ ସହ ଶିକାରୀ ଗିରଫ



ନୀଳଗିରି, ୧୯/୩ (ନି.ପ୍ର): ଓଡ଼ିଶା ସମେତ ସାରା ଭାରତବର୍ଷରେ କୁଳଡିହା ବନ୍ୟପ୍ରାଣୀ ଅଭୟାରଣ୍ୟର ସ୍ୱତନ୍ତ୍ର ପରିଚୟ ଥିବା ବେଳେ ଏବେ ଅଭୟାରଣ୍ୟରେ ଶିକାରୀଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଛି। ବିଗତ ଦୁଇବର୍ଷ ମଧ୍ୟରେ ଅନେକ ହାତୀଙ୍କ ଜୀବନ ଯାଇଥିବା ବେଳେ କିଛିଦିନ ପୂର୍ବରୁ ଶିକାରୀ ଗୁଳିରେ ଗୋଟିଏ ହାତୀର ଜୀବନ ଯାଇଥିଲା। ନିକଟରେ ଶିମିଳିପାଳରେ ଶିକାରୀଙ୍କ ଦୌରାତ୍ମ୍ୟ ଏତେ ବଢ଼ିଯାଇଥିଲା ଯେ ଏନେଇ ବନଅଧିକାରୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଶିମିଳିପାଳକୁ ଲାଗି କୁଳଡ଼ିହା ଅଭୟାରଣ୍ୟ ରହିଥିବା ବେଳେ ଏହାର ଚାରି ପାଖରେ ଅନେକ ଜନବସତି ରହିଛି। ଅଧିକାଂଶ ସମୟରେ ଉକ୍ତ ଅଞ୍ଚଳ ଗୁଡିକରେ ଦେଶୀ ବନ୍ଧୁକ ଜବତ ହୋଇଥିବା ବେଳେ ଏବେବି ଏହିସବୁ ଅଞ୍ଚଳରେ ଅନେକ ଦେଶୀ ବିଦେଶୀ ବନ୍ଧୁକ ଥିବାର ବନବିଭାଗ ସୂଚନା ପାଇଛି। ଏହାର ସୁଯୋଗ ନେଇ ଅଧିକାଂଶ ସମୟରେ ଶିକାରୀ ମାନେ ଛୋଟବଡ ପଶୁ ଶିକାର କରିବା ପାଇଁ ଅଭୟାରଣ୍ୟ ମଧ୍ୟରେ ପ୍ରବେଶ କରି ପଶୁ ଶିକାର କରନ୍ତି। ଗତ ସୋମବାର କିଛି ଶିକାରୀ ଅଭୟାରଣ୍ୟ ମଧ୍ୟରେ ଶିକାର ପାଇଁ ଯାଇଥିବା ବନବିଭାଗ ଖବର ପାଇ ପଞ୍ଚଲିଙ୍ଗେଶ୍ୱର ବିଟ୍ ଫରେଷ୍ଟ ଗାର୍ଡ ସିଂରାୟ ହେମ୍ବ୍ରମଙ୍କ ନେତୃତ୍ୱରେ ଏକ ୮ଜଣିଆ ଟିମ୍ ରାତ୍ର ୮ଟା ରୁ ପେଟ୍ରୋଲିଂରେ ଯାଇ ଶିକାରୀଙ୍କ ପିଛା କରିଥିଲେ। ରାତ୍ର ପ୍ରାୟ ୨ଟା ସମୟରେ ଅଭୟାରଣ୍ୟ ମଧ୍ୟସ୍ଥ ଧାନଶୁଆ ଚତୁରୀ ନିକଟରେ ପେଟ୍ରୋଲିଂ ଟିମ୍ ସହିତ ଦୁଇଜଣ ଶିକାରୀଙ୍କ ମୁହାଁମୁହିଁ ହୋଇଥିଲା। ଶିକାରୀ ଖସି ଯିବାକୁ ଚେଷ୍ଟା କରିଥିବା ବେଳେ ବନବିଭାଗ କର୍ମଚାରୀମାନେ ବାଧା ଦେଇଥିଲେ। ଶେଷରେ ଅନ୍ୟ ଉପାୟ ନପାଇ ଶିକାରୀ ମାନେ ନିଜ ଦେଶୀ ବନ୍ଧୁକରୁ ଗୁଳି ଚଳାଇ ଥିଲେ। ଏଥିରେ କ୍ଷିତିଶ ପରିଡା ଓ ବିରଞ୍ଚି ଜେନା ନାମକ ଦୁଇଜଣ ସବୁଜବାହିନୀ କମଚାରୀଙ୍କ ଗୋଡ଼ରେ ଗୁରୁତର ଆଘାତ ଲାଗିଥିବା ବେଳେ ଫରେଷ୍ଟ ଗାର୍ଡ ସିଂରାୟ ହେମ୍ବ୍ରମ ସାମାନ୍ୟ ଆଘାତ ପାଇଥିଲେ। ଗୁରୁତର ସବୁଜବାହିନୀ କର୍ମଚାରୀ ଦୁଇଜଣଙ୍କୁ ପ୍ରଥମେ ବାଲେଶ୍ୱର ପରେ କଟକ ବଡ଼ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଘଟଣାରେ ବନବିଭାଗ ଦୁଇଜଣ ଶିକାରୀଙ୍କୁ ଗିରଫ କରିବା ସହିତ ବନ୍ଧୁକ ଜବତ କରିଛି।ଅଭିଯୁକ୍ତ ଶିକାରୀ ହେଲେ ନୀଳଗିରି ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତ କଣ୍ଟାବଣିଆ ଗ୍ରାମର ଗୁନା ସିଂ (୩୦) ଓ ବରହମପୁର ଥାନା କଲାକାଦ ସିଆଡିମାଳ ର ସନିଆ ସିଂ (୪୦)। ଗୁରୁତର ସବୁଜବାହିନୀ କର୍ମଚାରୀ କ୍ଷିତିଶ ଓ ବିରଞ୍ଚିଙ୍କର ଏକ୍ସରେ କରାଯାଇଥିବା ବେଳେ ଜଣକ ଗୋଡ଼ରେ ଗୁଳି ରହିଥିବା ବେଳେ ଉଭୟ ବିପଦମୁକ୍ତ ଥିବା ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି। ତେବେ ଏହି ଘଟଣାରେ ଦୋଷୀଙ୍କ ବିରୁଦ୍ଧରେ ବନ୍ୟପ୍ରାଣୀ ନିରାପତ୍ତା ଆଇନ୍ ଓ ହତ୍ୟା ଉଦ୍ୟମ ଭଳି ଗୁରୁତର ଦଫା ଲାଗିବ ବୋଲି ପିସିସିଏଫ୍ ସୂଚନା ଦେଇଛନ୍ତି। ଏଥିସହିତ ଉକ୍ତ ଅଭୟାରଣ୍ୟ ଅଞ୍ଚଳରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଫୋର୍ସ ସହ ଅବସରପ୍ରାପ୍ତ ସାମରିକ ବାହିନୀ ନିଯୁକ୍ତ କରାଯାଇ ବନବିଭାଗ କର୍ମଚାରୀ ମାନଙ୍କ ମନୋବଳ ଦୃଢ଼ କରାଯିବା ସହିତ ଉକ୍ତ ଅଞ୍ଚଳରେ ବନ୍ଧୁକ ରଖିଥିବା ଲୋକମାନଙ୍କୁ ବନ୍ଧୁକ ସମର୍ପଣ କରିବାକୁ ନିବେଦନ କରିଛନ୍ତି।

# ଝାରପଡା ଜେଲରେ ଦୁଇ ଗୋଷ୍ଠୀ ମଧ୍ୟରେ ଝଗଡା ହୋଇଛି : ଡିସିପି

ଭୁବନେଶ୍ୱର, ୧୯/୩ (ନି.ପ୍ର): ଝାରପଡା ଜେଲରେ ଦୁଇ ଗୋଷ୍ଠୀ ମଧ୍ୟରେ ଝଗଡା ହୋଇଛି ବୋଲି ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ । ଝାରପଡା ଜେଲ ଗଣ୍ଡଗୋଳ ଘଟଣାରେ ପ୍ରତିକ୍ରିୟା ଦେଇ ଶ୍ରୀ ସିଂହ କହିଛନ୍ତି ଯେ, ଗିରଫ ହୋଇ ଜେଲ ରେ ଥିବା ପେସାଦାର ଅପରାଧି ଚକରା ନିଜ ସହଯୋଗୀ ଙ୍କ ସହ ଆକ୍ରମଣ କରିଛି । ଆକ୍ରମଣ ରେ ଆହତ ହୋଇଛି ଶମ୍ଭୁ ବାରିକ । ସେ ଗଂଜେଇ ମାମଲାରେ ଗିରଫ ହୋଇଥିଲା । ପ୍ରଥମେ ଜେଲ ହସ୍ପିଟାଲ ପରେ କ୍ୟାପିଟାଲ ହସ୍ପିଟାଲ ରେ ଚିକିତ୍ସା କରାଯାଇଛି । ସେ କହିଛନ୍ତିଯେ ଏ ସମ୍ପର୍କରେଲକ୍ଷ୍ମୀସାଗର ଥାନାରେ ଏନେଇ ଗୋଟିଏ ଅଭିଯୋଗ ହୋଇଛି । ଜେଲ କତୃପକ୍ଷ ଙ୍କୁ ତଥ୍ୟ ମଗାଯାଇଛି, ଜେଲ ରେ ଥିବେ ସିସିଟିଭି ତଥ୍ୟ ମଗାଯାଉଛି । ନିଶା କରବାରଙ୍କୁ ନେଇ ଗଣ୍ଡଗୋଳ ହୋଇଥିବା ନେଇ ତଦନ୍ତ ଚାଲିଛି । ଅଭିଯୁକ୍ତ ଚକରା ନାମରେ ୨୦ ରୁ ଅଧିକ ମାମଲା ରହିଛି । ଆଗକୁ ଅନ୍ୟ ଜେଲ କୁ ସ୍ଥାନାନ୍ତର ହେବାକୁ ଯୋଜନା ହୋଇଛି ବୋଲି ସେ କହିଛନ୍ତି ।

## ଖଡିଆଳ ବିଧାୟକ ଅଧିରାଜ କଂଗ୍ରେସରୁ ଦେଲେ ଇସ୍ତଫା

ଭୁବନେଶ୍ୱର, ୧୯/୩ (ନି.ପ୍ର): ଖଡିଆଳର ବିଧାୟକ ଅଧିରାଜ ପାଣିଗ୍ରାହୀ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ସେ କଂଗ୍ରେସର ସମସ୍ତ ପଦବୀ ତଥା ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଥିବା ଉଲ୍ଲେଖ କରି ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ପତ୍ର ଲେଖି ସୂଚନା ଦେଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo